

'ମନ୍ଦୋଦରୀ'
କାଜଲ
ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ◆ISSUE-322 ◆BHUBANESWAR ◆WEDNESDAY ◆21 MAY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୨୨ ◆ଭୁବନେଶ୍ୱର ◆ବୁଧବାର ◆୨୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



GROWTH DEEPLY ROOTED | FALCON AGRIFRIZ FOODS

## A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

**Rooted in Gujarat, Ready for the World.**















FALCON AGRIFRIZ FOODS (A PART OF FALCON GROUP)

**FALCON AGRIFRIZ FOODS PVT. LTD.**

Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India
Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India
Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India
E-mail: info@falconagrifriz.com | Website: www.just-crave.com

# ସରକାର ସ୍ପଷ୍ଟ କରନ୍ତୁ 'ପୋଲାଭରମ୍' ଆଭିମୁଖ୍ୟ: ବିଜେଡି

## ପ୍ରକଳ୍ପ ଦ୍ୱାରା ମାଲକାନଗିରିର ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହେବ

ଭୁବନେଶ୍ୱର,୨୦।୫(ସମିସ): ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବୈଠକରେ ଓଡିଶା ସରକାର ତାଙ୍କର ପକ୍ଷ ରଖିବେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛି ବିଜେଡି।



ଶଙ୍ଖ ଭବନରେ ଏକ ସାମ୍ବାଦିକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇଛି। ମାତ୍ର ଏହି ପ୍ରକଳ୍ପ ଦ୍ୱାରା ଓଡିଶାର ମାଲକାନଗିରି ଜିଲ୍ଲା ଉପରେ କ'ଣ ପ୍ରଭାବ ପଡିବ ତାହାର ଆକଳନ କରାଯାଇ ନାହିଁ। ପ୍ରତିବାଦରେ ଓଡ଼ିଶା ସରକାର ୨୦୦୭ରେ ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ ଓ ଅଦାଲତ ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ପରାମର୍ଶ ଏଯାଏ କାର୍ଯ୍ୟକାରୀ କରାଯାଇ ନାହିଁ। ଆଇଆଇଟି ରୁର୍କୀର ରିପୋର୍ଟ ଅନୁଯାୟୀ ବର୍ଦ୍ଧିତ କ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣିର ଉଚ୍ଚତା ୨୩୨.୨ ମିଟର ହେବ ବୋଲି ଆକଳନ କରାଯାଇଛି। ବିଡ଼ମ୍ବନା ହେଉଛି ଏ ପ୍ରସଙ୍ଗରେ ବିଜେପି ସରକାର ସମ୍ପୂର୍ଣ୍ଣ ନିରବ ଥିବାବେଳେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହାସ୍ୟାସ୍ପଦ ମନ୍ତବ୍ୟ ଦେଇଛନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଚାଲିଥିବା ବେଳେ ବିଜେପି ଏହି ପ୍ରସଙ୍ଗରେ ବଧୀର ପାଲଟି ଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ବିଜେଡି ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ନିରନ୍ତର ଲଢେଇ କରିଆସୁଛି। ସରକାରରେ ଥିଲାବେଳେ ନବୀନ ପଟ୍ଟନାୟକ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଦୃଢ଼ ଦାବି ରଖିଥିଲେ। ଏବେ ବିରୋଧୀଦଳ ଭାବେ ମଧ୍ୟ ଦଳ ଦୃଢ଼ ପ୍ରତିବାଦ କରିଆସୁଛି ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରଦୀପ ମାଝୀ କହିଛନ୍ତି ଯେ ଏହି ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ପ୍ରଭାବିତ କରିବ ଓ ମାଲକାନଗିରି ଜିଲ୍ଲାର ଆଦିବାସୀ ମାନଙ୍କ ଜୀବନ ଜୀବିକା ଉପରେ ଏହାର କ'ଣ ପ୍ରଭାବ ପଡିବ, ତାହାର କୌଣସି ଆକଳନ କରାଯାଇନାହିଁ। ଫେବୃଆରୀ ମାସରେ ମୋଟୁ ଠାରେ ହୋଇଥିବା ସମାବେଶରେ ହଜାର ହଜାର ଆଦିବାସୀମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିବା ପାଇଁ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜେ ଜଣେ ଆଦିବାସୀ ହୋଇଥିବାରୁ, ଏହି ପ୍ରସଙ୍ଗରେ ସେ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ। ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଜନ ଶୁଣାଣି କରାଯାଇ ନାହିଁ ଉଲ୍ଲେଖ କରି ସ୍ଥାନୀୟ ବିଜେପି ବିଧାୟକ ଦେଇଥିବା ମନ୍ତବ୍ୟ ମାଲକାନଗିରି ଜିଲ୍ଲାର ସ୍ୱାର୍ଥର ପରିପନ୍ଥୀ ବୋଲି କହିଛନ୍ତି।

# ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି

କଟକ,୨୦।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫-ମାଟ୍ରିକ୍ ସପ୍ଲିମେଣ୍ଟାରି ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତା ଜୁଲାଇ ୧ରୁ ଆରମ୍ଭ ହୋଇ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷା ଗୋଟିଏ ସିଟିଂରେ ହେବ। ସେହିଭଳି ଉଭୟ ପରୀକ୍ଷାର ପ୍ରଶ୍ନପତ୍ର ସମାନ ରହିବ। ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷାରେ ସମୟ ନିର୍ଘଣ୍ଟ ଅତିରିକ୍ତ ୧୫ମିନିଟ୍ ରହିବ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ଏବଂ ଅନୁପସ୍ଥିତ ରହିଥିବା ପରୀକ୍ଷାର୍ଥୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ପ୍ରଥମ ଦିନ ଜୁଲାଇ ୧ତାରିଖରେ ସାହିତ୍ୟ ପରୀକ୍ଷା, ୨ ତାରିଖରେ ସାମାଜିକ ବିଜ୍ଞାନ, ୪ ତାରିଖରେ ଗଣିତ, ୭ ତାରିଖରେ ଇଂରାଜୀ, ୯ ତାରିଖରେ ସାଧାରଣ ବିଜ୍ଞାନ, ୧୦ ତାରିଖରେ ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜୁନ୍ ୧ ଯାଏଁ ବଢ଼ିଲା +୩ ଆବେଦନ

ଭୁବନେଶ୍ୱର, ୨୦।୫(ସମିସ): +୩ ନାମଲେଖା ଅବଧି ବୃଦ୍ଧି ପାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଆଜି ଆବଦେନ କରିବାର ଶେଷ ଦିନ ଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ୧୦ଦିନ ବଢ଼ାଯାଇଛି। ପୂର୍ବରୁ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ଆବେଦନରେ କୌଣସି ତ୍ରୁଟି ଥିଲେ, ଆସନ୍ତାକାଲି ଅର୍ଥାତ୍ ୨୧ତାରିଖ ଅପରାହ୍ଣ ୪ଟାରୁ ଜୁନ୍ ୧ ମଧ୍ୟରେ ସଂଶୋଧନ କରିପାରିବେ। ସେହିପରି ଆବେଦନ କରିସାରିଥିବା ପିଲାମାନେ ଜୁନ୍ ୧ତାରିଖ ମଧ୍ୟରେ +୨ ମାର୍କ ଅପଡେଟ୍ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ, ସାମାଜିକ ପଛୁଆବର୍ଗ (ଓବିସି)ଙ୍କୁ ଚଳିତ ଶିକ୍ଷାବର୍ଷଠାରୁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାକୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପ୍ରକ୍ରିୟା ମଧ୍ୟରେ ଏସ୍ଇବିସି ପ୍ରମାଣପତ୍ର ଦାଖଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଚଳିତ ଶିକ୍ଷାବର୍ଷରେ ସମୁଦାୟ ୧୦୫୩ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୨ଲକ୍ଷ ୭୩ ହଜାର ୭୮୯ଟି ସିଟ୍ ଉପଲବ୍ଧ ରହିଛି। ହେଲେ ମାତ୍ର ୧ଲକ୍ଷ ୪୮ ହଜାର ୫୮୭ ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୧ଲକ୍ଷ ୪୪ହଜାର ୪୫୬ ପିଲା ନିର୍ଦ୍ଧାରିତ ଫି' ଦାଖଲ କରିଛନ୍ତି। ଅର୍ଥାତ୍ ସିଟ୍ ତୁଳନାରେ ମାତ୍ର ୫୩ପ୍ରତିଶତ ପିଲା ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷାବର୍ଷରେ ସନ୍ତୁଳନ ତଥା ଠିକ୍ ସମୟରେ ଆଣିବାକୁ +୨ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ କରାଯାଇଛି। ହେଲେ ଆଶାନୁରୂପ ଆବେଦନ ହୋଇପାରିନି।

# ଲାଞ୍ଚ ନେଇ ଡେପୁଟି ରେଞ୍ଜର ଗିରଫ

ରାଉରକେଲା, ୨୦।୫(ସମିସ): ଭଡ଼ାରେ ଲାଗିଥିବା ଏକ ଗାଡ଼ିର ବିଲ୍ ପାସ୍ କରାଇଦେବା ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବିଶ୍ରା ରେଞ୍ଜ କାର୍ଯ୍ୟାଳୟର ଡେପୁଟି ରେଞ୍ଜର୍ ଅସିତ ପଟ୍ଟନାୟକଙ୍କୁ ରାଉରକେଲା ଭିଜିଲାନ୍ସ ବିଭାଗ ଗିରଫ କରିଛି। ବିଶ୍ରା ରେଞ୍ଜର କାର୍ଯ୍ୟାଳୟରେ ଭଡ଼ାରେ ଲାଗିଥିବା ଏକ



ଗାଡ଼ିର ଏପ୍ରିଲ ମାସର ବିଲ୍ ପାସ୍ କରାଇବା ଏବଂ ମେ' ୧ ତାରିଖରୁ ପୁନଃ ଭଡ଼ାରେ ଲଗାଇବା ପାଇଁ ଡେପୁଟି ରେଞ୍ଜର୍ ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କୁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଗାଡ଼ି ମାଲିକ ଏନେଇ ରାଉରକେଲା ଭିଜିଲାନ୍ସ ଏସ୍ପିଙ୍କୁ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ମଙ୍ଗଳବାର ଡେପୁଟି ରେଞ୍ଜର୍ ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କଠାରୁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅଧିକାରୀମାନେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଏକାଧିକ ଟିମ୍ ଶ୍ରୀ ପଟ୍ଟନାୟକଙ୍କ କାର୍ଯ୍ୟାଳୟ, ବାସଭବନ ସମେତ ୪ଟି ସ୍ଥାନରେ ଚଢ଼ଉ ଜାରି ରଖିଛି।

■ **ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲା**

# ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ବାଲେଶ୍ୱର, ୨୦।୫ (ସମିସ): ୨୦୨୦ ମସିହାରେ ଖଇରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲାର ଆଜି ରାୟ ପ୍ରକାଶ ପାଇଛି। ବାଲେଶ୍ୱର ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଏଫ୍ଟିଏସ୍ସି) ଅନୀତା ସାହୁ ଏହି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଲେଖାଏଁ ଜେଲ୍ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ଖଇରା ଥାନା ପାଲସାହିର ମନୋରଞ୍ଜନ ଶିଅଳ, ବରପଦାର ସଞ୍ଜୟ ସାହୁ ଓ ମୋହନ ସାହୁ। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୦୨୦ ଜୁଲାଇ ୨୦ରେ ମହିଳାଙ୍କ ସ୍ୱାମୀ କୌଣସି କାମରେ ଭଦ୍ରକ ଯାଇଥିଲେ। ମହିଳାଜଣଙ୍କ ସନ୍ଧ୍ୟା ସମୟରେ ସ୍ଥାନୀୟ ଏକ ଦୋକାନକୁ ଯାଉଥିବା ବେଳେ ଗାଁ ପୋଲ ନିକଟରେ ଦୁଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ବରପଦା ସ୍କୁଲକୁ ନେଇଯାଇଥିଲେ। ସେଠାରେ ସ୍କୁଲ ଘର ମଧ୍ୟରେ ୩ ଜଣ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେହି ସମୟରେ ପୀଡ଼ିତାଜଣକ ଅଭିଯୁକ୍ତ ମନୋରଞ୍ଜନକୁ ଚିହ୍ନିପାରିଥିଲେ। ପରେ ସେ ପିନ୍ଧିଥିବା ସୁନାରୁପା ଅଳଙ୍କାର ଆଦିକୁ ଅଭିଯୁକ୍ତମାନେ ଲୁଟିନେଇ ପଳାଇଥିଲେ। ଘଟଣା ପରଦିନ, ୨୧ ତାରିଖରେ ମହିଳାଜଣଙ୍କ ଖଇରା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଦୀପକ କୁମାର ଦାସ ପରିଚାଳନା କରୁଥିଲେ।

**ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

## ଚିଟଫଣ୍ଡ ଅର୍ଥ ଫେରସ୍ତ ପ୍ରସଙ୍ଗ

# ୨୪ ଘଣ୍ଟା କହିଥିଲେ, ୧୧ ମାସ ବିତିଲାଣି

ଭୁବନେଶ୍ୱର,୨୦।୫(ସମିସ): ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ଆଣି ଚିଟ୍ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ। ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ବିଜେପିର ନେତା ଓ ନିଜେ ସଭାପତି ମନମୋହନ ସାମଲ ଏପରି ମନ୍ତବ୍ୟ ଦେଇଥିଲେ। ଇତିମଧ୍ୟରେ ୧୧ ମାସ ବିତିଲାଣି, ମାତ୍ର ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ପାଉଣା ମିଳିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସଭାପତି ଏବେ ଆଉ ଏକ ଆଶ୍ଚର୍ଯ୍ୟଜନକ ମନ୍ତବ୍ୟ ଦେଇଛନ୍ତି। ବର୍ତ୍ତମାନ ଚିଟଫଣ୍ଡର ସମସ୍ତ କାଗଜପତ୍ର ଖୋଜା ଚାଲିଛି; ଯେଉଁଦିନ ସମସ୍ତ କାଗଜପତ୍ର ମିଳିଯିବ, ସେଦିନ ଜଣେ ମଧ୍ୟ ଜମାକାରୀ ନିଜର ଅର୍ଥ ଫେରିପାଇବାରୁ ବଞ୍ଚିତ ହେବେନାହିଁ ବୋଲି କହିଛନ୍ତି ମନମୋହନ। ତାଙ୍କର ଏହି ବୟାନକୁ ନେଇ ଏବେ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ରାଜରେ ବିଜେପିର ସରକାର ଅଛି। ସବୁ ଏଜେନ୍ସି, ତଦନ୍ତକାରୀ ସଂସ୍ଥା ସରକାରଙ୍କ ହାତରେ ଅଛି। ସରକାରଙ୍କୁ କାଗଜ ଖୋଜିବାକୁ ଆଉ କେତେଦିନ ଲାଗିବ ସେନେଇ ମନମୋହନ କିମ୍ବା ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ ଚିଟଫଣ୍ଡ ଟଙ୍କା ଫେରସ୍ତ ନେଇ ମତ ରଖିଥିଲେ। ଶ୍ରୀ ସାମଲ କହିଥିଲେ ଯେ ସରକାରକୁ ଆସିବାର ପ୍ରଥମ ଦିନଠାରୁ ଚିଟ୍ଫଣ୍ଡ ବିଷୟରେ ପ୍ରକ୍ରିୟା ଚାଲିଛି। ଆପଣଙ୍କ ନିକଟରେ ଏନେଇ ଧୈର୍ଯ୍ୟ ରହିବା ଆବଶ୍ୟକ। ସରକାରଙ୍କୁ ମାତ୍ର ୧୧ ମାସ ପୂରିଛି। ଆହୁରି ୪ ବର୍ଷ ୧ ମାସ ବାକି ଅଛି। ୪୦ ଲକ୍ଷ ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷେ ଶ୍ରୀ ସାମଲଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ। ବର୍ଷେ ହେଲାଣି ରାଜ୍ୟରେ ତାଙ୍କ ସରକାର ଅଛି। ତେଣୁ ନିଜ କାନ୍ଧରୁ ଜୁଆଳି ଖସାଇ ଅନ୍ୟ ଉପରକୁ ଠେଲିଦେବା ଠିକ୍ ନୁହେଁ। କାଗଜପତ୍ର ଖୋଜିବା ଦାୟିତ୍ୱ ସେମାନଙ୍କର। ସରକାର କାଗଜପତ୍ର ଖୋଜି ବାହାର କରନ୍ତୁ। ମାତ୍ର ସବୁକଥାରେ ୨୪ ବର୍ଷର ସରକାରଙ୍କୁ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରିବା ଦୁଃଖଦାୟକ। ଯାହା କରିପାରୁନାହାଁ, ସେଥିରେ ୨୪ ବର୍ଷର ସରକାରଙ୍କୁ ଦୋଷ ଠେଲିଦେଉଛ। ଏମିତି ମନ୍ତବ୍ୟ ଦେଇ ସରକାର କେବଳ ନିଜର ଅକ୍ଷମତା ପ୍ରଦର୍ଶିତ କରୁଛନ୍ତି ବୋଲି ଡ. ସାହୁ କହିଛନ୍ତି। ସେହିପରି ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ କହିଛନ୍ତି ଯେ ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ଜରିଆରେ ଜମାକାରୀଙ୍କୁ ଅର୍ଥ ଫେରସ୍ତ ନେଇ ବିଜେପି ପ୍ରତିଶ୍ରୁତି ପ୍ରଦାନ କରିଥିଲା। ସରକାରଙ୍କୁ ବର୍ଷେ ପୂରିବାକୁ ଯାଉଛି। ତେଣୁ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ନିର୍ଦ୍ଦିଷ୍ଟ ଯୋଜନା କଣ ଅଛି ସରକାର ସର୍ବସାଧାରଣରେ ଘୋଷଣା କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

■ **ଚିଟ୍ଫଣ୍ଡ କାଗଜପତ୍ର ଖୋଜୁଛନ୍ତି ବିଜେପି ସଭାପତି**
■ **କାଗଜ ମିଳିବା ପରେ ଜମାକାରୀଙ୍କୁ ଅର୍ଥ ଫେରସ୍ତ**
■ **ବିଜେପି ସଭାପତିଙ୍କ ମନ୍ତବ୍ୟକୁ ବିଜେଡିର ସମାଲୋଚନା**

**ସରକାରରେ ଅବିଶ୍ୱାସର ବାତାବରଣ**

# ସଚିବଙ୍କୁ ମନା କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର,୨୦।୫(ସମିସ): ସରକାରରେ ସବୁକିଛି ଠିକ୍ ଚାଲିନାହିଁ। ଜଣେ ଜଣେ ମନ୍ତ୍ରୀଙ୍କ ହାତରେ ଏକାଧିକ ବିଭାଗ ଥିବାବେଳେ ସେମାନେ ବିଭାଗଗୁଡ଼ିକୁ ସମୟ ଦେଇ ପାରୁନାହାନ୍ତି। ଅନ୍ୟପକ୍ଷରେ ବିଭାଗୀୟ ନିଷ୍ପତ୍ତି ନେବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିଭିନ୍ନ କାର୍ଯ୍ୟ ବିଳମ୍ବିତ ହେଉଛି। ଏପରିକି କିଛି ବିଭାଗର ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ତାଳମେଳ ନାହିଁ ବୋଲି କୁହାଯାଉଛି। ଯାହାକୁ ନେଇ ସରକାରରେ ଏକ ଅବିଶ୍ୱାସ ବାତାବରଣ ସୃଷ୍ଟି ହୋଇଛି ଓ ସଚିବମାନଙ୍କ ପ୍ରଭାବ ହ୍ରାସ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି ଓ ଢ଼ାଞ୍ଚାଗତ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ବୈଠକରେ ବିଭାଗର ସଚିବମାନଙ୍କ ଉପସ୍ଥିତି ଉପରେ ସରକାର କଟକଣା ଲଗାଇଛନ୍ତି। ଏ ସଂକ୍ରାନ୍ତରେ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଏବଂ ସଚିବଙ୍କୁ ସୂଚନା ଦିଆଯାଇଛି।

ନୂଆ ବ୍ୟବସ୍ଥା ଅନୁସାରେ ଏଣିକି ଅନ୍ୟୁନ ୫ ଦିନ ଆଗରୁ କ୍ୟାବିନେଟ୍ ବୈଠକ ନିଷ୍ପତ୍ତି ନିଆଯିବ। କୌଣସି ଜରୁରୀ ଆବଶ୍ୟକତା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଶେଷ ମୁହୂର୍ତ୍ତରେ ଏହି ସମୟକୁ ପପରିବର୍ତ୍ତନ କରିପାରିବେ। ପୁନଶ୍ଚ କ୍ୟାବିନେଟ୍ ବୈଠକର ପ୍ରସଙ୍ଗ ନିର୍ଦ୍ଧାରଣ ୭୨ ଘଣ୍ଟା ପୂର୍ବରୁ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ କ୍ୟାବିନେଟ୍ ବୈଠକରେ କୌଣସି ପ୍ରସଙ୍ଗ ଉପସ୍ଥାପନ ହୋଇପାରିବ ନାହିଁ। ବିଭାଗଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବଗୁଡ଼ିକ ପଠାଇବେ ଓ ଏହା ଅନୁମୋଦନ ପାଇବା ପରେ ତାହା କ୍ୟାବିନେଟ୍ ବୈଠକରେ ଉପସ୍ଥାପନ ହେବ। ପୁନଶ୍ଚ ପ୍ରସ୍ତାବ ସଂକ୍ରାନ୍ତରେ ବିଭାଗୀୟ ଟିପ୍ପଣୀ ଅନିବାର୍ଯ୍ୟ ଓ ଏହା ପରେ ଅନ୍ୟ ମନ୍ତ୍ରୀମାନେ ଏ ସମ୍ପର୍କରେ ମତମନ୍ତବ୍ୟ ଦେଇ ପାରିବେ। ବିଭାଗୀୟ ସଚିବମାନେ କ୍ୟାବିନେଟ ବୈଠକ ଚାଲିଥିବା ବେଳେ ଉକ୍ତ କୋଠରୀରେ ପ୍ରବେଶ କରିବେ ନାହିଁ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ବୈଠକ କୋଠରୀକୁ ଡ଼କାଯିବ। ସଚିବମାନେ ମିଟିଂ ସ୍ଥଳକୁ ଯାଇ ବୈଠକରେ ଭାଗ ନେବେ। ବୈଠକରେ କେବଳ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ନିୟମିତ ଭାବେ ଭାଗ ନେବେ ବୋଲି ଜଣାପଡ଼ିଛି। କ୍ୟାବିନେଟରେ ଯେଉଁ ପ୍ରସ୍ତାବକୁ ଅନୁମୋଦନ କରାଯିବ, ତାହା ଯେପରି ତ୍ୱରିତ୍ ଢଙ୍ଗରେ କାର୍ଯ୍ୟନ୍ୱୟନ ହେବ ତାହାର ଦାୟିତ୍ୱ ବିଭାଗୀୟ ମନ୍ତ୍ରୀମାନଙ୍କ ଉପରେ ରହିବ।

# ଅନଲାଇନ୍ ଟ୍ରେଡିଂ ଆଳରେ ୪୭ ଲକ୍ଷ ଠକେଇ

## ହାଇଦ୍ରାବାଦରୁ ସାଇବର ଠକ ଗିରଫ

 କଟକ, ୨୦।୫ (ସମିସ): ଅନଲାଇନ୍ ଟ୍ରେଡିଂ ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୪୭ ଲକ୍ଷ ୨୦ ହଜାର ଟଙ୍କା ଠକେଇ ଘଟଣାରେ କ୍ରାଇମ୍ବ୍ରାଞ୍ଚ ହାଇଦ୍ରାବାଦ ବାହାଦରପୁରା କିସାନବାଗ ଅଞ୍ଚଳରୁ ଜଣେ ସାଇବର୍ ଠକକୁ ଗିରଫ କରିଛି। ସେ ହେଲା, ସୟଦ ଇକବାଲ ହୁସେନ (୪୫)। କ୍ରାଇମବ୍ରାଞ୍ଚ ଆଜି ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କଟକ ଜେଏମ୍ଏଫ୍ସି-୩ ଅଦାଲତରେ ହାଜର କରାଇଛି। ତା' ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାରକାର୍ଡ, ପ୍ୟାନ୍ କାର୍ଡ ଆଦି ଜବତ କରାଯିବା ସହ ତା'ର ଏକାଧିକ ବ୍ୟାଙ୍କ ଜମା ଖାତାକୁ ଅଚଳ କରିଦିଆଯାଇଛି।



କଟକର ଜଣେ ଯୁବକଙ୍କ ସହ ହୁସେନ୍ର ବନ୍ଧୁତା ହୋଇଥିଲା। ଅନ୍ଲାଇନ୍ ଟ୍ରେଡିଂ ମାଧ୍ୟମରେ କମ୍ ସମୟରେ ଅଧିକ ଅର୍ଥ ରୋଜଗାର ପାଇଁ ହୁସେନ୍ ତାଙ୍କୁ ପ୍ରଲୋଭିତ କରିଥିଲା। ଏପରିକି, ଏପରି କରି କିଛି ଲୋକ ରାତାରାତି କୋଟିପତି ହୋଇଥିବାର ପ୍ରମାଣ ମଧ୍ୟ ସେ ଦେଖାଇଥିଲା। ତା' କଥାରେ ବିଶ୍ୱାସ କରି ଯୁବକଜଣଙ୍କ ପର୍ଯ୍ୟାୟକ୍ରମେ ୪୭ଲକ୍ଷ ୨୦ହଜାର ଟଙ୍କା ନିବେଶ କରିଥିଲେ। ଏହି ଟଙ୍କା ସେ ସିଧାସଳଖ ନିବେଶ କରିବା ପରିବର୍ତ୍ତେ ହୁସେନ୍ ଦେଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। କିନ୍ତୁ କିଛି ଦିନ ପରେ ସେ ଟଙ୍କା ଉଠାଇବାକୁ ଚାହିଁଥିଲେ ହେଁ କରିପାରିନଥିଲେ। ଏପରିକି, ହୁସେନ୍ ମଧ୍ୟ ଆଉ ଧରାଛୁଆଁ ଦେଇନଥିଲା। ତେଣୁ, ଠକାମିର ଶିକାର ହୋଇଥିବା ଜାଣିବା ପରେ ଏ ସଂପର୍କରେ ସେ ଗତ ୨୧ ତାରିଖରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଏସ୍ପି କଳ୍ପନା ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଅଭିଯୁକ୍ତକୁ ଟ୍ରାକ୍ କରି ହାଇଦ୍ରାବାଦରେ ଚଢ଼ଉ କରିଥିଲେ। ସେଠାରୁ ଅଭିଯୁକ୍ତକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ବେଳେ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

## ପଦାରେ ପଡ଼ିଲା ବିଜେପିର ଗୋଷ୍ଠୀକନ୍ଦଳ

# ଉପମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଭାଙ୍ଗିଲା ଫଳକ

ଗୋପ,୨୦।୫(ସମିସ):ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀରେ ବିଜେପିର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସମୀର ରଞ୍ଜନ ଦାଶଙ୍କ ମଧ୍ୟରେ ଏକପ୍ରକାର ଶକ୍ତି ପ୍ରଦର୍ଶନ ଆରମ୍ଭ ହୋଇଥିବା ବେଳେ ଦୁଇ ନେତାଙ୍କୁ ନେଇ କର୍ମୀ ଦୋଛକିରେ



**ତରବରିଆ ଭାବେ ନିର୍ମାଣ ହୋଇ କରାଗଲା ଉଦ୍ଘାଟନ**

ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଏବେ ବିଜେପିର ନେତା କିଏ ବୋଲି ସେମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଭାତୀ ଓ ସମୀର ଅଲଗା ଅଲଗା ତ୍ରିରଙ୍ଗା ଶୋଭାଯାତ୍ରା କରି ସେମାନଙ୍କ ମଧ୍ୟରେ ଥିବା ବିଭେଦକୁ ସ୍ପଷ୍ଟ କରିଥିବା ବେଳେ ଆଜି ପୁଣି ଏକ ଘଟଣା ଦୁହିଁଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ ବୋଲି ପ୍ରମାଣିତ କରିଛି। ଆଜି ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ମହାପାତ୍ର ସାହିଠାରେ ପ୍ରାୟ ୧୩ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟ ନିମନ୍ତେ ଶିଳାନ୍ୟାସର କିଛି ସମୟ ପୂର୍ବରୁ ଫଳକ ଭଙ୍ଗା ଯିବା ଭଳି ଅପ୍ରୀତିକର ଘଟଣା ଘଟିଛି। ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପୂର୍ବରୁ ଦୁର୍ବୃତ୍ତମାନେ ଫଳକକୁ ଭାଙ୍ଗି ଦେଇଛନ୍ତି। ଶେଷରେ, ସେଇ ଭଙ୍ଗା ଫଳକକୁ ତରବରିଆ ଭାବେ ଯୋଡ଼ାଯାଇ ଉଦ୍ଘାଟନ କରାଯାଇଛି। ଏହି ଘଟଣାକୁ ନେଇ ଆଜି ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଛି।

ଗୋପ ବ୍ରାଞ୍ଚ୍ କେନାଲରୁ ସଂଯୋଗ ହୋଇଥିବା ଶାଖା କେନାଲର ମହାପାତ୍ର ସାହିଠାରୁ ଉଦୟଗିରି ସାହି ପର୍ଯ୍ୟନ୍ତ ପ୍ରାୟ ୧୩ଲକ୍ଷ ଟଙ୍କାର ଏକ ରାସ୍ତା କାର୍ଯ୍ୟ ପାଇଁ ମଙ୍ଗଳବାର ଥିଲା ଶିଳାନ୍ୟାସ କାର୍ଯ୍ୟକ୍ରମ। ସୋମବାର ରାତିରେ ନିର୍ମାଣ ହୋଇଥିଲା ଫଳକ। ମଙ୍ଗଳବାର ଅପରାହ୍ଣ ୪ଟାରେ ଉପମୁଖ୍ୟମନ୍ତ୍ରୀ ଏଠାରେ ଶିଳାନ୍ୟାସ କରିଥା'ନ୍ତେ। କିନ୍ତୁ କେହି ଦୁର୍ବୃତ୍ତ ରାତିରେ ଏହି ଫଳକଟିକୁ ଭାଙ୍ଗି ଦେଇଛି। ଏହି ଘଟଣା ମଙ୍ଗଳବାର ସକାଳୁ ଚାରିଆଡ଼େ ପ୍ରଚାର ହୋଇଯାଇଥିଲା। ଫଳରେ ପୁନର୍ବାର ତରବରିଆ ଭାବେ ଫଳକ ନିର୍ମାଣ କରାଯାଇଥିଲା ଏବଂ ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଘଟଣାକୁ ରାଜନୈତିକ ଦଳର କର୍ମୀମାନେ ବିଭିନ୍ନ ଢଙ୍ଗରେ ଦେଖୁଥିବା ବେଳେ ଗୋଷ୍ଠୀ କନ୍ଦଳରୁ ଏଭଳି ହୋଇଛି ବୋଲି ଚର୍ଚ୍ଚା ହେଉଛି। ଏହି ରାସ୍ତାଟି ନିର୍ମାଣ ହେଲେ ଗୋପ ପଞ୍ଚାୟତର ୫/୬ଟି ଗାଁର ଲୋକଙ୍କ ଯାତାୟାତରେ ସୁବିଧା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

# ଭୂତ ଖାଇଗଲା ପରୀକ୍ଷାଫଳ !

## ବାହାରିନି ୬ ବିଦ୍ୟାଳୟର ସିବିଏସ୍ଇ ଦଶମ ଓ ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର/ପଦ୍ମପୁର/ପାଇକମାଳ, ୨୦।୫(ସମିସ): ସାରା ଦେଶରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଗତ ୧୩ ତାରିଖରେ ପ୍ରକାଶ ପାଇଛି। ହେଲେ, ବଲାଙ୍ଗିର ଜିଲ୍ଲା ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟର ପରୀକ୍ଷାଫଳ ଏଯାଏ ବାହାରିନାହିଁ। କେଉଁ କାରଣରୁ ପରୀକ୍ଷାଫଳ ବାହାରିନି ଓ କେବେ ପ୍ରକାଶ ପାଇବ; ସେନେଇ ମଧ୍ୟ କେହି ମୁହଁ ଖୋଲୁନାହାନ୍ତି। ସଂପୃକ୍ତ ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଉପଜିଲ୍ଲାପାଳ ଓ ସାଂସଦଙ୍କୁ ଫେରାଦ ହୋଇଥିଲେ ମଧ୍ୟ ଫଳ ଶୂନ। ଫଳରେ, ୫ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ତାଙ୍କ ସହ କିଏ ଓ କି' ଖେଳ ଖେଳୁଛି, ତାହା ସେମାନେ ଜାଣପାରୁନାହାନ୍ତି ବୋଲି କିଛି ଛାତ୍ରଛାତ୍ରୀ କହିଛନ୍ତି।

ସୂଚନାନୁଯାୟୀ, ପଦ୍ମପୁର ଉପଖଣ୍ଡର ପାଇକମାଳ, ପଦ୍ମପୁର, ସୋହେଲା ଓ ଗାଇସିଲେଟ୍ ବ୍ଲକ୍ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପଦ୍ମପୁର ପବ୍ଲିକ ସ୍କୁଲ ଓ ପଦ୍ମପୁରସ୍ଥିତ ଜେନିଥ୍ ଲାୟନ୍ସ ଗୁରୁକୁଳ ବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶ ପାଇନି। ଗତ ୧୫ତାରିଖରେ ଅଭିଭାବକମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଏ ସଂପର୍କରେ ଜଣାଇବା ସହ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ପୁରୋହିତ ଏ ବାବଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଏହାକୁ ୫ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି, ଆଜି ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ତ୍ୱରିତ ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ଦାବି କରିଛନ୍ତି। ଅନ୍ୟଥା ବ୍ୟାପକ ଆନ୍ଦୋଳନ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପରୀକ୍ଷାଫଳ ପ୍ରକାଶ ପାଉନଥିବାରୁ ଛାତ୍ରଛାତ୍ରୀଙ୍କୁ ମାନସିକ ଚିନ୍ତା ଘାରିଛି। ଠିକ୍ରେ ଖାଇବା ପିଇବା କରୁନାହାନ୍ତି। ଘରେ ବି ସେମାନଙ୍କ ଚୁଲି ଜଳୁନି। ଜଣେ ଅଭିଭାବକଙ୍କ କହିବା କଥା, ପରୀକ୍ଷାଫଳ ନ ବାହାରିବା କାରଣରୁ ପିଲାଙ୍କ ମଧ୍ୟରେ ଦୁଶ୍ଚିନ୍ତା ବଢୁଛି। ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାର ଭୟ ଘାରୁଥିବାରୁ ସେ ତାଙ୍କ ପିଲାଙ୍କୁ ସବୁବେଳେ ଜଗୁଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାରୁ ସାଂସଦ ଭାବେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପରୀକ୍ଷାଫଳ ପ୍ରକାଶ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

■ **ଅନ୍ଧାରରେ ୫୦୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ!**
■ **କାର୍ଯ୍ୟାଳୟରୁ ଲୋକ ପ୍ରତିନିଧିଙ୍କ ପାଖକୁ ଦୌଡ଼ୁଛନ୍ତି ଅଭିଭାବକ**
■ **ଉପଜିଲ୍ଲାପାଳଙ୍କୁ ଭେଟି ଦେଲେ ଅନଶନ ଚେତାବନୀ**

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 42 ♦ISSUE-322 ♦BHUBANESWAR ♦WEDNESDAY ♦21 MAY 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୨ ♦ସଂଖ୍ୟା-୩୨୨ ♦ଭୁବନେଶ୍ୱର ♦ବୁଧବାର ♦୨୧ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ରାଠୀ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...

## ଦେଶରେ ୨୫୭ ନୂଆ ସଂକ୍ରମିତ; ମୁମ୍ବାଇରେ ଦୁଇ ମୃତ



### ଏସିଆରେ କୋଭିଡ୍ ଲହର

■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି) :** କୋଭିଡ୍-୧୯ର ନୂଆ ଭାରିଆଣ୍ଟକୁ ନେଇ ଏସିଆର ବିଭିନ୍ନ ଦେଶରେ ସଂକ୍ରମଣ ବ୍ୟାପିବାରେ ଲାଗିଛି । ଓମିକ୍ରନ୍‌ର ଉପ ଭାରିଆଣ୍ଟ ଜେଏନ୍.୧ ଏବଂ ଏହା ପରେପରେ ଉତ୍ପନ୍ନ ହୋଇଥିବା ସବ୍ ଭାରିଆଣ୍ଟ ଏଲଏଫ.୭ ଏବଂ ଏନବି.୧.୮ ଏବେ ସିଙ୍ଗାପୁର, ହଂକଂ ଏବଂ ଥାଇଲାଣ୍ଡ ଭଳି ବହୁ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଆତଙ୍କ ଖେଳାଇଛି । ଭାରତରେ ମଧ୍ୟ ସ୍ଥିତି ଚିନ୍ତାଜନକ ଆଡକୁ ଗତି କରୁଛି । ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୨୫୭ ନୂଆ ମାମଲା ଚିହ୍ନ ହୋଇଥିଲା ବେଳେ ଏଥିମଧ୍ୟରୁ କେରଳରେ ସର୍ବାଧିକ ମାମଲା ଦେଖାଯାଇଛି । ଏଠାରେ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେରଳ ପରେ ମହାରାଷ୍ଟ୍ରରେ ୪୪ ଏବଂ ତାମିଲନାଡୁରେ ୩୪ଟି ମାମଲା ସାମ୍ନାକୁ ଆସିଛି । ସେହିପରି କର୍ଣ୍ଣାଟକରେ ୮, ଗୁଜରାଟରେ ୬, ଦିଲ୍ଲୀରେ ୩ ଏବଂ ହରିୟାଣା, ରାଜସ୍ଥାନ ଓ ସିକିମ୍‌ରେ ଗୋଟିଏ ଲେଖାଏଁ ମାମଲା ଚିହ୍ନଟ ହୋଇଛି । ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତଙ୍କ ଅବସ୍ଥା ସେତେଟା ଗୁରୁତର ନ ଥିବା ଏବଂ ହସ୍ପିଟାଲରେ ଭର୍ତ୍ତି ହେବା ଜରୁରୀ ନଥିବା କୁହାଯାଇଥିଲେ ହେଁ ମୁମ୍ବାଇରେ ଦୁଇ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ତେବେ ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ କିଡନୀ ଏବଂ ଆଉ ଜଣେ କ୍ୟାନ୍ସର ରୋଗର ପୀଡ଼ିତ ଥାଇ କରୋନା ସଂକ୍ରମିତ ହୋଇଥିଲେ ବୋଲି କୁହାଯାଇଛି ।

## ବୟସ ମାତ୍ର ୨୩; ସାତ ମାସରେ କଲେଣି ୨୫ ବିବାହ



■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି):** ପୁରୁଷଙ୍କ ଠାରୁ ଲୁଟ୍ କରି କିଛି ଦିନ ଅୟସ କରିବା ଏବଂ ପରେ ପରେ ଅନ୍ତର୍ଦ୍ଧାନ ହୋଇଯିବା ଅଭିଯୋଗରେ ରାଜସ୍ଥାନ ପୁଲିସ ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଭୋପାଳରୁ ଗିରଫ କରିଛି । ଅନୁରାଧା ପାଶୱାନ ନାମ୍ନୀ ଏହି ୨୩ ବର୍ଷୀୟା ମହିଳା ଜଣକ ଏକ ବଡ଼ ଧରଣର ବିବାହ ର୍‍ୟାକେଟ୍ ଚଳାଇ ଏଭଳି କରୁଥିଲେ ।ସେ ଗତ ୭ ମାସ ମଧ୍ୟରେ ବିଭିନ୍ନ ରାଜ୍ୟର ୨୫ ଜଣଙ୍କୁ ବିବାହ କରିଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା । ଶେଷରେ ଭୋପାଳରେ ରାଜସ୍ଥାନର ମାଧୋପୁର ପୁଲିସ ହାତରେ ଅନୁରାଧା ଧରାପଡ଼ିଛନ୍ତି । ମିଳିଥିବା ସୂଚନା ଅନୁସାରେ ଅନୁରାଧ ଏକ ସୁଚିନ୍ତିତ ଉପାୟରେ ବିବାହ ପାଇଁ ବ୍ୟାକୁଳ ଥିବା ପୁରୁଷମାନଙ୍କୁ ନିଜ ଜାଲରେ ଫସାଇବାକୁ ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିଲେ । ସେ ନିଜକୁ ଅବିବାହିତ ବୋଲି ଆଇନଗତ ପ୍ରମାଣ ଦେଇ ଜଣଙ୍କୁ ବିବାହ କରିବା ପରେ ତାଙ୍କ ନିକଟରେ କିଛି ଦିନ ବିତାଉଥିଲେ । ହେଲେ ଅଚାନକ ଭାବେ ସୁନାଗହଣା, ଟଙ୍କା ଏବଂ ମୂଲ୍ୟବାନ ଇଲେକଟ୍ରୋନିକ୍ସ ସାମଗ୍ରୀ ଧରି ଅନ୍ତର୍ଦ୍ଧାନ ହୋଇଯାଉଥିଲେ । ଏହିକ୍ରମରେ ସେ ରାଜସ୍ଥାନର ସ୍ୱାୟାଇ ମାଧୋପୁର ଅଞ୍ଚଳର ବିଷ୍ଣୁ ଶର୍ମାଙ୍କୁ ବିବାହ କରିଥିଲେ । ବିଷ୍ଣୁ ନିଜ ପାଇଁ ଜଣେ ଉପଯୁକ୍ତ ପାତ୍ରୀ ଖୋଜୁଥିଲା ବେଳେ ଦୁଇ ଜଣ ଏଜେଣ୍ଟ ତାଙ୍କୁ ଅନୁରାଧାଙ୍କ ▶ପୃଷ୍ଠା-୭

## ଆଗୁଆ କେରଳ ଛୁଇଁବ ମୌସୁମୀ

### ଜୁନ ଆରମ୍ଭରୁ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

■ **ଭୁବନେଶ୍ୱର, ୨୦।୫ (ସମିସ):** କେରଳମୁହାଁ ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଯଦିଓ ଆସନ୍ତା ୪ରୁ ୫ଦିନ ଭିତରେ ମୌସୁମୀ ବାୟୁ କେରଳ ଛୁଇଁବା ନେଇ ଆଇଏମ୍‌ଡି କହୁଛି, ହେଲେ ଏହାପୂର୍ବରୁ ମୌସୁମୀ କେରଳ ଛୁଇଁଯିବାର ଯଥେଷ୍ଟ ସମ୍ଭାବନା ରହିଛି । ମୌସୁମୀ କେରଳ ଛୁଇଁବା ପୂର୍ବରୁ ବର୍ତ୍ତମାନ ଦକ୍ଷିଣ ଭାରତର କର୍ଣ୍ଣାଟକ ସମେତ କେରଳ ଓ ତାମିଲନାଡୁରେ ପ୍ରବଳ ବର୍ଷା ହେଉଛି । ଏହାକୁ ପ୍ରାକ୍ ମୌସୁମୀ ବର୍ଷା କୁହାଯାଉଛି । ତେଣୁ ମୌସୁମୀ କେରଳ ଛୁଇଁବା ପାଇଁ ପାଗ ଅନୁକୂଳ ଥିବା ପରିଲକ୍ଷିତ ହୋଇଛି । ସୋମବାରଠାରୁ କେରଳର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି । ଏହାସହିତ କେରଳ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୬ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ତ୍ରିସୁର, ମାଲାପୁରମ, କୋଜିକୋଡ୍, ୱାଇନାଡ୍, କନୁର ଓ କାସାରାଗୋଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

**କର୍ଣ୍ଣାଟକ, ତାମିଲନାଡୁ, କେରଳରେ ବର୍ଷାର ତାଣ୍ଡବ**

ସାଧାରଣତଃ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ । ଏଥର କିନ୍ତୁ ଆଗୁଆ କେରଳ ଛୁଇଁବା ନେଇ ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିସାରିଛି । ତେବେ ମୌସୁମୀ କେରଳ ଛୁଇଁବାର ୧୦ ଦିନ ଭିତରେ ଓଡ଼ିଶା ଛୁଇଁଥାଏ । ଯଦି ମୌସୁମୀ ଆଗୁଆ କେରଳ ଛୁଇଁବ, ତେବେ ଓଡ଼ିଶାରେ ମଧ୍ୟ ମୌସୁମୀ ବର୍ଷା ଆଗୁଆ ହେବା ନେଇ ଅନୁମାନ କରାଯାଉଛି । ମୌସୁମୀ କେବେ ଓଡ଼ିଶା ଛୁଇଁବ ସେନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ମାତ୍ର ମାସ ଶେଷ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଏହା ପ୍ରଭାବରେ ରାଜ୍ୟରେ ଜୁନ୍ ଆରମ୍ଭରୁ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଉଛି । ସୂଚନାଯୋଗ୍ୟ, ମେ’ ୧୩ ତାରିଖରେ ଅର୍ଥାତ ୬ ଦିନ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁଥିଲା । ଏହାର ଦୁଇ ସପ୍ତାହ ପରେ ମୌସୁମୀ ମେ’ ୨୭ରେ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରିଯାଇଛି । ତେବେ ନିର୍ଦ୍ଧାରିତ ତାରିଖର ୪ ଦିନ ପୂର୍ବ କିମ୍ବା ପରେ ମୌସୁମୀ ଛୁଇଁବା ନେଇ କୁହାଯାଇଥିବାରୁ ୨୪-୨୫ ବେଳକୁ ମୌସୁମୀ କେରଳ ▶ପୃଷ୍ଠା-୭

## ଉଷ୍ମ ଘାତ ଓଡ଼ିଶା ସର୍ବାଧିକ ପ୍ରଭାବିତ

### ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ଗୋଆ ଓ ଦିଲ୍ଲୀ ବି ଛଟପଟ

■ **ଭୁବନେଶ୍ୱର, ୨୦।୫ (ସମିସ):** ଅସହ୍ୟ ତାତି, ଅସମ୍ଭାଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ମାତ୍ର ଏହି ସମୟରେ ରାତିରେ ତାପମାତ୍ରା ବୃଦ୍ଧି ଉଷ୍ମଘାତ ପରିସ୍ଥିତି ସୃଷ୍ଟି କରିଛି । ଦିନ ଅପେକ୍ଷା ରାତି ତାତି ବୟସ୍କ, ଶିଶୁ ଓ ବିଭିନ୍ନ ରୋଗଗ୍ରସ୍ତ ଲୋକମାନଙ୍କ ପାଇଁ ଘାତକ ହେବାକୁ ବସିଛି; ଏହା ସହ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଛି । ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ଗୋଆ, ଦିଲ୍ଲୀ ସହ ଓଡ଼ିଶା ଏହି ଉଷ୍ମଘାତର ଶିକାର ହୋଇଛି । କାଉନସିଲ୍ ଅନ୍ ଏନର୍ଜି, ଏନଭାୟରମେଣ୍ଟ ଏଣ୍ଡ ୱାଟର (ସିଇଇଡବ୍ଲ୍ୟୁ) ରିପୋର୍ଟରେ ପ୍ରକାଶିତ ହୋଇଛି ଏହି ଚାଞ୍ଚଲ୍ୟକର ତଥ୍ୟ ।

ସିଇଇଡବ୍ଲ୍ୟୁ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସମ୍ପ୍ରତି ଦେଶର ୫୭ ପ୍ରତିଶତ ଜିଲ୍ଲାରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଛି । ଦେଶର ମୋଟ୍ ଜନସଂଖ୍ୟାର ୭୬ ପ୍ରତିଶତ ଲୋକ ଏହାଦ୍ୱାରା ପ୍ରଭାବିତ । ଦେଶରେ ୧୦ ଟି ସର୍ବାଧିକ ଉଷ୍ମଘାତ ପ୍ରବଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଜୀବନ ଏହାଦ୍ୱାରା ପ୍ରଭାବିତ ହୋଇଛି ।



- **ଦିନ ଅପେକ୍ଷା ଅଧିକ ବିପଦ ସୃଷ୍ଟି କରୁଛି ରାତି ତାପମାତ୍ରା**
- **ବୟସ୍କ, ଶିଶୁ ଓ ରୋଗଗ୍ରସ୍ତଙ୍କ ପାଇଁ ନୂଆ ବିପଦ ଆଶଙ୍କା**
- **ଦେଶର ୫୭ ପ୍ରତିଶତ ଜିଲ୍ଲାରେ ପ୍ରଚଣ୍ଡ ତାତି**

ଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ, ହାଇଦ୍ରାବାଦ, ଭୋପାଳ ଏବଂ ଭୁବନେଶ୍ୱର ଭଳି ସହରାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ତାପମାତ୍ରା ପ୍ରତିବର୍ଷ ବୃଦ୍ଧି ପାଉଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗରେ କ୍ରମାଗତ ଅନିୟମିତା ଏହି ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରିଛି । ଏଥିପାଇଁ କିଛି ଅଞ୍ଚଳରେ ରେକର୍ଡ ତାପ ସାଙ୍ଗକୁ ଅନ୍ୟ କିଛି ସ୍ଥାନରେ ଅପ୍ରତ୍ୟାଶିତ ବର୍ଷା ସ୍ଥିତି ସୃଷ୍ଟି ହେଉଛି । ସୂର୍ଯ୍ୟ ଅସ୍ତ ହେଲେ ମଧ୍ୟ ବିପଦ ଶେଷ ହେଉନାହିଁ । ଯାହା ଫଳରେ ଅତି ଉଷ୍ମ ରାତି ସଂଖ୍ୟା ଉଷ୍ମ ଦିନ ଅପେକ୍ଷା ଦ୍ରୁତ ଗତିରେ ବଢୁଛି । ଗତ ଦଶନ୍ଧି (୨୦୧୨-୨୦୨୨) ମଧ୍ୟରେ ୭୦ ପ୍ରତିଶତ ଜିଲ୍ଲାରେ ପ୍ରତି ଗ୍ରୀଷ୍ମ ଋତୁରେ ପାଞ୍ଚରୁ ଅଧିକ ଅତିରିକ୍ତ ଅତି ଉଷ୍ମ ରାତି ସ୍ଥିତି ଦେଖିବାକୁ ମିଳିଛି । ଏହି ଉଷ୍ମ ରାତିଗୁଡ଼ିକ ଗରମ ଦିନ ଅପେକ୍ଷା ଦ୍ରୁତ ଗତିରେ ବଢୁଛି ଏବଂ ମାନବ ଶରୀରକୁ ଥଣ୍ଡା ହେବା ଓ ଦିନର ଗରମରୁ ସୁସ୍ଥ ହେବା ପାଇଁ ଆହ୍ୱାନ ସୃଷ୍ଟି କରୁଛି । ମୁମ୍ବାଇର ବାସିନ୍ଦାମାନେ ପୂର୍ବ ତିନି ଦଶନ୍ଧି ତୁଳନାରେ ପ୍ରତି ଗ୍ରୀଷ୍ମ ଋତୁରେ ୧୫ ଅଧିକ ଅତି ଉଷ୍ମ ରାତି ଅନୁଭବ କରୁଛନ୍ତି । ଏହି ସମୟରେ ଜୟପୁର ଓ ଚେନ୍ନାଇରେ ଯଥାକ୍ରମେ ସାତ ଏବଂ ଚାରି ▶ପୃଷ୍ଠା-୭

## ଆଜି ବାହାରିବ +୨ ପରୀକ୍ଷା ଫଳ

### ଅପରାହ୍ନ ୪ଟା ରେ ଘୋଷଣା

■ **ଭୁବନେଶ୍ୱର, ୨୦।୫ (ସମିସ):** +୨ ପରୀକ୍ଷାଫଳ ଆସନ୍ତାକାଲି ଅର୍ଥାତ୍ ବୁଧବାର ପ୍ରକାଶ ପାଇବ । ଅପରାହ୍ନ ୪ଟାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରାଯିବ । ଏହାର ଏକ ଘଣ୍ଟା ପରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷା ଫଳ https://results.odisha.gov.in ଏବଂ https://results.digilocker.gov.in ୱେବସାଇଟ୍‌ରେ ଜାଣିପାରିବେ ।

**ୱେବସାଇଟ୍‌ରେ ୧ ଘଣ୍ଟା ପରେ ହେବ ଉପଲବ୍ଧ**

ସେହିପରି ଏକ ଘଣ୍ଟା ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟ ସେମାନଙ୍କ ସାମଗ୍ରିକ ପରୀକ୍ଷା ଫଳ ଜାଣିପାରିବେ । ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ସାମ୍‌ସ-ଇସ୍ୱେସ୍‌ରୁ ସେମାନଙ୍କର ଟାବୁଲେସନ୍ ରେଜିଷ୍ଟର୍ ପାଇପାରିବେ । ତତ୍କାଳ (ଇନ୍‌ଷ୍ଟାଣ୍ଟ) ପରୀକ୍ଷା ପାଇଁ ଫର୍ମପୂରଣ କରିବାରେ ଏହା ସହାୟକ ହେବ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସୂଚନା ଦେଇଛନ୍ତି । ଚଳିତବର୍ଷ ଏକା ▶ପୃଷ୍ଠା-୭

**ମାସିକ ୬ ହଜାର ଟଙ୍କାକୁ ଚାହିଁ ଚାହିଁ ଆଖିରୁ ପାଣି ମଳାଣି**

## ବିଚ୍ଛିନ୍ନାଞ୍ଚଳରେ ବନ୍ଦ ହେବ ଓଡ଼ିଆ ଶିକ୍ଷା !

■ **ବାରିପଦା, ୨୦।୫ (ସମିସ):** ଖରସୁଆଁ, ଷଢ଼େଇକଳା ଭଳି ବିଚ୍ଛିନ୍ନାଞ୍ଚଳ ସମେତ ପଡ଼ୋଶୀ ଛତିଶଗଡ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ଓଡିଆ ଶିକ୍ଷାଦାନ ଏବେ ସଙ୍କଟରେ । ଏହି ରାଜ୍ୟମାନଙ୍କର ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ଚାଟଶାଳୀରେ ମୋଟ ୬୨୬ ଜଣ ଓଡିଆ ଶିକ୍ଷକ/ଶିକ୍ଷୟିତ୍ରୀ ଦୀର୍ଘ ୨୦ବର୍ଷ ହେଲା ଓଡିଆ ଶିକ୍ଷାଦାନ କରି ଆସୁଛନ୍ତି । ଏହି ଶିକ୍ଷକମାନଙ୍କ ତତ୍ତ୍ୱାବଧାନ ପାଇଁ ୧୧ ଜଣ ପରିଦର୍ଶକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉଛି । ପୂର୍ବରୁ ଏହି ଶିକ୍ଷକମାନଙ୍କୁ ବାର୍ଷିକ ୩୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା । ପରବର୍ତ୍ତୀ ସମୟରେ ବିଜେଡି ସରକାର ଏମାନଙ୍କୁ ମାସିକ ୪୫୦୦ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ । ମାତ୍ର ତାହା କାର୍ଯ୍ୟକାରୀ ହେବା ପୂର୍ବରୁ ସରକାର ପରିବର୍ତ୍ତନ ଘଟିଲା ।

ପରବର୍ତ୍ତୀ ସମୟରେ ବର୍ତ୍ତମାନର ରାଜ୍ୟ ସରକାର ଏହି ଶିକ୍ଷକମାନଙ୍କୁ ମାସିକ ୬୦୦୦ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ । ଏହି ଘୋଷଣାକୁ

**ଦୁଃଖରେ ଦିନ କାଟୁଛନ୍ତି ୪ ରାଜ୍ୟର ୬୨୬ ଓଡ଼ିଆ ଶିକ୍ଷକ**

**ପୂର୍ବ ସରକାର ଦେଉଥିବା ବାର୍ଷିକ ୩୦ ହଜାର ବି ମିଳୁନି**

ଇତିମଧ୍ୟରେ ୮ ମାସ ବିତିଲାଣି; ମାତ୍ର ନୂଆ ପାଉଣା ତ ଦୂରର କଥା, ପୁରୁଣା ବକେୟା ବି ଓଡ଼ିଶା ସରକାର ପ୍ରଦାନ କରିନାହାନ୍ତି ।

ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆକୁ ବଞ୍ଚାଇ ରଖିବା ଓ ପିଲାମାନଙ୍କୁ ଓଡ଼ିଆ ଭାଷା ଶିକ୍ଷା ପ୍ରଦାନରେ ଏହି ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ସରକାର ସେମାନଙ୍କୁ ବାର୍ଷିକ ୩୦ ହଜାର ଟଙ୍କା ଅର୍ଥାତ୍ ମାସିକ ମାତ୍ର ୨୫୦୦ ଟଙ୍କା ପାରିଶ୍ରମିକ ପ୍ରଦାନ କରୁଥିଲେ । ଏ ସମ୍ପର୍କରେ ଶିକ୍ଷକମାନେ ଓଡ଼ିଶା ସରକାରଙ୍କ ନିକଟରେ ଆପତ୍ତି କରିବା ସହ ପାଉଣା ବୃଦ୍ଧି ପାଇଁ ଅନୁରୋଧ କରିଥିଲେ । ତତ୍କାଳୀନ ବିଜେଡି ସରକାର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ୪୫୦୦ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ତାହା ରାଜ୍ୟ କ୍ୟାବିନେଟର ଅନୁମୋଦନ ଲାଭ କରିଥିଲା । ମାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରି ନ ଥିଲା । । ତେଣୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବ୍ୟାଙ୍କ ଖାତାକୁ ପୂର୍ବରୁ ପ୍ରଦାନ କରାଯାଉଥିବା ୩୦ ହଜାର ଟଙ୍କା ଦିଆଯାଉଥିଲା । ▶ପୃଷ୍ଠା-୭

**ନ୍ୟାୟିକ ସେବା ପାଇଁ ସୁପ୍ରିମକୋର୍ଟଙ୍କ କଠୋର ସର୍ତ୍ତ**

## ୩ ବର୍ଷର ଆଇନଜୀବୀ ଅଭିଜ୍ଞତା ବାଧ୍ୟତାମୂଳକ



■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି):** ଏଣିକି ନ୍ୟାୟିକ ସେବାରେ ପ୍ରବେଶ କରିବା ଲାଗି ସର୍ବନିମ୍ନ ୩ ବର୍ଷର ଆଇନଜୀବୀ ଅଭିଜ୍ଞତା ବାଧ୍ୟତାମୂଳକ ହେବ । ଆଇନ ପାଠ୍ୟକ୍ରମ ଶେଷ କରି ଯୋଗ୍ୟ ବିବେଚିତ ହେଉଥିବା ପ୍ରାର୍ଥୀମାନେ ବିନା ଅଭିଜ୍ଞତାରେ ନ୍ୟାୟିକ ସେବା (ଜୁଡିସିଆଲ ସର୍ଭିସ୍)ରେ ଯୋଗ ଦେଉଥିବାରୁ ଅଧିକାଂଶ ସମୟରେ ସ୍ଥିତି ଖରାପ ହେଉଥିବା ଦର୍ଶାଇ ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ବାଧ୍ୟତାମୂଳକ ହେବ ବୋଲି ଏସମ୍ପର୍କିତ ଏକ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି । ପ୍ରଧାନବିଚାରପତି ଜଷ୍ଟିସ୍ ଗଭାଇ କହିଛନ୍ତି ଯେ, ବିଗତ ଦୁଇ ଦଶନ୍ଧି ଧରି ନ୍ୟାୟିକ ସେବା ପାଇଁ ଚୟନ ପ୍ରକ୍ରିୟା ଗୋଟିଏ ଢଙ୍ଗରେ ଚାଲିଛି । ଆଇନରେ ସ୍ନାତକ ହାସଲ କରିଥିବା ପ୍ରାର୍ଥୀମାନେ ଗୋଟିଏ ଦିନର ଆଇନ ଅଭ୍ୟାସ ବିନା ନ୍ୟାୟିକ ସେବାରେ ଯୋଗ ଦେଉଛନ୍ତି । କୌଣସି ଆଇନ ସେବା ଅଭିଜ୍ଞତା ନଥାଇ ସେମାନେ ଚାକିରିରେ ଯୋଗ ଦେବା ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଜୀବନ, ସ୍ୱାଧୀନତା, ଧନ ସମ୍ପତ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମାମଲା ବିଚାର କରିବା ସମୀଚିନ ହେଉ ନାହିଁ । ତେଣୁ ସେମାନଙ୍କୁ ନ୍ୟାୟିକ ▶ପୃଷ୍ଠା-୭






## ପୁରୀ ଭକ୍ତ ନିବାସରେ ରହିଥିଲେ ଜ୍ୟୋତି

### ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ, ସିଡିଆର୍, ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

■ **ପୁରୀ, ୨୦।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ରେ ପ୍ରତିଦିନ ନୂଆନୂଆ ଗୁମର ଫିଟିବାରେ ଲାଗିଛି । ଜ୍ୟୋତି ପୁରୀ ଆସିବା, ରହିବା, ବୁଲିବା ଆଦି ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଚାଲିଛି । ସେହିପରି ଜ୍ୟୋତିଙ୍କ ସହ ସମ୍ପର୍କରେ ଥିବା ଏବଂ ତାଙ୍କୁ ପୁରୀ ବୁଲିବାରେ ସହଯୋଗ କରିଥିବା ପୁରୀର ପ୍ରିୟଙ୍କା ସେନାପତି ମଧ୍ୟ ପୁଲିସ ଏବଂ ଏନ୍‌ଆଇଏ ସ୍କାନର୍‌ରେ ରହିଛନ୍ତି ।

ଯାଞ୍ଚରୁ ଜଣାପଡ଼ିଛି, ଜ୍ୟୋତି ତାଙ୍କ ବୃଦ୍ଧା ମା’ ଚନ୍ଦେର କାନ୍ତାଙ୍କ ସହ ଗତବର୍ଷ ସେପ୍ଟେମ୍ବର ୨୧ରେ ପୁରୀ ଆସିଥିଲେ । ପୁରୀରେ ଦୁଇଦିନିଆ ରହଣି ସମୟରେ ଜ୍ୟୋତି ତାଙ୍କ ବାନ୍ଧବୀ ପ୍ରିୟଙ୍କାଙ୍କ ସହ ଶ୍ରୀମନ୍ଦିର, ସମୁଦ୍ରକୂଳ ରାସ୍ତା, ଚିଲିକା ସମେତ ଆଉ କିଛି ସ୍ଥାନ ବୁଲିବା ସହ ଭିଡିଓ ଉତ୍ତୋଳନ କରିଥିଲେ । “ଶ୍ରୀଜଗନ୍ନାଥ ପୁରୀ ଟେମ୍ପଲ ଫୁଲ୍ ଟୁର୍ ଗାଇଡ୍” ନାଁରେ ୪୨ ମିନିଟ୍ ୪ ସେକେଣ୍ଡର ଏକ ଭିଡିଓ ଜ୍ୟୋତି ୟୁଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ଯାତ୍ରା ଧାମ ଡଟ୍ ମାଧ୍ୟମରେ ସେ ପୁରୀ ମାର୍କେଟ୍ ଛକ ନିକଟ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସରେ ଗତବର୍ଷ ସେପ୍ଟେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ରୁମ୍ ବୁକ୍ କରିଥିଲେ । ଏହି ରୁମ୍ ନମ୍ବର ଥିଲା ୨୦୩ । ସେ ନିଜ ମା’ଙ୍କ ସହ ୨୧ ତାରିଖ ପୂର୍ବାହ୍ଣରେ ପହଞ୍ଚି ପରିଚୟପତ୍ର ଦେଖାଇ ରୁମ୍‌ରେ ରହିବା ସହ ୨୨ ତାରିଖ ସନ୍ଧ୍ୟାରେ ଛାଡ଼ିଥିଲେ । ୨୩ତାରିଖ ଯାଏଁ ରୁମ୍ ବୁକ୍ ଥିଲେ ମଧ୍ୟ ତାଙ୍କ ଟ୍ରେନ୍ ୨୨ତାରିଖ ରାତିରେ ଥିବାରୁ ସେ ସେହି ସନ୍ଧ୍ୟାରେ ରୁମ୍ ଛାଡ଼ିଥିଲେ । ତେବେ, ଏହି ରହଣି ମଧ୍ୟରେ ପ୍ରିୟଙ୍କା କି ଅନ୍ୟ କେହି ବାହାର ଲୋକ ଜ୍ୟୋତିଙ୍କୁ ସାକ୍ଷାତ କରି ନଥିବା ଭକ୍ତ ନିବାସ ମ୍ୟାନେଜର କହିଛନ୍ତି । ପୁରୀ ପୁଲିସ ସମ୍ପୃକ୍ତ ଭକ୍ତ ନିବାସକୁ ଯାଇ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ ତଥା ତଥ୍ୟ ସଂଗ୍ରହ କରିଛି । ପୁଲିସ୍‌କୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଥିବା କହିଛନ୍ତି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ମ୍ୟାନେଜର୍ । ଅପରପକ୍ଷେ, ଜ୍ୟୋତିଙ୍କ ପୁରୀ ବୁଲିବା ଓ ଦିନତମାମ ବ୍ଲଗ୍ କରିବା ସମୟରେ ସହଯୋଗ କରିଥିଲେ ପ୍ରିୟଙ୍କା । ପରେ ଭିଡିଓକୁ ଅକ୍ଟୋବର ୪ ତାରିଖରେ ନିଜ ସୋସିଆଲ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ ଜ୍ୟୋତି । ପ୍ରିୟଙ୍କା ଏହି ସମୟରେ ଜ୍ୟୋତିଙ୍କୁ ସାକ୍ଷାତ କରିବା ସହ ପୁରୀର ବିଭିନ୍ନ ସ୍ଥାନ ବୁଲାବୁଲି କରି ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ । ଉଭୟ ▶ପୃଷ୍ଠା-୭

**ସିସିଟିଭି ଫୁଟେଜ୍ ଯାଞ୍ଚ କଲା ପୁଲିସ୍**

**ଜ୍ୟୋତି ଓ ପ୍ରିୟଙ୍କା ବୁଲିଯାଇଥିବା ସ୍ଥାନକୁ ତଦନ୍ତ ପରିସରଭୁକ୍ତ କଲା ପୁଲିସ୍**



# ରବି ଋତୁ ଧାନମଣ୍ଡି ଶୁଭାରମ୍ଭ



ନବରଙ୍ଗପୁର,୨୦।୫ (ସମିସ): ୨୦୨୪-୨୫ ବର୍ଷ ସକାଶେ ରବିଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ମାର୍କେଟ କମିଟି ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଡିଓ ବିରଞ୍ଚି ନାରାୟଣ ଦରଓ୍ବାନ, ଏଡିଏମ୍ ତପନ ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲୀକ ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଚାଷୀ ନେତା ଝାଡେଶ୍ୱର ଖାଡାଙ୍ଗା, ରାଜେନ୍ଦ୍ର ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ। ଚଳିତ ବର୍ଷ ନବରଙ୍ଗପୁର, ନନ୍ଦାହାଣ୍ଡି, ଉମରକୋଟ, କୋଷାଗୁମୁଡା ଓ ଚନ୍ଦାହାଣ୍ଡି ଏଭଳି ୫ଟି ବ୍ଲକରେ ଧାନ କ୍ରୟ କରାଯିବ। ଏହି ଧାନକୁ ନବରଙ୍ଗପୁର ଲ୍ୟାମ୍ପସ୍, ଏସ ମାଳିଗୁଡା ୱାଟରସେଡ ଏସୋସିଏସନ ୪, ନନ୍ଦାହାଣ୍ଡି ଲ୍ୟାମ୍ପସ୍, ମହାଲକ୍ଷ୍ମୀ ମହିଳା ସଙ୍ଘ ସହାୟକ ଗୋଷ୍ଠୀ, ଉମରକୋଟ ଲେମ୍ପସ୍, ମାଁ ମଙ୍ଗଳା ପାଣି ପଞ୍ଚାୟତ ଏବଂ ମାଁ ଠାକୁରାଣୀ ମହିଳା ସଙ୍ଘ ସହାୟକ ଗୋଷ୍ଠୀ କ୍ରୟ କରିବେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସଂଖ୍ୟକ ଚାଷୀମାନେ ପଞ୍ଜିକରଣ କରିଛନ୍ତି। ଗତ ରବି ଋତୁରେ ୪୧୩ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୧୦୫୨ ଜଣ ଚାଷୀ ମାନେ ପଞ୍ଜିକରଣ କରିଛନ୍ତି। ଚଳିତ ୮୭୫୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ୨୦ ତାରିଖ ଠାରୁ ୪୨ ଦିନ ପର୍ଯ୍ୟନ୍ତ ଧାନ କ୍ରୟ କ୍ରୟ କରାଯିବ ଏବଂ ଆବଶ୍ୟକ ସ୍ଥଳେ ଧାନ ବିକ୍ରୟ ପାଇଁ ଜିଲ୍ଲାପାଳ ଅଧିକ ୧୫ ଦିନ ବୃଦ୍ଧି କରି ପାରିବେ। ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ସମେତ ୮୦୦ ଟଙ୍କା ଇନପୁଟ ସହାୟତା ରାଶି ଯୋଗେଇ ଦିଆଯିବ ବୋଲି ବକ୍ତା ମାନେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକକୁ ଆରଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମଲ୍ ପରିଚାଳନା କରିଥିବା ବେଳେ ଏଥିରେ ଚାଷି ମାନଙ୍କ ସମତେ ମିଲ୍ ମାଲିକ ମାନେ ଉପସ୍ଥିତ ରହିଥିଲେ।

■ ବିଶାଖାପାଟଣାର ଉତ୍କଳ ସାଂସ୍କୃତିକ ସମାଜର କର୍ମକର୍ତ୍ତା ନିର୍ବାଚନ

## ଜିତେନ୍ଦ୍ର ନାୟକ ସଭାପତି ଏବଂ ବିମଳ ମହନ୍ତ ସମ୍ପାଦକ

ରାୟଗଡ଼ା,୨୦।୫(ସମିସ) : ବିଶାଖାପାଟଣାର ଉତ୍କଳ ସାଂସ୍କୃତିକ ସମାଜ ସଙ୍ଗଠନର ଓଡ଼ିଆ ସମ୍ପ୍ରଦାୟର ଏକ ପ୍ରମୁଖ ସାମାଜିକ-ସାଂସ୍କୃତିକ ସଂଗଠନ ସିରିପୁରମଠାରେ ଏହାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ୨୦୨୫-୨୬ ବର୍ଷ ପାଇଁ ନୂତନ କାର୍ଯ୍ୟନିର୍ବାହୀ କମିଟି ନିର୍ବାଚନ ହୋଇଥିଲା। ଏଥିରେ ଜିତେନ୍ଦ୍ର କୁମାର ନାୟକ-ସଭାପତି ,ଉପସଭାପତି ସୋମନାଥ ସାହୁ ଏବଂ ଡକ୍ଟର କରୁଣାକର ପାଢ଼ୀ, ସମ୍ପାଦକ- ବିମଳ କୁମାର ମହନ୍ତ, ସାଂସ୍କୃତିକ ସମ୍ପାଦକ-ଶ୍ରୀମତୀ ସୀମା ମହାନ୍ତି ଏବଂକୋଷାଧ୍ୟକ୍ଷ ରୂପେ ମହେଶ୍ୱର ବେହେରାଙ୍କୁ ମନୋନୀତ କରାଯାଇଥିଲା। ଏହି ନବ ନିର୍ବାଚିତ ସଭ୍ୟ ମାନେ ସେହି ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ, ସାହିତ୍ୟିକ ଏବଂ ସାମ୍ପ୍ରଦାୟିକ ସେବା କାର୍ଯ୍ୟକଳାପ ମାଧ୍ୟମରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଏବଂ ସାମାଜିକ ସମନ୍ୱୟର ପ୍ରଚାର ଜାରି ରଖିବାକୁ ଶପଥ ନେଇଥିଲେ। ଉତ୍କଳ ସାଂସ୍କୃତିକ ସମାଜ ସାଂସ୍କୃତିକ ଏକତାର ଏକ ଆଲୋକବର୍ତ୍ତିକା ହୋଇଛି। ଯାହା ଆନ୍ଧ୍ରପ୍ରଦେଶର ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଏକ ଦୃଢ଼ ପରିଚୟ ଏବଂ ଏକତା ଭାବନାକୁ ପ୍ରୋତ୍ସାହିତ କରିଆସିଛି।

■ ମିଳିନି ୬ ମାସର ଦରମା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପାଚିକା ସଂଘ



କୋରାପୁଟ,୨୦।୫(ସମିସ): ୬ମାସର ଦରମା ମିଳିନି। ପରିବାର ଚଳାଇବା ପାଇଁ କଷ୍ଟକର ହେଲାଣି। ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ତେଣୁ ବାଧ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜିଲ୍ଲା ପାଚିକା ସଂଘ।

ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାର ବିଭିନ୍ନ ଏସ୍‌ଏସ୍‌ଡି ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ମାନେ ୬ ମାସ ହେଲା ଦରମା ପାଇ ନାହାଁନ୍ତି। ଦରମା ମିଳୁନଥିବାରୁ ସେମାନେ ଅଭାବ ଅନଟନରେ ଚଳୁଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ପାଚିକା ସଂଘ ପକ୍ଷରୁ କୁହାଯାଇଛି। ବିଦ୍ୟାଳୟରେ ୨୪ ଘଣ୍ଟା କାର୍ଯ୍ୟ କରୁଥିଲେ ମଧ୍ୟ ଆମକୁ ୬ମାସର ଦରମା ନମିଳିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ପାଚିକା ମାନେ କହିଛନ୍ତି। ଅର୍ଜୁନ ପାତ୍ର, ସୁରେନ୍ଦ୍ର ଭୂମିଆ, ଡମ୍ବରୁ ନାୟକ ଓ କରୁଣା ମାଝୀ ପ୍ରମୁଖ ପଚିକା ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଥାଶୀଘ୍ର ଦରମା ପ୍ରଦାନ କରାଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

● ପଡ଼ିଆରେ ଅଜଣା ରୋଗ ଘଟଣା

## ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌ର ରକ୍ତ ନମୁନା ସଂଗ୍ରହ



ପଡିଆ,୨୦।୫(ସମିସ): ଗତ ପ୍ରାୟ ଏକମାସ ଧରି କୌଣସି ଏକ ଅଜଣା ରୋଗରେ ପୀଡ଼ିତ ହୋଇ ପଡିଆରୁ ସୁଦୂର ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଚିକିତ୍ସିତ ହୋଇ ନୟାନ୍ତ ହୋଇ ପଡିଥିଲେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାବାସୀ। ବିଭିନ୍ନ ସ୍ଥାନରେ ପରୀକ୍ଷା ନିରୀକ୍ଷା ଓ ରୋଗର ଲକ୍ଷଣ ବାବଦରେ ପରିପ୍ରକାଶ କରିବା ସତ୍ତ୍ୱେ ରୋଗ ଚିହ୍ନଟ ହୋଇ ପାରି ନଥିବାରୁ ଆତଙ୍କିତ ହୋଇ ପଡିଥିଲେ ଶହ ଶହ ପରିବାର। ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଚାରିଟି ମେଡିକାଲ ଟିମ ପଡିଆ ଗ୍ରାମର ଖ୍ରୀଷ୍ଟିଆନ ସାହି, ମୋଟୁମଗୁଡା, ଗୁଟାଗୁଡା ଓ ଶାନ୍ତି ନଗର ଆଦି ଚାରିଟି ସ୍ଥାନରେ ସ୍ୱାସ୍ଥ୍ୟ କ୍ୟାମ୍ପ କରି ଲୋକଙ୍କ ରକ୍ତର ନମୂନା ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଲୋକଙ୍କ ରକ୍ତର ନମୂନା, ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗ ସମେତ ସିବିସି, ଏଲଏଫଟି ଓ ଆରଏଫଟି ଭଳି ପାରାମିଟର ଗୁଡିକର ମଧ୍ୟ ପରୀକ୍ଷା କରାଯାଇଛି। ଏଥିସହ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଅବିଦ ହୁସେନଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମକୁ ଗତଏକ ମାସ ମଧ୍ୟରେ ଆସିଥିବା ଦାଦନ ଶ୍ରମିକ ଓ ବାହାର ରାଜ୍ୟରୁ ଆସିଥିବା ଶ୍ରମିକଙ୍କୁ ପ୍ରାଧାନ୍ୟତା ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ କୁହାଯାଇଛି। ଏଥିସହ ସ୍ଥାନୀୟ ଲୋକେ ବ୍ୟବହାର କରୁଥିବା ପାନୀୟ ଜଳର ମଧ୍ୟ ନମୂନା ନିଆଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ପାଇଁ ଜିଲ୍ଲା ମାଇକ୍ରୋ ବାଇଓଲୋଜିଷ୍ଟ ଡଃ ପ୍ରାଣବିକା ସିଂ, ଜିଲ୍ଲା ଡାଟା ମ୍ୟାନେଜର ବିଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ୪ଟି ଟିମ୍ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ପଡିଆ ବ୍ଲକ ବିପିଏଚଓ ନବୀନ କୁମାର ସମରଥ ଓ ବିପିଏମ ମହାନନ୍ଦ ମିସ୍ତ୍ରୀ ଆୟୋଜନ କରିଥିବା ଜଣାପଡିଛି। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓର କର୍ମୀ ମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଗତ ପ୍ରାୟ ଏକ ମାସରୁ ଅଧିକ ସମୟ ଧରି ନାନା ଯନ୍ତ୍ରଣାରେ ଜୀବନ କାଟୁଥିବା ଏହି ଅଞ୍ଚଳବାସୀଙ୍କ ନେଇ ନିକଟରେ ଖବର ପ୍ରକାଶନ ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚିବାରୁ ଅଞ୍ଚଳବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଚିହ୍ନଟ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କଲା ପୁଲିସ



ବୈପାରିଗୁଡ଼ା, ୨୦।୫(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ଭରୁଆବାଡି କଜଙ୍ଗରୁ ଗତକାଲି ଅଚିହ୍ନା ମୃତଦେହ ଉଦ୍ଧାର ହୋଇଥିଲା। ଆଜି ଚିହ୍ନଟ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି ପୁଲିସ। ମୃତକ ଜୟପୁର ବ୍ଲକର ଟାଙ୍କୁଆ ପଞ୍ଚାୟତର ସିରିଗୁଡା ଗ୍ରାମର ବୁଦ୍ରା ମାଝୀ (୬୫) ବୋଲି ଜଣାପଡିଛି । ସୂଚନା ଥାଉକି, ଗତକାଲି ଭରୁଆବାଡି ଗାଁ ଲୋକେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ଏବଂ ବୈପାରିଗୁଡା ପୁଲିସକୁ ଜଣାଇଥିଲେ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଅଚିହ୍ନା ମୃତଦେହ ଉଦ୍ଧାର ଘଟଣା ପ୍ରସାରିତ ହେବାପରେ ବୁଦ୍ରା ମାଝୀଙ୍କ ମୃତଦେହ ହୋଇଥିବା ଆଶଙ୍କା କରି ବୁଦ୍ରାଙ୍କ ପରିବାର ଲୋକେ ବୈପାରିଗୁଡା ଥାନାକୁ ମୃତଦେହ ଚିହ୍ନଟ କରିବା ପାଇଁ ଆସିଥିଲେ। ମୃତଦେହ ଏବଂ ପିନ୍ଧିଥିବା ପୋଷାକ ଦେଖି ବୁଦ୍ରାଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ଚିହ୍ନଟ ପରେ ସମସ୍ତ ସାକ୍ଷ୍ୟ ପ୍ରମାଣ ଦେଇ ଶବକୁ ହସ୍ତାନ୍ତର କରିଥିବା ବୈପାରିଗୁଡା ଥାନା ଆଇଆଇସି ରଶ୍ମି ରଂଜନ ପ୍ରଧାନ ପ୍ରକାଶ କରିଛନ୍ତି।

## ୧୭ ଦଫା ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ



ବୈପାରିଗୁଡ଼ା, ୨୦।୫ (ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ତରଫରୁ ୧୭ ଦଫା ନେଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ଚାରି ଶ୍ରମ କୋଡ୍ ବାତିଲ କରିବା, ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା, ଶ୍ରମିକ ଛଟେଇ ବନ୍ଦ କରିବା, ରାଷ୍ଟ୍ରୀୟ ସମ୍ପତ୍ତିର ଘରୋଇକରଣ ବନ୍ଦ କରିବା, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା ଦେବା, ସ୍ଥାୟୀ ନିଯୁକ୍ତି ସହ ଦରଦାମ ବୃଦ୍ଧି ବନ୍ଦ କରିବା, ଅଣସଂଗଠିତ ଶ୍ରମିକଙ୍କ କନ୍ୟା ବିବାହ ଓ ଶିକ୍ଷା ସହାୟତା ତଥା ଏକ ଲକ୍ଷ ଟଙ୍କା ବିନା ଶୁଦ୍ଧରେ ଋଣ ଯୋଗାଇ ଦେବା ପ୍ରମୁଖ ୧୭ ଦଫା ଦାବି ନେଇ କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି କୋରାପୁଟ ଜିଲ୍ଲା କମିଟି ଓ ଟିୟୁସିସି, ଏଆଇକେକେଏମଏସ, ଏଆଇଏମଏସଏସ , ଏଆଇଡିଏସଓ, ଏଆଇଡିୱାଇଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଶ୍ରମିକ, ଚାଷୀ, ଛାତ୍ର, ଯୁବକ, ମହିଳା ଏକ ଶୋଭାଯାତ୍ରାରେ ସ୍ଥାନୀୟ ଡାକ ବଙ୍ଗଳାରୁ ବାହାରି ସହର ପରିକ୍ରମା କରି ବ୍ଲକ ଅଫିସରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପରେ ଏକ ସଭା ଏଆଇୟୁଟିୟୁସି କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ, ଟିୟୁସିସି ସାଧାରଣ ସମ୍ପାଦକ ଶମ୍ଭୁପ୍ରସାଦ ମହାନ୍ତି, ଏଆଇୟୁଟିୟୁସି ଉପସଭାପତି ସୁଭାଷ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାମ ବାରିକ, ରବି ପଣ୍ଡା, ଲକ୍ଷ୍ମୀ ବାରିକ, ପ୍ରଦ୍ୟୁମ୍ନ ସାନ୍ତରା,ନୀଳ ଗଦବା , ରାମ ଚନ୍ଦ୍ର ଗଦବା, ଲଲିତ ଖରା, ତ୍ରିନାଥ ଗୁଣିଆ, ପଦମ୍ନ,ଧନେଶ୍ୱର ନାୟକ ପ୍ରମୁଖ କେନ୍ଦ୍ର ସରକାରଙ୍କ ଶ୍ରମିକ, ଚାଷୀ ମାରଣ ନୀତି ବିରୋଧରେ ଉଦ୍‌ବୋଧନ ଦେଇ ସମସ୍ତେ ସଂଗଠିତ ହୋଇ ୯ ଜୁଲାଇ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଡ୍ରେନ୍ ନିର୍ମାଣରେ ବାଧା ସୃଷ୍ଟି କରୁଥିବା କଲଭର୍ଟ ଉଚ୍ଛେଦ



ଜୟପୁର, ୨୦।୫ (ସମିସ): ଜୟପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜଗନ୍ନାଥ ସାଗର ପାଶ୍ୱର୍ରେ ନିର୍ମାଣାଧୀନ ଡ୍ରେନ୍‌ରେ ବାଧା ଉପୁଜୁଥିବା କଲଭର୍ଟ ଓ ଡ୍ରେନକୁ ଆଜି ବିଭାଗ ପକ୍ଷରୁ ଭଙ୍ଗାଯାଇଛି। ଏହି ଡ୍ରେନ ନିର୍ମାଣ କାର୍ଯ୍ୟ ୨୦୨୩ ମସିହାରୁ ୪କୋଟି ୯୮ ଲକ୍ଷ ଟଙ୍କା ଆରମ୍ଭ ହୋଇଥିଲେ ସୁଦ୍ଧା ଦୀର୍ଘ ଦିନ ହେଲାଣି ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ଏହିପରି ଗତ ରବିବାର ବିଧାୟକ ତାରା ପ୍ରସାଦ ବାହିନୀପତି ଜଗନ୍ନାଥ ସାଗର ସମେତ କ୍ଷୁଦ୍ର ଜଳସେଚନ ବିଭାଗ ଉକ୍ତ ଡ୍ରେନ୍ ପରିଦର୍ଶନ କରିଥିଲେ। ପରଦର୍ଶନ ବେଳେ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଡ୍ରେନ ଓ କଲଭର୍ଟକୁ ସମ୍ପୁର୍ଣ୍ଣ ଭାବେ ଭାଙ୍ଗିବା ନେଇ ତାଗିଦ କରିଥିଲେ। ଏହି ଡ୍ରେନ ନିର୍ମାଣରେ ୧୨୦ ମିଟର ବେସରକାରୀ ଜମି ରହିଥିବା ଯୋଗୁଁ ଜମି ମାଲିକଙ୍କୁ ଏଥିନେଇ ଅନୁରୋଧ କରାଯାଇଥିଲା। ଏଥିପୂର୍ବରୁ ଜିଲ୍ଲାପାଳ ପରିଦର୍ଶନ କରି ବାରମ୍ବାର ଶୀଘ୍ର ନିର୍ମାଣ କାର୍ଯ୍ୟ ସମାପ୍ତ ନେଇ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ ପରେ କଲଭର୍ଟ ପୁନଃର୍ବାର ନିର୍ମାଣ କରାଯିବା ନେଇ ପ୍ରତିଶୃତି ପରେ ଏହାକୁ ଆଜି ଭଙ୍ଗା ଯାଇଥିଲା। ଡ୍ରେନ କାର୍ଯ୍ୟ ବିଭାଗ ପକ୍ଷରୁ ବିଳମ୍ବ ହେଉଥିବା, ଡ୍ରେନରେ ଅବର୍ଜନା ପାଣି ଜମି ରହିବା ଯୋଗୁଁ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଥିଲା। ଯାହା ଫଳରେ ନୂଆସାହି ପଞ୍ଚମ ଲାଇନ, ଚନ୍ଦନବାଡ ସାହି ଓ ସୈରାସାହି ଓ ଦ୍ୱିତୀୟ ଦୈନିକ ବଜାର ପ୍ରଭୃତି ସାହି ବାସିନ୍ଦା ଦୁର୍ଗନ୍ଧମୟ ପରିବେଶରେ ରହୁଥିବା ନେଇ ଅଭିଯୋଗ ହେଉଥିଲା।

## ଭାସ୍କେଲ ନଦୀ ପର୍ଯ୍ୟବେକ୍ଷଣ କଲେ କେନ୍ଦ୍ରୀୟ ଜଳ ଆୟୋଗ ଅଧିକାରୀ



କାଷାଗୁମୁଡ଼ା,୨୦।୫(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାର ୨୬ ପଞ୍ଚାୟତ ଭିତରୁ ୧୧ ପଞ୍ଚାୟତ ବନ୍ୟା ଜଳରେ ପ୍ରତ୍ୟେକ ବର୍ଷ ପ୍ରଭାବିତ ହେଉଛି। ବର୍ଷା ଦିନେ ପ୍ରଭାବିତ ହୋଇଥିବା ତଥ୍ୟ ଓ ବୃଷ୍ଟିପାତର ଆକଳନ ସିଡ୍ଲୁସି ବିଭାଗ ପକ୍ଷରୁ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଅବଗତ କରି ସୂଚନା ଦିଆଯାଉଛି। ଚଳିତ ବର୍ଷର ତଥା ଆଗାମୀ ବର୍ଷା ଦିନର ବୃଷ୍ଟିପାତକୁ ଆଖି ଆଗରେ ରଖି କେନ୍ଦ୍ର ଭାରତ ସରକାରଙ୍କ "ଜଳ ଶକ୍ତି ମନ୍ତ୍ରାଳୟ" ଦ୍ୱାରା କୋଷାଗୁମୁଡ଼ା ଠାରେ ଏକ ବୃଷ୍ଟି ପାତ ଆକଳନ କାର୍ଯ୍ୟାଳୟ ତଥା କେନ୍ଦ୍ରୀୟ ଜଳ ଆୟୋଗ (ସିଡ୍ଲୁସି) ନାମରେ ରହିଛି। ଏହି "କେନ୍ଦ୍ରୀୟ ଜଳ ଆୟୋଗ" (ସିଡ୍ଲୁସି) ବିଭାଗର ଏକ ଉଚ୍ଚ କର୍ତ୍ତୃପକ୍ଷ ଟିମ୍ ମଙ୍ଗଳବାର ଦିନ ପ୍ରଥମେ କୋଷାଗୁମୁଡା କାର୍ଯ୍ୟାଳୟରେ ପହଞ୍ଚିବା ସହ ଭାସ୍କେଲ ନଦୀ ଉପରେ ଯାଇ ଆଗାମୀ ବର୍ଷା ଦିନରେ ନଦୀ ତୋଟୋର ବିଭାଗୀୟ ଗୃହ ସହ ଭାସ୍କେଲ ପଲର ସ୍ଥିତିକୁ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ କରିଥିବା ଜଣାପଡିଛି। ପ୍ରତ୍ୟେକ ବର୍ଷ ବର୍ଷା ଦିନେ ବୃଷ୍ଟିପାତ ନିର୍ଣ୍ଣୟ ଯନ୍ତ୍ର ଦ୍ୱାରା କେତେ ପରିମାଣରେ ବୃଷ୍ଟିପାତ ହେବା ଉପରେ ଓ ସର୍ବାଧିକ ବୃଷ୍ଟିପାତ ହୋଇଥିବା କୋଷାଗୁମୁଡା ସିଡ୍ଲୁସି ବିଭାଗ ପକ୍ଷରୁ ଜଣାପଡ଼େ।

## ସୁରକ୍ଷା ବାହିନୀର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ଦାବି

ବୈପାରୀଗୁଡ଼ା, ୨୦।୫(ସମିସ): ସୁରକ୍ଷା ବାହିନୀର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଗାଁ ଲୋକେ। ଆଜି ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟରେ କାଠପୋଡ଼ା ପଞ୍ଚାୟତର ବଡ଼ବେତ ଗାଁର ଲୋକେ କୋରାପୁଟ ଜିଲ୍ଲାପାଳଙ୍କ ଉଦେଶ୍ୟରେ ସ୍ଥାନୀୟ ବିଡିଓଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, କାଠପୋଡ଼ା ପଞ୍ଚାୟତର ବଡ଼ବେତ ଗାଁରେ ଗତ ମଙ୍ଗଳବାର ଦିନ ଜଣେ ନକ୍ସଲକୁ ଗିରଫ କରାଯାଇଥିବା ନେଇ ଆଲୋଚନା ଚାଲିଛି। ଏଥି ପୂର୍ବରୁ ୩ ବର୍ଷ ପୂର୍ବେ ସେହି ଗାଁ ରୁ ଜଣେ ମାଓବାଦୀଙ୍କୁ ଗିରଫ କରାଯଇଥିଲା। ଏହାକୁ ନେଇ ବଡ଼ବେତ ଗାଁ ସହ ଅଖପାଖ ଗାଁରେ ଭୟର ବତାବରଣ ସୃଷ୍ଟି ହୋଇଛି। ଏଣୁ ଗାଁ ଲୋକେ ଆଜି ବଡ଼ବେତ ଠାରେ ସୁରକ୍ଷା ବାହିନୀର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ବୈପାରୀଗୁଡା ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଯୁକ୍ତ ୩ ନାମଲେଖା ଆବେଦନ ସମୟ ବୃଦ୍ଧିକୁ ସ୍ୱାଗତ

ଜୟପୁର, ୨୦।୫ (ସମିସ): ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇନଥିବା ବେଳେ ଯୁକ୍ତ ୩ ନାମଲେଖା ପାଇଁ ଆଜି ଆବେଦନ ଶେଷ ଦିବସ ରହିଥିଲା। ଏହି ପରସ୍ଥିତିକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଚିନ୍ତାରେ ରହିଥିଲେ। ଶେଷରେ ଉଚ୍ଚଶିକ୍ଷା ବିଭାଗ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଗତ ଏପିଲ ୧୬ରେ ଆରମ୍ଭ ହୋଇ ମେ ୨୦ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁକ୍ତ ୨ର ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇନଥିବା ଯୋଗୁଁ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଶେଷ ହେଉଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଜୁନ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହିପରି ଆସନ୍ତା ବୁଧବାର ଅପରାହ୍ନ ୪ ଟାରେ ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇବା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଛାତ୍ରଛାତ୍ରୀ ମାନେ ଆସନ୍ତା ଜୁନ ୧ ତାରିଖ ପର୍ଯ୍ୟନ୍ତ ଏସଏଏମଏସ ପୋର୍ଟାଲରେ ଅନ୍‌ଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ସେହିପରି ଯୁକ୍ତ ୨ ପରୀକ୍ଷାରେ ରଖିଥିବା ନିଜର ମାର୍କକୁ ମଧ୍ୟ ଜୁନ ୧ ତାରିଖ ସୁଦ୍ଧା ଅପ୍‌ଲୋଡ କରିପାରିବେ। ସେପଟେ ଚଳିତ ବର୍ଷ ଫେବୃଆରୀ ୧୮ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇ ୨୭ ତାରିଖରେ ପରୀକ୍ଷା ସରିଥିଲା। ଆଉ ଏପ୍ରିଲ ୨ରୁ ଖାତା ଦେଖା ଆରମ୍ଭ କରିଥିବା ଗଣଶିକ୍ଷ ବିଭାଗ ମେ ୧୫ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ପ୍ରକାଶ କରିଥିଲେ।

## ମା'ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା




ଡାବୁଗାଁ, ୨୦।୫ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ କୋଇଲାରି ଗ୍ରାମପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମଠାରେ ମଙ୍ଗଳବାର ମହାସମାରୋହରେ ମା'ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆଖପାଖ ଗ୍ରାମର ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚି ଗ୍ରାମ ପରିକ୍ରମା କରି ମା'ପେଣ୍ଡ୍ରାଣୀ ଠାକୁରାଣୀ ମନ୍ଦିର ନିକଟରେ ପହଞ୍ଚି ଜଗଦୀଶ ପୁଝାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପୂଜାରୀ, ଶିରା ମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମାପନ କରି ଥିବା ବେଳେ ଉକ୍ତ ଯାତ୍ରାରେ ବହୁ ଉଠା ଦୋକାନୀ ମାନଙ୍କ ଭିଡ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ରାତ୍ରିରେ ମନୋରଞ୍ଜନ ନିମନ୍ତେ କୋରାପୁଟ ଜିଲ୍ଲାର ବୋରୀଗୁମ୍ମା ବ୍ଲକ ଅଧୀନ ପୋଡ଼ାପଦର ଗ୍ରାମର ସରଜ ଗୁରୁଙ୍କ "ବେଇମାନୀ ଝିଅକୁ ଭରସା ନାହିଁ" ନାଟକ ପ୍ରଦର୍ଶନ କରାଯାଇଛି। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଯାତ୍ରା କମିଟି ମଧ୍ୟରେ କପୁର ଚନ୍ଦ୍ର ମାଝି, ଲାଇବନ ଭତ୍ରା, ଚୈତନ୍ୟ ଭତ୍ରା, ଚନ୍ଦ୍ର ପୂଜାରୀ, କୈଳାଶ ମାଝି, ସଦା ଭତ୍ରା, କମଳ ଭତ୍ରା, ଅଭିମନ୍ୟୁ ଭତ୍ରା, ନରହରି ପୂଜାରୀ, ସନାଧର ଭତ୍ରା, ନରସିଂ ଭତ୍ରା, ଗୁରୁବାରୁ ଭତ୍ରା, ପଦମସାଏ ଭତ୍ରା, ଭଇସୁ ଗୌଡ ପ୍ରମୁଖ ଗ୍ରାମରବ୍ୟକ୍ତିଙ୍କ ସହଯୋଗରେ ଏହା ସମ୍ପନ୍ନ ହୋଇଥିଲା। ଉକ୍ତ ଯାତ୍ରା ପ୍ରତି ବର୍ଷ ସରାଗୁଡା, ଝାଳିଆଗୁଡା ଓ କେନ୍ଦୁଗୁଡ଼ା ପ୍ରମୁଖ ୩ ଟି ଗ୍ରାମ ମିଶି ବହୁ ଦିନକୁ ଆୟୋଜନ କରି ଆସୁଛନ୍ତି।

## କୋଡିଙ୍ଗାମାଳି ପାଇଁ ସର୍ବଦଳୀୟ ପ୍ରସ୍ତୁତି ବୈଠକ

ଟିକିରି,୨୦।୫(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କଂସାରିଗୁଡ଼ା ଠାରେ ହେବାକୁ ଥିବା ଆଦିତ୍ୟ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପାଇଁ ଅଞ୍ଚଳବାସୀ ଦୀର୍ଘ ୨୦ ବର୍ଷ ଅହରହ ସଂଗ୍ରାମ କରି ଚଳିତ ବର୍ଷ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଥିବା ବେଳେ ବେଦାନ୍ତ କମ୍ପାନୀ ଏଠାରେ କୋଡିଙ୍ଗାମାଳିରୁ ୩ ମିଲିୟନ ଟନ୍‌ରୁ ୬ ମିଲିୟନ ବକ୍ସାଇଟ ନେବା ପାଇଁ ଯୋଜନା କରୁଛି। ଏ ନେଇ ଆଜି ପୋଡ଼ାପାଡ଼ି ପଞ୍ଚାୟତ ବଡ ମାଟିକଣାଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା।



ବୈଠକରେ କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲକା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝୀ, ବରିଷ୍ଠ ବିଜେଡି ନେତା ଜଗଦୀଶ ପାତ୍ର, ବିନୋଦ ନାୟକ, ସମାଜସେବୀ ବିଦ୍ୟା ଦୁରିଆ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟେଶ୍ୱର ମାଝୀ, କାଶିପୁର ଓ ଲକ୍ଷ୍ମୀପୁର ବ୍ଲକର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ଥିବା ବେଳେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ବିଭୀଷଣ ମାଝି, କୈଳାସ କୁଲେଶିକା ଉପସ୍ଥିତ ରହି ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ କୋଡ଼ିଙ୍ଗାମାଳିରୁ ବକ୍ସାଇଟ୍ ନ ଦେବା ପାଇଁ ଆଗାମୀ ଦିନରେ ଏକ ଲିଖିତ ଅଭିଯୋଗ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ରାୟଗଡ଼ା ଓ କୋରାପୁଟଙ୍କୁ ଦେବାକୁ ନିଷ୍ପତ୍ତି ହୋଇଛି। ଏହି ଅଞ୍ଚଳରେ ଗଢ଼ି ଉଠିଥିବା ଆଦିତ୍ୟ ଆଲୁମିନା ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ପ୍ରତି ଧ୍ୟାନ ଦେବା ପାଇଁ ଦାବି ଉପସ୍ଥାପନା କରାଯିବ ବୋଲି ଉପସ୍ଥିତ ବିସ୍ଥାପିତ ଅଞ୍ଚଳବାସୀଙ୍କ ସମ୍ମୁଖରେ ବକ୍ତବ୍ୟ ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଡଉଲ ରତ୍ନ ଚୌଧୁରୀ, ଉପ ସଭାପତି ନିଳକଣ୍ଠ ଝୋଡ଼ିଆ, ସମ୍ପାଦକ ରାଜେନ୍ଦ୍ର ଦୁରିଆ ପ୍ରମୁଖ ମଞ୍ଚ ପରିଚାଳନା କରିଥଲେ। ଅର୍ଜି ମାଝୀ, ଲକ୍ଷ୍ମୀ ଧର ବାଘ, ମଧୁ ଝୋଡ଼ିଆ, ତିର୍ପତି ଝୋଡିଆ, ସଞ୍ଜୀବ ବାଘ, ସୁବାସ ବାଘ, ବିପିନ ମଣ୍ଡିଙ୍ଗା, କର୍ଣ୍ଣ ମୁଦୁଲି ଓ ବିଦ୍ୟାରତ୍ନ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।






## ଯୁବକ ନିଖୋଜ, ଥାନାରେ ଏତଲା



ନନ୍ଦପୁର,୨୦।୫ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧିନସ୍ଥ ମେଡିପୁଟ ଗ୍ରାମର ସୋମନାଥ ଜାନି (୩୧) ନିଖୋଜ ହୋଇ ଯାଇଥିବା ନେଇ ତାଙ୍କ ବାପା ବଳ ଜାନି ନନ୍ଦପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ସୋମନାଥ ଗତ ୧୬ ତାରିଖ ଦିନ ପ୍ରାୟ ୧୦ଟା ସମୟରେ ନିଜ ମେଡ଼ିପୁଟ ସ୍ଥିତ ବାସଭବନରୁ ନିଜ ପୁଅ ଲାଗି ଜୋତା କିଣିବାକୁ ନନ୍ଦପୁର ଅଭିମୁଖେ ଆସିଥିଲେ । କିନ୍ତୁ ସେହି ଦିନଠାରୁ ସେ ଘରକୁ ଫେରି ନାହାନ୍ତି । ପରିବାର ଲୋକେ ନିଜ ସମ୍ପର୍କୀୟ ଓ ତାର ସାଙ୍ଗ ସାଥୀଙ୍କ ଘରେ ତଥା ଆଖପାଖ ଅଞ୍ଚଳରେ ଖୋଜି ନିରାଶ ହେବାପରେ ଆଜି ନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ସୋମନାଥର ମୋବାଇଲ ନଂ ୬୩୭୧୩୦୦୮୦୧କୁ ସମ୍ପର୍କ କରିବାକୁ ଚେଷ୍ଟା କଲେ ତାହା ସୁଇଚ୍ ଅଫ୍ ଆସୁଥିବା ମଧ୍ୟ ଏତଲାରେ ଦର୍ଶାଯାଇଛି ।

## ଅଗ୍ନି ଗାଙ୍ଗାମା'ଙ୍କ ଯାତ୍ରା ଉଦ୍‌ଯାପନ ଆଜି



ସେମିଳିଗୁଡ଼ା, ୨୦।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରେ ଗତ ମେ ୨୭ ତାରିଖରୁ ଆରମ୍ଭ ହୋଇଥିବା ଅଗ୍ନୀ ଗାଙ୍ଗାମା'ଙ୍କ ନଅ ଦିନିଆ ଘଟଯାତ୍ରା ବୁଧବାର ଦିନ ଶେଷ ହେବ । ମଙ୍ଗଳବାର ଦିନ ଭକ୍ତ ମାନେ ମା' ଦର୍ଶନ କରି ପୂଜା କରିଥିଲେ । ନିଜ ମାନସିକ ପୂରଣ କରିଥିଲେ । ସନ୍ଧ୍ୟାରେ ମାଆଙ୍କ ଘାଟ ନଗର ପରିକ୍ରମା କରିବା ସହ ନିଆଁ ଚକୁଡା ପର୍ବ ପାଳିତ ହୋଇଥିଲା । ଏଥିରେ ଶତାଧିକ ଭକ୍ତ ଯୋଗଦେଇଥିଲେ । ଏହି ନିଆଁ ଚକୁଡା ପର୍ବରେ ଘଟଧାରୀ ମାନେ ଲାଲ ଟହ ଟହ ଜଳୁଥିବା ଅଙ୍ଗାର ଉପରେ ଚାଲି ଚାଲି ଯାଇଥାନ୍ତି । ଏହି ଦୃଶ୍ୟ ଅତି ଚମତ୍କାରି ହେବା ସହ ଶତାଧିକ ଭକ୍ତଙ୍କ ମନରେ ମା'ଙ୍କ ପ୍ରତି ରହିଥିବା ଭରସା ବଢିଯାଇଥିଲା । ପରିକ୍ରମାରେ ବହୁ ଘରେ ନିଆଁ ପ୍ରଦାନ କରାଯାଇଥିବା ଜଣାପଡିଛି । ମା'ଙ୍କ ଅନେକ ସ୍ଥାନରେ ନିଆଁ ଚକୁଡିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ମୂଖ୍ୟ ଆକର୍ଷଣ ଭାବେ ରୋଡ ସୋ ଆୟୋଜନ କରାଯାଇଥିଲା । ରାତି ସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ବୁଧବାର ବିସର୍ଜନ ପରେ ଯାତ୍ରା ଶେଷ ହେବ । ଗତ ୧୧ରୁ ଯାତ୍ରା ଆରମ୍ଭ ହୋଇଥିଲା ।

## ରାଜର୍ଷି ବିକ୍ରମ୍ ଓ ଲେଡିଜ୍ ୱାକର୍ସ କ୍ଲବ୍ ବୈଠକ

କୋରାପୁଟ,୨୦।୫(ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡାର ଏକ ହୋଟେଲ ସଭାଗୃହଠାରେ ରାଜର୍ଷି ବିକ୍ରମ, ଲେଡିଜ ଏବଂ ଗୌଡ଼ଗୁଡା ୱାକର୍ସ କ୍ଲବ୍‌ର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଗୋପିନାଥ ପଟ୍ଟନାୟକଙ୍କୁ ସମ୍ମାନିତ କରାଯିବା ସହ ନବଦମ୍ପତି ଆଲୋକ ଓ ସୃଜନିକାଙ୍କୁ ଲେଡିଜ ୱାକର୍ସ କ୍ଲବ ତରଫରୁ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ତତସହିତ ସତ୍ୟ ନାରାୟଣ ପଟ୍ଟନାୟକ ଓ ଆହ୍ଲାଦୀନି ପଟ୍ଟନାୟକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ସମ୍ବନ୍ଧିତ କିଛି ପ୍ରସଙ୍ଗ ଆଲୋଚନା କରା ଯାଇଥିଲା । ସଭାନେତ୍ରୀ ଆରତୀ ସେଠୀ ଓ ପଦ୍ମା ଶାସ୍ତ୍ରୀଙ୍କ ସହିତ ଲେଡିଜ କ୍ଲବର ସମସ୍ତ ସଭ୍ୟା ଉପସ୍ଥିତ ଥିଲେ । ରାଜର୍ଶୀ ବିକ୍ରମ ୱାକର୍ସ କ୍ଲବ୍ ସଭାପତି ଅଜିତ ପାତ୍ର, ପଥଚାରୀ ଜଗନମୋହନ ସାହୁ, ସରୋଜ ରଥ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଗୌଡଗୁଡା ୱାକସ୍‌ର୍ କ୍ଲବ ତରଫରୁ ସଭାପତି ଗୁପ୍ତ ଗୌଡ, ତ୍ରିଲୋଚନ ଗୌଡ଼ ଓ ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସଂପାଦକ ଲଳିତ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ ।

● ଭିଏସ୍‌ଏସ୍ ଘର ନିର୍ମାଣ ବିବାଦ

## ଗାଁ ଲୋକଙ୍କ ସହ ଆଲୋଚନା କଲେ ଏବିଡିଓ



ବୈପାରୀଗୁଡ଼ା, ୨୦।୫(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଦଣ୍ଡବାଡ଼ି ପଞ୍ଚାୟତ କାଲିଆଅଟାଲ ଗାଁରେ ଭିଏସ୍‌ଏସ୍ ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ହେବା ପରେ ଆଜି ଘଟଣା ସ୍ଥଳରେ ବୈପାରୀଗୁଡା ଏବିଡିଓ ନିବେଦିତା ଦଣ୍ଡସେନା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି । କାଲିଆଅଟାଲ ଗାଁରେ ବନସୁରକ୍ଷା ସମିତିର ଭିଏସ୍‌ଏସ୍ ଘର ନିର୍ମାଣ କାମ ଆରମ୍ଭ ହୋଇଛି । ହେଲେ ଗାଁ ଠାରୁ ଅଧ କିଲୋମିଟର ଦୂରରେ ନିର୍ମାଣ ହେଉଛି । ଯାହାକି ଗାଁ ଲୋକଙ୍କୁ ନାଳ ପାର ହେବାକୁ ପଡିବ । ଏଣୁ ଗାଁ ନିକଟରେ ଗୃହ ନିର୍ମାଣ ପାଇଁ ଦାବି ହୋଇଥିଲା । ଏ ନେଇ ଏବିଡିଓ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ । ଗାଁ ନିକଟରେ ଗୃହ ନିର୍ମାଣ ହେଉ ନଚେତ ନାଳ ଉପରେ ପ୍ରଥମେ କଲଭର୍ଟ ସହ ରାସ୍ତା ନିର୍ମାଣ ହେଉ, ତାପରେ ଭିଏସଏସ ଘର ନିର୍ମାଣ କରାଯିବ ବୋଲି ଗାଁ ଲୋକେ ଅଡି ବସିଥିଲେ । ଏନେଇ ଏବଡିଓ କହିଛନ୍ତି, ଗାଁ ଲୋକଙ୍କୁ ରାସ୍ତା କାର୍ଯ୍ୟ ଆରମ୍ଭ ପାଇଁ ପ୍ରତିଶ୍ରୁତି ଦିଆଯାଇଛି । କିନ୍ତୁ ଭିଏସ୍‌ଏସ୍ କାର୍ଯ୍ୟ ଜାରିରହିବ । ତେବେ ଏଥିରେ ଗାଁ ଲୋକେ ସହମତି ନାହାନ୍ତି । ତଦନ୍ତ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ସୃଷ୍ଟି ସୁହାସିନୀ ମଲିକ, କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ତିରିଆ, ପିଇଓ ସନ୍ଦୀପ ପଟ୍ଟନାୟକ ,ସରପଞ୍ଚ ଛେଣ୍ଡିଆ ଖିଲ ଏବଂ ସମିତି ମାଧବ ଖରା ଏବଂ ସ୍ଥାନୀୟ ୱାର୍ଡ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

### ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ସିସିଟିଭି ନଜରରେ ରହିବ ରଥଯାତ୍ରା

କୋରାପୁଟ,୨୦।୫ (ସମିସ): ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ଠାରେ କୋରାପୁଟ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନଙ୍କ ଅଧ୍ୟକ୍ଷତାରେ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁନ୍ ମାସ ୨୭ ତାରିଖ ଦିନ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ । ତା' ପୂର୍ବରୁ ଆସନ୍ତା ଜୁନ୍ ୧ ତାରିଖରେ ରଥ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ମହାରଣା କାରିଗର ଓ ସ୍ୱେଚ୍ଛାସେବୀ ମାନଙ୍କ ଉଦ୍ୟମରେ ୩ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ । ଜୁନ୍ ମାସ ୨୬ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପଡୁଥିବାରୁ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ଅନୁସାରେ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ନିଷ୍ପତି ହୋଇଛି ।

୧୯୭୨ ମସିହାରେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ଆରମ୍ଭ ହୋଇଥଲା । ୨୦୧୮ ପର୍ଯ୍ୟନ୍ତ ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ବସାଇ ରଥଯାତ୍ରା କରାଯାଉଥିଲା । ମାତ୍ର ୨୦୧୯ ଠାରୁ ୩ ଗୋଟି ରଥ କୋରାପୁଟ ବଡ଼ଡାଣ୍ଡରେ ଗଡୁଛି । ଏହି ଭୂଇଁରେ ରଥ ଉପରେ ଛେରାପହଁରା କରନ୍ତି ଆଦିବାସୀ ଗାଁ ନାୟକ । ଅନୁରୂପ ଭାବେ ଏବର୍ଷ ୩ ରଥରେ ଜିଲ୍ଲାର ୩ କୋଣରୁ ୩ ଜଣ ଆଦିବାସୀ ସେବକଙ୍କୁ ଛେରାପହଁରା ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତି ହୋଇଛି । ବଳଭଦ୍ର ରଥ ର ପଟ୍ଟାଙ୍ଗି ବ୍ଲକ କୋଟିଆର ଦାନୁ ତାଡିଙ୍ଗି, ମା ସୁଭଦ୍ରାଙ୍କ ରଥରେ ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଖଜୁରୀପୁଟର ସାଧୁ ସାଉଁନ୍ତା ଓ ଜଗନ୍ନାଥଙ୍କ ରଥରେ କୋରାପୁଟ ରଙ୍ଗବାଲି କୁମ୍ଭାର ଗ୍ରାମ ନାୟକ ଛେରା ପହରା କରିବାର କାର୍ଯ୍ୟକ୍ରମ ରହିଛି । ଶାବର ଶ୍ରୀକ୍ଷେତ୍ର ପ୍ରଥା ଅନୁସାରେ ଶ୍ରୀ ଗୁଣ୍ଡିଚା ଯାତ୍ରା ଦିନ ନନ୍ଦିଘୋଷ ରଥ ଉପରେ କୋରାପୁଟ ଜିଲ୍ଲାପାଳ ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରଣ ହୋଇ ଆସିଥିବା ଆଦିବାସୀ ଗ୍ରାମର ନାୟକ ଓ ବିଶିଷ୍ଟ ସ୍ୱେଚ୍ଛାସେବୀମାନଙ୍କୁ ସିରିପା ପ୍ରଦାନ କରି ସମ୍ମାନିତ କରିବେ । ରଥଯାତ୍ରାରୁ ବାହୁଡା ପର୍ଯ୍ୟନ୍ତ କିପରି ଆଇନ ଶୃଙ୍ଖଳାକୁ ବିଶେଷ ଭାବେ ଧ୍ୟାନ ଦିଆଯାଇଛି । ସିସିଟିଭି ନଜରରେ ଶ୍ରୀ ଗୁଣ୍ଡିଚା ଓ ବାହୁଡାର ରଥ ଟଣା କାର୍ଯ୍ୟ ରହିବ ବୋଲି ସେ କହିଛନ୍ତି । ଆଇନ ଶୃଙ୍ଖଳା ପାଇଁ ଅଧିକ ପୁଲିସ ମୁତୟନ କରାଯିବ ବୋଲି ସେ କହିଛନ୍ତି । ସ୍ନାନପୂର୍ଣ୍ଣିମା ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କିପରି ଶୃଙ୍ଖଳିତ ଭାବରେ ସମାପନ ହେବ ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ରଥଯାତ୍ରା ଦିନ ସୁଭଦ୍ରାଙ୍କର ପହଣ୍ଡି ଓ ରଥ ଟଣା କାର୍ଯ୍ୟ ମହିଳାଙ୍କ ଦ୍ୱାରା ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଟାଉନ୍ ଥାନା ଅଧିକାରୀ ମାଉସୀ ମା' ପୋଡପିଠା ପ୍ରସ୍ତୁତି କାର୍ଯ୍ୟ ସମ୍ପାଦନ କରିବେ ବୋଲି ଜଣାପଡିଛି । ରଥ ପାଖରେ ଅତ୍ୟାଧୁନିକ ଆଲୋକୀକରଣ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଛି । ରାସ୍ତାର ଦୁଇ ପାଶ୍ୱରେ ଥିବା ଡ୍ରେନ୍ ଉପରେ କଭର କରାଯିବ ବୋଲି ନିଷ୍ପତି ନିଆଯାଇଥିଲା ଶ୍ରୀଗୁଣ୍ଡିଚାଯାତ୍ରାରେଭକ୍ତମାନଙ୍କୁଉନ୍ନତମାନର ପ୍ରସାଦ ବ୍ୟବସ୍ଥା ଉପରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଗୁରୁତ୍ୱାରୋପ କରିଥିଲେ । ଆଜିର ବୈଠକରେ,କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରିତିସୁଧା ଜେନା, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟଙ୍କ ସମେତ ମନ୍ଦିର ପରିଚାଳନା ସଂସ୍ଥାର କର୍ମକର୍ତ୍ତା ଓ ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ । ସୂଚନାଥାଉକି ଜୁନ ମାସ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଓ ଜୁନ୍ ୨୭ ତାରିଖ ଦିନ ମହାପ୍ରଭୁଙ୍କ ରଥଯାତ୍ରାରେ ସକାଳ ୯ଟା ୪୦ରେ ପହଣ୍ଡି ଆରମ୍ଭ ହେବ ଏବଂ ଦିବା ୧ ଟା ୦୫ରୁ ରଥଟଣା ହେବ ବୋଲି ଜଣାପଡିଛି । ଜୁନ ୨୮ ତାରିଖ ଦିନ କୋଟିଆରେ ରଥଟଣା ହେବ ବୋଲି ଜଣାପଡିଛି ।




## ପରାକ୍ରମ ଶୋଭାଯାତ୍ରା

ପଟ୍ଟାଙ୍ଗି,୨୦।୫(ସମିସ): ଅପରେସନ ସିନ୍ଦୂର'ର ସଫଳତା ନେଇ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୀମାନ୍ତ ସୁଙ୍କି ଅଞ୍ଚଳରେ ଭାରତୀୟ ସୈନ୍ୟବାହିନୀକୁ ଉତ୍ସାହିତ କରିବା ପାଇଁ ପରାକ୍ରମ ଯାତ୍ରା ତଥା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ ସୁଙ୍କି ଅଞ୍ଚଳର ସଭାପତି ଜିତେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ନେସନାଲ କାଉନ୍‌ସିଲ ମେମ୍ବର ଜୟରାମ ଭୋଇ, ରାଜ୍ୟ ଯୁବ ମୋର୍ଚ୍ଚାର ମୋହନ ବୈରାଗୀ, ସୁଙ୍କି ମଣ୍ଡଳର ମୁଖ୍ୟ ସମ୍ପାଦକ ତ୍ରିନାଥ ବେହେରା, ଜିଲ୍ଲା ସଦସ୍ୟ ପୂର୍ଣ୍ଣ ବାଙ୍କା, ଓବିଶି ମୋର୍ଚ୍ଚାର ସଭାପତି ରଞ୍ଜନ ମହାନ୍ତି, ଉପ ସଭାପତି ନାଗେଶ ତାମାଲ, ସଦସ୍ୟ ସୀମାଞ୍ଚଳ ଖିଲ ଓ ଜଗନ୍ନାଥ ବେହେରା ଏବଂ ପୁଲିସ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମଟି ସୁଙ୍କି, ଆମ୍ପାବିଲି ଏବଂ ଗୋଲୁର ପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡିକରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସେନାର ସଫଳତାରେ ତ୍ରିରଙ୍ଗା ପତାକା ଧରି ପରାକ୍ରମ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା ।



## ରକ୍ତଦାନ କରି ଜୀବନ ବଞ୍ଚାଇଲେ ମୋହନ

ମାଲକାନଗିରି,୨୦।୫(ସମିସ): ମାଲକାନାଗିରି ସଦର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚଲାଣଗୁଡ଼ା ପଞ୍ଚାୟତ ଟିଟିବିରୀ ଗ୍ରାମର ଭୀମ ମାଡକାମି ଗୁରୁତର ଆନିମିଆ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି । ତାଙ୍କୁ 'ଓ ପଜେଟିଭ୍' ରକ୍ତର ଆବଶ୍ୟକ ଥିଲା । ଡାକ୍ତର ତୁରନ୍ତ ରକ୍ତ ଯୋଗାଡ କରିବା ପାଇଁ ପରାମର୍ଶ ଦେଇଥିଲେ । ପରିବାର ଲୋକେ ରକ୍ତ ପାଇଁ ବିଭିନ୍ନ ସ୍ଥାନରେ ଯୋଗାଯୋଗ କରି ନିରାଶ ହେବା ପରେ ରିକ୍ଲାମେସନ୍ ରାଇଜିଂ କ୍ଲବ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ସେଠୀଙ୍କୁ ଯୋଗାଯୋଗ କରିଥିଲେ । ଏହି ଖବର ଶ୍ରୀ ସେଠୀ ଜାଣିବା ପରେ ରିକ୍ଲାମେସନ୍ କଲୋନିର ରାଇଜିଂ କ୍ଲବ ସଦସ୍ୟ ମୋହନ ସିଂଘମଙ୍କୁ ତୁରନ୍ତ ଯୋଗାଯୋଗ କରିଥିଲେ । ମାନବିକତା ଦେଖାଇ ମୋହନ ସହାୟତା ପାଇ ଆଗେଇ ଆସିଥିଲେ ଓ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରି ଭୀମ ମାଡକାମିଙ୍କ ଜୀବନ ବଞ୍ଚାଇଥିଲେ । ତାଙ୍କର ଏଭଳି ମହତ୍ କାର୍ଯ୍ୟ ଯୋଗୁଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହି ଅବସରରେ ଅଧ୍ୟାପକ ମାଲକାନଗିରି ମହା ବିଦ୍ୟାଳୟ ଗୌତମ ନାୟକ, ସମ୍ପାଦକ ରିକ୍ଲାମେସନ୍ ରାଇଜିଂ କ୍ଲବ କେ.ରାହୁଲ, ଏକ୍‌ଜିକ୍ୟୁଟିଭ ମେମ୍ବର ରିକ୍ଲାମେସନ୍ ରାଇଜିଂ କ୍ଲବ ସତ୍ୟଜିତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।




## ଦୁଇ ଗାଁରେ ଅବକାରୀ ଚଢ଼ଉ

କୋଷାଗୁମୁଡ଼ା,୨୦।୫(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଦିନ କୋଡ଼ିଙ୍ଗା ଅବକାରୀ ଦଳ ଦୁଇଟି ଗ୍ରାମରେ ଚଢ଼ଉ କରି ପ୍ୟାକେଟ୍ ମଦ ଜବତ କରି ନଷ୍ଟ କରିଛନ୍ତି । ଏହି ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସଆଇ ହାଲଦାର ଜାନି, ରମେଶ ପ୍ରଧାନ, ପ୍ରମୋଦ କୁମାର ବାଘ ମିଳିତ ସାମିଲ ହୋଇଥିଲେ । ସର୍ଗିଗୁଡା ଓ ଦାଡ଼ିଆଗୁଡା ଗ୍ରାମରେ ଚଢ଼ଉ କରି ଦୁଇଟି ସ୍ଥାନରୁ ପ୍ୟାକେଟ ମହୁଲି ମଦ ଜବତ କରି ନଷ୍ଟ କରାଯାଇଛି । ଏଥିରେ ପ୍ରାୟ ୨୬ ଲିଟର ପ୍ୟାକେଟ ମହୁଲ ମଦକୁ ଜବତ କରି ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି । ଏହି ଦୁଇ ଗ୍ରାମର ଦୁଇ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ନବରଙ୍ଗପୁର ଜିଲ୍ଲା କୋର୍ଟ ଚାଲାଣ କରାଯାଇଛି ବୋଲି କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶୀରାଜ ସୁନା ସୂଚନା ଦେଇଛନ୍ତି ।



# ଗୁରୁବାର ପୌର ପରିଷଦର ଜରୁରୀ ବୈଠକ

### ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଞ୍ଜୁର ହେବ

ଜୟପୁର, ୨୦।୫ (ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌର ପରିଷଦର ବୈଠକ ଆସନ୍ତା ଗୁରବାର ଦିନ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ନେଇ ଆଲୋଚନା ଏବଂ ମଞ୍ଜୁର ହେବ । ଏହି ବୈଠକର ଗୁରୁତ୍ୱ ଥିବାରୁ ସମସ୍ତ କାଉନ୍‌ସିଲର ଉପସ୍ଥିତ ରହିବା ନେଇ ପୌରସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ବିକାଶ ଏବଂ ଟ୍ରାଫିକ୍ ସମସ୍ୟା ସହ ଆଗାମୀ ବଜେଟ୍ ଅନୁଯାୟୀ ସହରର ବିଭିନ୍ନ ନିର୍ମାଣ କାର୍ଯ୍ୟ ନେଇ ଆଲୋଚନା ହେବା ସୁନିଶ୍ଚିତ ହୋଇଛି । ଏଥିରେ ଗୋବର୍ଦ୍ଧନ ମୁଣ୍ଡା ପୋଖରୀର ଚାରିପାଖରେ ଫୁଡ୍‌କୋର୍ଟ । ଜଗନ୍ନାଥ ସାଗର ପାଶ୍ୱର୍ରେ ଜବରଦଖଲ ଘର ନିର୍ମାଣ କରି ବସବାସ କରୁଥିବା ଲୋକମାନଙ୍କୁ ଡଙ୍ଗାଗୁଡା ଅଞ୍ଚଳରେ ରହିଥିବା ସରକାରୀ ଜମିକୁ ସ୍ଥାନାନ୍ତରିତ କରିବା । ଉକ୍ତ ବସ୍ତି ବାସିନ୍ଦାଙ୍କ ଦ୍ୱାରା ଜଗନ୍ନାଥ ସାଗରରେ ଦୂଷିତ ଜଳ ପ୍ରବେଶ କରୁଥିବା ଯୋଗୁଁ ସାଗରର ପାଣି ନଷ୍ଟ ହେଉଛି । ତେଣୁ ବସ୍ତି ସ୍ଥାନାନ୍ତରିତ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ରାସ୍ତା ପାଶ୍ୱର୍ରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ରାବାସର ୧୫ ଫୁଟ ଓସାରର ଜମି ପୌରସଂସ୍ଥାକୁ ପ୍ରଦାନ କରିବା ନେଇ ପୌରସଂସ୍ଥା ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । କିନ୍ତୁ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ କମିଟି ଗଠନ କରାଯାଇ ନଥିବା ଯୋଗୁଁ କର୍ତ୍ତୃପକ୍ଷ ଏଥିନେଇ ନିଷ୍ପତି ଗ୍ରହଣ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ତେଣୁ ଉଚ୍ଚ ଶିକ୍ଷାବିଭାଗର ଦୃଷ୍ଟି ଆକର୍ଷଣ କରିବା ନେଇ ବୈଠକରେ ଆଲୋଚନାର ହେବାର ରହିଛି । ସହରରେ ରହିଥିବା ୨୬ଟି ପାର୍କ ଗୁଡିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପିପିପି ମୋଡରେ କୌଣସି ସଂସ୍ଥାକୁ ପ୍ରଦାନ କରାଯିବାକୁ ନିଷ୍ପତି ହୋଇଛି । ସହରର କଲ୍ୟାଣ ମଣ୍ଡପ ଓ ଗାଷ୍ଠୀ କେନ୍ଦ୍ର ଗୁଡିକ ରହିଥିଲେ ସୁଦ୍ଧା ଏହାର ଦୂରବସ୍ଥା ରହିଛି । ତେଣୁ ଏହାର ମରାମତି କରାଯାଇ ସର୍ବନିମ୍ନ ମୂଲ୍ୟ ପ୍ରଦାନ କରାଯାଇ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷକୁ ପ୍ରଦାନ କରିବା ନେଇ ଆଲୋଚନା ହେବ । ସହରର ସମସ୍ତ ଶୌଚାଳୟ ଗୁଡ଼ିକ ଦୟନୀୟ ଅବସ୍ଥାରେ ରହିଛି । ତେଣୁ ଏହି ଶୌଚାଳୟ ଗୁଡିକର ମରାମତି ପାଇଁ ୫୦ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ି ଜୟପୁର ମୁଖ୍ୟରାସ୍ତାରେ ଉଠାଦୋକାନୀଙ୍କ ଯୋଗୁଁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ସେହିପରି ଜୟପୁର ସହରରେ ରହିଥିବା ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମରାମତି କାର୍ଯ୍ୟ କରାଯିବା ନେଇ ବ୍ୟୟ ଅଟକଳ କରାଯିବା ନେଇ ଆଲୋଚନା ହେବ । ଜୟପୁର ସହରରେ ଟ୍ରାଫିକ ସମସ୍ୟା ବ୍ୟାପକ ରହିଥିବା ଯୋଗୁଁ କିଛି ଅଞ୍ଚଳରେ ଉଠାଦୋକାନୀ ଗୁଡିକକୁ ଉଚ୍ଛେଦ କରାଯିବାକୁ ନିଷ୍ପତି ଗ୍ରହଣ କରାଯିବ ।




ADMISSION NOTICE

COMMON ENTRANCE TEST- 2025

FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)
Eligibility : 10+2 Science


POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
AND
1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

For details Log on to : https://admission.svnirtar.nic.in

Director Cum Chairman,
CET & PGET-2025



ଆମକୁ ସର୍ବପ୍ରଥମେ କୃଷିକ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚ ଓ ବିପଦ ଆଶଙ୍କାକୁ ହ୍ରାସ କରିବାର ଉପାୟ ଆବିଷ୍କାର କରିବାକୁ ପଡ଼ିବ।

-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ THE SAKALA

# ଶତ୍ରୁର ଶତ୍ରୁ, ମିତ୍ର

ଶତ୍ରୁର ଶତ୍ରୁ ରାଷ୍ଟ୍ର ସହ ମିତ ବସିବା, ଏପରିକି ମିତ୍ର ରାଷ୍ଟ୍ର ସହ ଶତ୍ରୁତା ଆଚରଣ କରୁଥିବା ରାଷ୍ଟ୍ରକୁ ବ୍ୟାବସାୟିକ ସହଯୋଗିତା ମାଧ୍ୟମରେ ଆର୍ଥିକ ଫାଇଦା ହାସଲ କରିବା ଭଳି ସମ୍ପର୍କ ସହ କୂଟନୈତିକ ସମ୍ପର୍କର ସଦାଚାରକୁ ସଂଯୋଗ କରିବା ଠିକ୍ ହେବନାହିଁ। ଆଫଗାନିସ୍ତାନ ସହ ଚୀନ ଓ ଭାରତର ସଂପର୍କ ପ୍ରେକ୍ଷାପଟରେ ଆମେ ଏହି ମନ୍ତବ୍ୟ ଦେଉଛୁ। ୨୦୨୧ରେ ତାଲିବାନ ସାମରିକ ବିଦ୍ରୋହ ମାଧ୍ୟମରେ ଆଫଗାନିସ୍ତାନର କ୍ଷମତା ଦଖଲ କରିଛି। ଏହି ପରିସ୍ଥିତିରେ ପାଶ୍ଚାତ୍ୟ ସାହାଯ୍ୟ ହଠାତ୍ ବନ୍ଦ ହୋଇଯିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ଦେଇ ଗତିକରୁଛି ତାଲିବାନ। ତେବେ ଚୀନ ୨୦୧୭ରୁ ରଖି ଆସିଥିବା ସମ୍ପର୍କ ଏବେ ମଧ୍ୟ ଅତୁଟ ରହିଛି। ଫାଇବର କେବୁଲ ବିଛାଇବାଠାରୁ ଆରମ୍ଭ କରି ବେଲ୍ଟ ଆଣ୍ଡ ରୋଡ ନିର୍ମାଣ, ପଞ୍ଚରାଷ୍ଟ୍ରୀୟ ରେଳ ସଂଯୋଗ, ତମ୍ବା ଖଣି ଖନନ, ସର୍ବୋପରି ଆମୁଦରିଆ ବେସିନରୁ ତୈଳ ଉତ୍ତୋଳନ କରି ଆଫଗାନିସ୍ତାନ ସହ ସଂପର୍କ କେବଳ ସୁଦୃଢ଼ କରିନି, ବିପୁଳ ଆର୍ଥିକ ଫାଇଦା ହାସଲର କ୍ଷେତ୍ର ପ୍ରସ୍ତୁତ କରିଛି। କିନ୍ତୁ ଆମେ କ'ଣ କରିଛୁ? ତାଲିବାନ ବିଦ୍ରୋହ ସମୟରୁ ପାଶ୍ଚାତ୍ୟ ରାଷ୍ଟ୍ର ସହ ହାତ ମିଳାଇ କୂଟନୈତିକ ସମ୍ପର୍କ ଛିନ୍ନ କରିଛୁ। ସୀମାନ୍ତ ଅତିକ୍ରମ କରି ଚାଲିଥିବା ଆତଙ୍କବାଦକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଜାରି ରହିଥିବା ସଂଘର୍ଷର ସୁଯୋଗ ନେଇ ଆମେ ସଂପର୍କ ଯୋଡ଼ିବାକୁ ଆରମ୍ଭ କରିଛୁ। ଶତ୍ରୁର ଶତ୍ରୁ ସହ ଆମେ ମିତ ବସିବା ପାଇଁ ଦୁଇଦେଶର ବୈଦେଶିକ ସ୍ତରରେ ପ୍ରାରମ୍ଭିକ କଥାବାର୍ତ୍ତା ହୋଇଛି। ହୋଇପାରେ ଆଗକୁ ଏହା ଦ୍ୱିପାକ୍ଷିକ ସମ୍ପର୍କର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ।

ବେଲୁଚିସ୍ତାନ ବିଦ୍ରୋହୀ ଓ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ପକ୍ଷରୁ କ୍ରମାଗତ ଆକ୍ରମଣର ସମ୍ମୁଖୀନ ହୋଇ ପାକ୍ ସେନା କେବଳ ଲହୁଲୁହାଣ ହୋଇ ନାହାନ୍ତି, ଦିନକୁ ଦିନ ସେମାନଙ୍କ ପ୍ରଭାବ ଓ ପ୍ରତିଷ୍ଠା କ୍ଷୁଣ୍ଣ ହେବାରେ ଲାଗିଛି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସେନାବାହିନୀର ମୁଖ୍ୟ ମୁନୀର ଯେଉଁ ଭାରତ ବିରୋଧୀ ଷଡ଼ଯନ୍ତ୍ର ରଚନା କରିଥିଲେ ତାହାର ପରାଭବ ଏବେ ସେ ଭୋଗିଛନ୍ତି। ଏପରିକି ପାକ୍ ଅଧିକୃତ କାଶ୍ମୀର ତାଙ୍କ ଦଖଲରୁ ଚାଲିଯିବା ଭୟରେ ଚୀନର ସହାୟତା ମଧ୍ୟ ଲୋଡ଼ିଛନ୍ତି। ପାକିସ୍ତାନ ଓ ଚୀନ ଉଭୟଙ୍କ ସ୍ୱାର୍ଥ ଅଧିକୃତ କାଶ୍ମୀରରେ ନିହିତ ଥିବାରୁ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ସକାଶେ ମିଳିତ ପ୍ରୟାସ ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେଣୁ ପାକିସ୍ତାନ ଉପରେ ଚାପ ବୃଦ୍ଧି କରିବାରେ ଶତ୍ରୁର ଶତ୍ରୁ ଯଦି ଆମର ମିତ୍ର ହେଲା, ତେବେ ଅସୁବିଧା କ'ଣ? ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏଥିମଧ୍ୟରେ ଆଫଗାନ ପ୍ରତିପକ୍ଷ ଅମିର ଖାଁ ମୁତାକିଙ୍କ ସହ ଟେଲିଫୋନ ମାଧ୍ୟମରେ ଯେଉଁ ଯୋଗାଯୋଗ ରକ୍ଷା କରିଛନ୍ତି, ତାହାକୁ ଭିନ୍ନ ଦୃଷ୍ଟିରେ ବିଚାର କରିବାର ସେଭଳି ଯଥାର୍ଥତା ନାହିଁ। ହୋଇପାରେ ତାଲିବାନ ଧର୍ମୀୟ ମୌଳବାଦୀ ଓ ଆତଙ୍କବାଦୀ ସଂଘର୍ଷରୁ ଜନ୍ମ ନେଇଛି। ଉଜ୍‌ବେକିସ୍ତାନ ଇସ୍‌ଲାମିକ ବିଦ୍ରୋହରେ ସଂପୃକ୍ତ ହକାନି ନେଟୱାର୍କ ସହ ତାଲିବାନ୍ ସରକାରର ସଂପର୍କ ରହିଛି। ଏ କଥା ମଧ୍ୟ ସତ୍ୟ ଯେ, ଆଫଗାନିସ୍ତାନରେ ସୋଭିଏତ ରୁଷ ସହ ସଂଘର୍ଷରେ ଏହି ତାଲିବାନ ଗୋଷ୍ଠୀଙ୍କୁ ଉଭୟ ଆମେରିକା ଓ ପାକିସ୍ତାନ ଆର୍ଥିକ ଏବଂ ସାମରିକ ସହାୟତା ଯୋଗାଇଥିଲେ। ଏହି ମହତାକାଂକ୍ଷୀ ଗୋଷ୍ଠୀ ନିଜର ଜୀବନଜୀବିକାକୁ ଜଳାଞ୍ଜଳି ଦେଇ ଅନ୍ୟ ପାଇଁ ଲଢ଼ିଥିଲେ। ଏବେ ପୁଣି ସଂଘର୍ଷ କରି କ୍ଷମତାକୁ ଆସିଛନ୍ତି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ଇସ୍‌ଲାମିକ ମୌଳବାଦ ସେମାନଙ୍କ ସକାଶେ ନୀତି ଓ ଆଦର୍ଶ ଏବଂ ତାହା ପ୍ରତିଷ୍ଠା ଓ ପ୍ରସାର ସକାଶେ ଆଗକୁ ସେମାନେ ଲଢ଼ିବେ। ପାକିସ୍ତାନ ସେମାନଙ୍କୁ ନିଜ ସ୍ୱାର୍ଥ ରକ୍ଷା ସକାଶେ ପ୍ରୟୋଗ କରିବାର ଯେଉଁ ଯୋଜନା କରିଥିଲା ତାହାକୁ ଟିଟିପି ଧ୍ୱଂସ କରିଦେଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ପ୍ରାଧାନ୍ୟ ଓ ପ୍ରଭାବ ଅତୁଟ ରହିଛି। ତେଣିକି ସେମାନେ ତାହାକୁ ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଯଦି ନିଜର ସ୍ୱାର୍ଥରକ୍ଷା ପାଇଁ ଆମେରିକା ଓ ଚୀନ ଯେଝା ବାଟରେ ପାକିସ୍ତାନ ସହ ସୁସମ୍ପର୍କ ରକ୍ଷା କରିପାରୁଛନ୍ତି ତେବେ ଆଫଗାନିସ୍ତାନରେ ତାଲିବାନ ସରକାର ସହ ଭାରତ ଯୋଗାଯୋଗ ରକ୍ଷା କଲେ ଅସୁବିଧା ରହିଲା କେଉଁଠି?

ଏଠାରେ ଆମେ ସମ୍ପର୍କର ଆଉ ଗୋଟିଏ ଦିଗ ସମ୍ପର୍କରେ ଆଲୋଚନା କରିବା। ଆରବ ସାଗରରେ ଦୁଇଟି ବନ୍ଦର ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ରୂପେ ମୁଣ୍ଡ ଟେକୁଛି। ପାକିସ୍ତାନରେ ଗ୍ୱାଦର ବନ୍ଦର ନିର୍ମାଣ ଦାୟିତ୍ୱ ଚୀନ ହାତକୁ ନେଇ ମଧ୍ୟପ୍ରାଚ୍ୟ ଓ କେନ୍ଦ୍ର ଏସିଆରେ ନିଜର ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବାକୁ ଚାହୁଁଥିବା ବେଳେ ବେଲୁଚିସ୍ତାନ ବିଦ୍ରୋହୀଙ୍କ ଆନ୍ଦୋଳନ ଓ ସଂଘର୍ଷ ତାହାର ଗତିରୋଧ କରିଛି। ପାକିସ୍ତାନ ସେନାବାହିନୀର ସୁରକ୍ଷା ଉଦ୍ୟମ କ୍ରମାଗତ ଭାବେ ବ୍ୟର୍ଥ ହେବାରେ ଲାଗିଛି। ଦ୍ୱିତୀୟ ବନ୍ଦର ହେଉଛି ଚବାହାର; ଯାହାକି ଇରାନର ଏକମାତ୍ର ସାମୁଦ୍ରିକ ପରିବହନର କେନ୍ଦ୍ରସ୍ଥଳ। ଇରାନ ସହ ସୁଦୃଢ଼ ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ଚବାହାର ବନ୍ଦର ନିର୍ମାଣ ସହ ଯୋଡ଼ି ହୋଇଯାଇଛି ଭାରତ। ଇରାନର ଦକ୍ଷିଣପୂର୍ବ ଉପକୂଳରେ ଶାହିଦ ବେହେସ୍ତି ଟର୍ମିନାଲର ଆଧୁନିକୀକରଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇରାନ ବିରୋଧରେ ଆମେରିକାର କଠୋର ପ୍ରତିବନ୍ଧକ ବନ୍ଧ ନିର୍ମାଣରେ ଶିଥିଳତା ସୃଷ୍ଟି କରିଛି। ଏ କଥା ସତ ଯେ, ଆମେରିକା ବିରୋଧୀ କୂଟନୀତିରେ ରୁଷ ଓ ଚୀନ ପ୍ରତିରକ୍ଷାଠାରୁ ଆରମ୍ଭ କରି ସବୁସ୍ତରରେ ଇରାନକୁ ସହାୟତା ଯୋଗାଇ ଆସିଛନ୍ତି। ଏହା ସତ୍ତ୍ୱେ ଚବାହାର ବନ୍ଦର ନିର୍ମାଣ ଦାୟିତ୍ୱ ଭାରତ ନେଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଆରବ ସାଗରରେ ମୁଣ୍ଡ ଟେକୁଥିବା ଏହି ବନ୍ଦର ଦୁଇଟିର ଦୂରତା ମାତ୍ର ୭୨ କିମି। ଚବାହାର ବନ୍ଦର ମାଧ୍ୟମରେ ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ପାକିସ୍ତାନ ଉପରେ ଆଉ ନିର୍ଭର କରିବ ନାହିଁ ଭାରତ।

ଯଥାସମ୍ଭବ ଯୁଦ୍ଧକୁ ଏଡ଼ାଇ ଯାଇ ବାଣିଜ୍ୟିକ ସମ୍ପର୍କର କ୍ଷେତ୍ର ଯେତେ ଅଧିକ ସମ୍ପ୍ରସାରିତ ହେବ ଆର୍ଥିକ ଦୃଷ୍ଟିରୁ ରାଷ୍ଟ୍ର ସେତିକି ସୁଦୃଢ଼ ଓ ସମୃଦ୍ଧ ହେବ। ୧୪୨ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ବିଶ୍ୱବଜାର ଅର୍ଥନୀତିର କେନ୍ଦ୍ରସ୍ଥଳ ପାଲଟିଛି। ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିଯୋଗିତାରେ ପଛରେ ପଡ଼ି ନ ଯାଇ ଅଗ୍ରସର ହେଉଥିବାରୁ ଦେଶର ଅଭିବୃଦ୍ଧି ହାର ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ୬.୨ ପ୍ରତିଶତ ରହିଛି। ବିଶ୍ୱ ଅର୍ଥନୀତିରେ ଚତୁର୍ଥ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିବା ଭାରତ ପ୍ରତି ପତିପକ୍ଷଙ୍କ ଈର୍ଷଣୀୟ ଦୃଷ୍ଟି ରହିବା ସ୍ୱାଭାବିକ। ତାହାକୁ ଅତିକ୍ରମ କଲା ବେଳେ କେବଳ ଆଦର୍ଶକୁ ଜାବୁଡ଼ି ଧରିଲେ ହେବ ନାହିଁ। ପ୍ରତିପକ୍ଷକୁ ଉଚିତ୍ ଶିକ୍ଷା ଦେବା ପାଇଁ ମିତ୍ର ଚୟନ ବେଳେ ସତର୍କତା ଅବଲମ୍ବନ କରିବା ଉଚିତ।

# ଭାବାବେଗର ବିସର୍ଜନ

ଡ. ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ଧନ୍ୟବାଦ ତମେ ସତରେ ଏକ ବିସ୍ମୟକର ପ୍ରତିଭା'- ସ୍ୱାଭାବିକ ମାନବିକ ଭାବାବେଗରେ ଆପଣମାନଙ୍କ ମଧ୍ୟରୁ କେହି ଏମିତି ଗୋଟିଏ ସୁନ୍ଦର, ସୌଜନ୍ୟପୂର୍ଣ୍ଣ ବାକ୍ୟଟିଏ ଲେଖି ଦେଇଥିବେ ଚାଟ୍‌ଜିପିଟି ଉଦ୍ଦେଶ୍ୟରେ; କେବେ ହୁଏତ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ତା' ପାଖରୁ କିଛି ମତମନ୍ତବ୍ୟ କି କ୍ଷୁଦ୍ର ଏକ ରଚନା ଲୋଡୁଥିବା ବେଳେ ଲେଖି ଦେଇଥିବେ- 'ଦୟାକରି ମୋ ପାଇଁ ଲେଖାଟି ପ୍ରସ୍ତୁତ କରି ଦିଅନ୍ତୁ ଆଜ୍ଞା'। କିନ୍ତୁ ଏଣିକି ଆମକୁ ଏ ଅଭ୍ୟାସ ଛାଡ଼ି ଦେବାକୁ ହେବ। କାରଣ ଏଇ କରିତ୍‌କର୍ମା ବୁଦ୍ଧିମତ୍ତାର ଅନ୍ୟତମ ଜନକ ଏବଂ ଗାର୍ଜନ ସାମ୍ ଅଲ୍‌ଟାମାନ୍ ଆମକୁ ତାଙ୍କ ସ୍ୱଭାବସୁଲଭ ନମ୍ରତା ବଜାୟ ରଖି ବାରଣ କରି ଦେଇଛନ୍ତି ଯେ ଆମେ ଆଉ ଏମିତି ଭଦ୍ର, ଶୀଳ, ଉଚ୍ଚରୁଚିଯୁକ୍ତ ସମ୍ବୋଧନାତ୍ମକ ଶବ୍ଦ କି ବାକ୍ୟ ଚାଟ୍‌ଜିପିଟିକୁ ଶୁଣାଇବା ନାହିଁ। 'ଆଜ୍ଞା', 'ଦୟାକରି' ଅଥବା 'ହେଲୋ', 'ପ୍ଲିଜ୍' ପରି ଏମିତି ଅଜସ୍ର ଶବ୍ଦଗୁଡ଼ିକୁ ଆପଣାର 'ଆଲ୍‌ଗୋରିଦିମ୍' ଦ୍ୱାରା ବୁଝିବାକୁ ନିୟୁତ ନିୟୁତ ଡଲାର ମୂଲ୍ୟର ବୈଦ୍ୟୁତିକ ଶକ୍ତିର ଏକପ୍ରକାର ବିନର୍ବ୍ୟୟ କରିଚାଲିଛି ଚାଟ୍‌ଜିପିଟି। ସେ ତେଣୁ ପରୋକ୍ଷରେ ଆମକୁ ଚେତାବନୀଟିଏ ଦେଇଛନ୍ତି ଯେ ଯଦି 'ଚାଟ୍‌ଜିପିଟି'ର ଉପଭୋକ୍ତାମାନଙ୍କ ଏତାଦୃଶ ଆଚରଣ ଜାରି ରୁହେ ଏବଂ ତାଙ୍କ ସଂସ୍ଥା ଏଥିପାଇଁ ବାରମ୍ବାର କ୍ଷତି ସହେ, ତେବେ ଏଇଟିକୁ ସେ ଆମମାନଙ୍କ ଆଣ୍ଡ୍ରଏଡ୍ ଫୋନ୍, ଲାପ୍‌ଟପ୍ କିମ୍ବା କମ୍ପ୍ୟୁଟରର ରଙ୍ଗମଞ୍ଚରୁ ହଟାଇ ନେବାକୁ ବାଧ୍ୟ ହେବେ। ଅର୍ଥାତ୍ - ମଣିଷ ଯଦି ତା'ର ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତଶୀଳତା, ଭଦ୍ରତା ବା ସୌ÷ଜନ୍ୟବୋଧ ଆଦି ସବୁଥିରେ ଅଙ୍କୁଶ ନ ଲଗାଏ, ଯଦି ତା'ର ଆଚରଣ, ଉଚ୍ଚାରଣରେ ପୂରାପୂରି ବ୍ୟବସାୟୀସୁଲଭ ସିଧା, ରୋକ୍‌ଠୋକ୍ ନହୁଏ, ତେବେ 'ଚାଟ୍‌ଜିପିଟି' କିମ୍ବା ସମଜାତୀୟ ଅନ୍ୟ କୃତ୍ରିମ ବୁଦ୍ଧିମତ୍ତା 'ଚମତ୍କାର' ସବୁର ଅକାଳମୃତ୍ୟୁ ଅବଶ୍ୟମ୍ଭାବୀ। ସତକଥା! କେଉଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ାଏ ନିହାତି ଅଦରକାରୀ କାର୍ଯ୍ୟରେ ଲଗାତର ଲାଗି ରହି ଅଯଥା ଖର୍ଚ୍ଚ କରିଚାଲିବ? ମୁନାଫା ଅର୍ଜନ କରି ଚାଲିବାର ଯେଉଁ ଅଘୋଷିତ ନୀତି ତା'ର ଅଛି, ସେଥିରୁ ତିଳେ ହେଲେ ବିଚ୍ୟୁତ ହୋଇପାରିବ? ସୁତରାଂ, ଶୀଳତା, ଭଦ୍ରତା ବା କୃତଜ୍ଞତାବୋଧ ବର୍ତ୍ତମାନର ଅତ୍ୟାଧୁନିକ ପାଣିପାଗରେ ସର୍ବାଦୌ ପରିତ୍ୟାଜ୍ୟ -ଏମିତି ଏକ ଆର୍ଷବାଣୀ ଶୁଣାଇ ଆମକୁ ହତଭମ୍ବ କରି ଦେଇଛନ୍ତି ପ୍ରଯୁକ୍ତିବିଦ୍ୟା ବିଶାରଦ ସାମ୍ ଅଲ୍‌ଟାମାନ୍।

ମାତ୍ର ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ କେତୋଟି ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବାର ବହୁ ସମ୍ଭାବନା ଅଛି - ଆମେ କ'ଣ ଏପରି ଗୋଟିଏ କାଳଖଣ୍ଡରେ ପ୍ରବେଶ କରିସାରିଲେଣି ଯେଉଁଠି ଆମକୁ ସମସ୍ତପ୍ରକାର କୋମଳ ମାନବିକ ଭାବାବେଗକୁ ବିସର୍ଜନ ଦେବାକୁ ହେବ? ଯେଉଁଠି ସୁନ୍ଦର, ଶୋଭନୀୟ ସବୁକିଛିକୁ ନିଷିଦ୍ଧ କରିଦେବାକୁ ହେବ? ସାମ୍ ଅଲ୍‌ଟାମାନଙ୍କ ପରି ଅତ୍ୟାଧୁନିକ ବିଜ୍ଞାନୀ, ବୁଦ୍ଧିଜୀବୀମାନେ ବୋଧହୁଏ ନିର୍ବିକାରରେ ଉତ୍ତର ଦେବେ, 'ହଁ-ଆଉ ନିରୋଳା ଭଦ୍ର, ସଂଯତ, ସମ୍ବେଦନଶୀଳ ମଣିଷଙ୍କର ଆବଶ୍ୟକତା



ନାହିଁ ଏ ଏକବିଂଶ ଶତାବ୍ଦୀରେ। ଏଣିକି ମଣିଷମାନଙ୍କୁ ଯେହେତୁ କୃତ୍ରିମ ବୃଦ୍ଧିମତ୍ତାର ରୋବଟ୍‌ମାନଙ୍କ ସହିତ ସହାବସ୍ଥାନ କରିବାକୁ ହେବ, ସେମାନଙ୍କୁ ଗୋଟିଏ ଗୋଟିଏ ରୋବଟ୍ ହିଁ ହୋଇଯିବାକୁ ପଡ଼ିବ'। ମଣିଷକୁ ଭୁଲିଯିବାକୁ ହେବ ଯେ ସେ ରକ୍ତମାଂସଧାରୀ ଏକ ସଚେତନ ସତ୍ତା ନୁହେଁ, ସେ ଠିକ୍ ଚାଟ୍‌ଜିପିଟି ପରି ଯନ୍ତ୍ରାରୁଢ଼ କ୍ରିୟାଶୀଳ ଚେତନା ମାତ୍ର।

ସାମ୍ ଅଲ୍‌ଟାମାନଙ୍କ ଏ ବାରଣ, ଏ ଚେତାବନୀ ପରେ ହୁଏତ ଆମର ଏବେକାର ଅତି ସତର୍କ, ଅତି ଉଚ୍ଚାଭିଳାଷ ଆକ୍ରାନ୍ତ ମମି-ଡାଡିମାନେ ସେମାନଙ୍କର କୋମଳମତି ପିଲାମାନଙ୍କୁ ଆକଟ କରିଚାଲିବେ - 'ଶୁଣ ତମେମାନେ ଯଦି ଚାଟ୍‌ଜିପିଟିକୁ 'ହୋମୱାର୍କ' କରିଦେବାକୁ କହୁଛ, ତେବେ ସିଧାସିଧା ନିର୍ଦ୍ଦେଶ ଦେଇଦିଅ ଖୁବ୍ ସଂକ୍ଷେପରେ। ଜମା କେବେ କୁହନାହିଁ 'ଆଜ୍ଞା', 'ଧନ୍ୟବାଦ', 'ଦୟାକରି' ବା 'ହେଲୋ', 'ପ୍ଲିଜ୍' ପରି ଏମିତି ପୁରୁଣାକାଳିଆ କିଛି। ଭାବନ୍ତୁ! ତ ପିଲାଟି ଦିନରୁ ବାପାମା' ଗୁରୁଜନମାନଙ୍କଠାରୁ ଏପ୍ରକାର ନିଷେଧାତ୍ମକ ବାଣୀ ଶ୍ରବଣ କରି କରି ଆଗାମୀ ପିଢ଼ିର ହର୍ତ୍ତା, କର୍ତ୍ତା ହେବାକୁ ଯାଉଥିବା ଆମ ସନ୍ତାନମାନଙ୍କ କାର୍ଯ୍ୟକଳାପ, ଆଚରଣ ଉଚ୍ଚାରଣ ସବୁ କିପରି ହେବ? ଭଦ୍ରତା, ଶୀଳତା ପରି କୋମଳ ମାନବିକ ଗୁଣସବୁକୁ ସେମାନେ କି ଦୃଷ୍ଟିରେ ଦେଖିବେ?

ମଞ୍ଜି କଥାଟି ହେଉଛି -ଆମେ 'ଚାଟ୍‌ଜିପିଟି' ପରି ଗୋଟିଏ 'ବଟ୍'କୁ 'ଦୟାକରି' ବା 'ପ୍ଲିଜ' ବା 'ଧନ୍ୟବାଦ' ବୋଲି କହୁଛେ। କାରଣ ଆମେ ମଣିଷ, କୌଣସି ଯାନ୍ତ୍ରିକ ଚେତନା ସର୍ବସ୍ୱ ଯନ୍ତ୍ର ଆମେ ନୁହେଁ। ଆମେ ଏମିତି କହୁଛେ, କାରଣ ଏମିତି କହି ଦେଲେ ଆମ ଭିତରେ ଗୋଟେ ମିଠା, ମିଠା ଆବେଗର ମୃଦୁ ସଂଚରଣ ହୋଇଯାଉଥିବା ଆମେ ଅନୁଭବ କରୁଛେ। ଭଦ୍ରତା, ନମ୍ରକମ୍ର କୃତଜ୍ଞତାବୋଧ-ପ୍ରେରିତ ଆଚରଣ, ଉଚ୍ଚାରଣ ସବୁ ହେଉଛି ସାମାଜିକ ଶୋଭନୀୟତାର ଗୋଟିଏ ଗୋଟିଏ ଦିଗବାରଣୀ। ଆମର ସଂସ୍କାର, ରୁଚିବୋଧ, ଆମର ମାନବତାର ଉଜ୍ଜ୍ୱଳ ସ୍ୱାକ୍ଷର। ଆମେ 'ଚାଟ୍‌ଜିପିଟି'କୁ ଏମିତି ସମ୍ବୋଧନ କରି ଦେଉଛେ। ତା'ସହିତ ଏମିତି କଥୋପକଥନ ଆରମ୍ଭ କରି ଦେଉଛେ, କାରଣ ଆମର ପାରମ୍ପରିକ ସଂସ୍କାର ଆମକୁ ଦିନେ ଶିଖାଇଥିଲା ପ୍ରତିଟି ନିର୍ଜୀବ ବସ୍ତୁକୁ ଶ୍ରଦ୍ଧାଶୀଳ ଦୃଷ୍ଟିରେ ଦେଖିବା ପାଇଁ; ଆମର ପୋଥି, ଲେଖନୀଠାରୁ ଶିଳ-ଶିଳପୁଆ ପର୍ଯ୍ୟନ୍ତ ସବୁକିଛିକୁ ସମୟାନ୍ତରରେ ପୂଜା, ଅର୍ଚ୍ଚନା କରିବା ପାଇଁ। କେବେ ଯଦି ଆମର ପାଦ କେଉଁ ପଥର ବା ଲୌହଖଣ୍ଡଟିରେ ବାଜି ଯାଉଥିଲା, ଆମ ପାଟିରୁ ଆମ ଅଜାଣତରେ ବାହାରି ଆସୁଥିଲା 'ବିଷ୍ଣୁ, ବିଷ୍ଣୁ'। ଆମେ ଯଦି ଚାଟ୍‌ଜିପିଟିକୁ ଧନ୍ୟବାଦ ଜଣାଉଛୁ, ଆମେ ଏହା ତା'ର 'ଆଲ୍‌ଗୋରିଦିମ୍'କୁ ଜଣାଉନାହୁଁ - ଆମେ ଆମର ସ୍ୱତଃସ୍ଫୂର୍ତ୍ତ ମାନବତାକୁ କେବଳ ଯାହା ପୁନଃସଶକ୍ତ, ପୁନଃଜାଗରିତ କରି ଦେଉଛେ; ଆମ ଚେତନାର ଜାହ୍ନବୀଝର ମୁହଁରେ ଲାଖି ରହି ଯାଉଥିବା ଆବର୍ଜନାକୁ ଯାହା ଟିକିଏ ସଫା କରି ଦେଉଛେ।

ପରିଶେଷରେ ଏ ଲେଖକ ନିଶ୍ଚୟ କହିବ - ଆମମାନଙ୍କ ଭଦ୍ର ଆଚରଣ ଯୋଗୁଁ ଚାଟ୍‌ଜିପିଟିର ଯଦି ଆର୍ଥିକ କ୍ଷତି ହେଉଛି, ତେବେ ହେଉଥାଉ। ଆମେ ଜମା ଆଲ୍‌ଟାମାନଙ୍କ ବାରଣକୁ ମାନିବା ନାହିଁ। ଆମର ଭଦ୍ରତା, ଶୀଳତା, ସୌଜନ୍ୟ ଓ କୃତଜ୍ଞତାବୋଧ ରୂପକ ଫୁଲ ପାଖୁଡ଼ାଗୁଡ଼ିକ ସମୟେ ସମୟେ ବିଞ୍ଚିଚାଲିବା! ଆମେ ଯନ୍ତ୍ର ସହିତ ଯନ୍ତ୍ରଟିଏ ମାତ୍ର ହେବା ପାଇଁ ଚାହିଁବା ନାହିଁ। 'ଚାଟ୍‌ଜିପିଟି'କୁ ଜୀବନ୍ତ ସତ୍ତାଟିଏ ବୋଲି ଭାବିନେଇ ତା'ସହିତ ଏମିତି ଭଦ୍ର କଥୋପକଥନ, କ୍ରିୟାପ୍ରତିକ୍ରିୟା ଜାରି ରଖିବା ଏବଂ ଏମିତି କରି ଆମେ କ୍ରମଶଃ ହରାଇ ଚାଲିଥିବା ସଂସ୍କାରିତ, ରୁଚିସମ୍ମତ, ଶୋଭନୀୟ ଆଚରଣ ଏବଂ ସୌହାର୍ଦ୍ଦ୍ୟ, ଆନ୍ତରିକତା, ଶ୍ରଦ୍ଧାଶୀଳତା ପରି ଏକାଧାରରେ ମାନବିକ ତଥା ସ୍ୱର୍ଗୀୟ ଗୁଣସବୁର ସର୍ବକାଳୀନ ପ୍ରାସଙ୍ଗିକତା ଏବଂ ଆବଶ୍ୟକତା ସଂପର୍କରେ ଆପେ ସଚେତନ ହେବା ସହ ଏ ଦୁନିଆର ପ୍ରତ୍ୟେକ ମଣିଷକୁ ସଚେତନ କରାଇଚାଲିବା। ଅନ୍ୟ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି- ଶ୍ରଦ୍ଧାଶୀଳ ହେବା, ଭଦ୍ରସୁଶୀଳ ହେବା ଅର୍ଥ ଯେଉଁମାନେ ଆମକୁ ଯନ୍ତ୍ରମାନବରେ ପରିଣତ କରିଦେବା ପାଇଁ ଖଳଚକ୍ରାନ୍ତ କରିଚାଲିଛନ୍ତି, ସେମାନଙ୍କ ବିରୋଧରେ ବିଦ୍ରୋହ କରିବା। ସେଥିପାଇଁ ଆସନ୍ତୁ, 'ଚାଟ୍‌ଜିପିଟି' କିମ୍ବା ଅନ୍ୟସବୁ କୃତ୍ରିମବୁଦ୍ଧିମତ୍ତାର 'ବଟ୍' ମାନଙ୍କୁ ଆମେ ବାରମ୍ବାର 'ଆଜ୍ଞା', 'ଧନ୍ୟବାଦ', 'ହେଲୋ' ବା 'ପ୍ଲିଜ୍' କହିଚାଲିବା -ସାମ୍ ଆଲ୍‌ଟାମାନଙ୍କ ଏ ବିମର୍ଷକର ବାରଣ ସତ୍ତ୍ୱେ।

କୋଡିଆଁ ବାରଙ୍ଗ (ଜଗତସିଂହପୁର), ମୋ: ୯୮୫୩୩୫୫୧୦୭

# ଓଡ଼ିଶାର ବଜ୍ରପାତ ବିପତ୍ତି

ଇଂ ମାୟାଧର ସ୍ୱାଇଁ

ଗତ ୧୬ ତାରିଖରେ ବଜ୍ରପାତ ଯୋଗୁଁ ଓଡ଼ିଶାରେ ୧୪ ଜଣ ମୃତ୍ୟୁବରଣ କରିଛନ୍ତି। ବଜ୍ରପାତ ହେଉଛି ଓଡ଼ିଶା ପାଇଁ ଏକ ବଡ଼ ପ୍ରାକୃତିକ ବିପତ୍ତି। ଦେଶରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଏହା ଯୋଗୁଁ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଜଣାପଡ଼ିଛି ଯେ ଓଡ଼ିଶାରେ ବର୍ଷକୁ ହାରହାରି ୩୦୦ ବ୍ୟକ୍ତି ବଜ୍ରପାତରେ ପ୍ରାଣ ହରାଉଛନ୍ତି। ଗତ ପାଞ୍ଚ ବର୍ଷରେ ଓଡ଼ିଶାରେ ବଜ୍ରପାତ ଯୋଗୁଁ ୧୬୨୫ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଅଧିକାଂଶ ମୃତ୍ୟୁ ଖୋଲା ସ୍ଥାନରେ ହୋଇଛି। ବିଶେଷଭାବେ ଗାଁ ଗହଳିରେ କୃଷକମାନେ କ୍ଷେତରେ ଚାଷ କରୁଥିବା ବେଳେ, ଗାଈଆଳ ଗୋରୁ ଚରାଉଥିବା ବେଳେ କିମ୍ବା କେଉଟ ମାଛ ଧରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥା'ନ୍ତି।

ବଜ୍ରପାତ କିପରି ହେଉଛି ଆସନ୍ତୁ ଜାଣିବା। ବାୟୁ ଉତ୍ତପ୍ତ ହେଲେ ଉପରକୁ ଉଠିଥାଏ ଏବଂ ଏହା ଉପରକୁ ଯିବା ବେଳେ ଆକାଶରେ ଥିବା ଥଣ୍ଡା ବାୟୁ ସହିତ ସଂଘର୍ଷ ହୋଇଥାଏ। ଗରମ ବାୟୁରେ ଥିବା ଜଳବିନ୍ଦୁ ସହ ଥଣ୍ଡା ବାୟୁରେ ଥିବା ସ୍ଫଟିକର ସଂଘାତ ଯୋଗୁଁ ବାୟୁମଣ୍ଡଳରେ ସ୍ଥିର ବିଦ୍ୟୁତ ଚାର୍ଜ ସୃଷ୍ଟି ହୁଏ। ଫଳରେ ବାଦଲ୍‌ର ଉପରିଭାଗରେ ଧନାତ୍ମକ ଚାର୍ଜ ଓ ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଜମା ହୋଇ ରହେ ଏବଂ ଉଭୟ କ୍ଷେତ୍ର ମଧ୍ୟରେ ଏକ ବୈଦ୍ୟୁତିକ କ୍ଷେତ୍ର ସୃଷ୍ଟି ହୁଏ। ବାଦଲ୍‌ର ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଯୋଗୁଁ ଭୂପୃଷ୍ଠରେ ଧନାତ୍ମକ ଚାର୍ଜ ସୃଷ୍ଟି ହୁଏ। ବିପରୀତ ଚାର୍ଜ ପରସ୍ପରକୁ ଆକର୍ଷଣ କରନ୍ତି ଏବଂ ଫଳରେ ଦୁଇ ବିପରୀତ ଚାର୍ଜ ମିଶି ବଜ୍ରପାତ ସୃଷ୍ଟି ହୁଏ। ଏହା ବାଦଲରୁ ଭୂପୃଷ୍ଠକୁ ଯାଇଥାଏ। ବଜ୍ରପାତ ଯୋଗୁଁ ସୃଷ୍ଟି ହେଉଥିବା ଆଲୋକ ହେଉଛି ବିଜୁଳି ଏବଂ ଧ୍ୱନି ହେଉଛି ଘଡ଼ଘଡ଼ି। ବାସ୍ତବରେ ବଜ୍ରପାତ ସମୟରେ ତାପମାତ୍ରା ୩୦୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ସୃଷ୍ଟି ହୋଇଥାଏ। ବିଜୁଳି ଭୂପୃଷ୍ଠ ଆଡ଼କୁ ଆଲୋକ ବେଗରେ ଆସିଥାଏ ଏବଂ ଗନ୍ତବ୍ୟ ପଥରେ ବାୟୁ ପ୍ରସାରିତ ହୋଇଥାଏ। କିନ୍ତୁ ବିଜୁଳି ଅତି କମ୍‌ସମୟ ନେଇଥାଏ ଏବଂ ଏହାଫଳରେ ବାୟୁ ପୁନଶ୍ଚ ସଂକୁଚିତ ହୁଏ। ବାୟୁର ଏହି ପ୍ରସାରଣ, ତାପନ ଓ ସଂକୋଚନ ଯୋଗୁଁ ଘଡ଼ଘଡ଼ି ସୃଷ୍ଟି ହୋଇଥାଏ। ବିଜୁଳି ଓ ଘଡ଼ଘଡ଼ି ଏକା ସମୟରେ ସୃଷ୍ଟି ହେଉଥିଲେ ହେଁ ଆମେ ବିଜୁଳିକୁ ପ୍ରଥମେ ଦେଖୁ ଓ କିଛି ସମୟ ପରେ ଘଡ଼ଘଡ଼ି ଶୁଣୁ। କାରଣ ବିଜୁଳି ଆଲୋକ ବେଗରେ ଗତି କରିଥାଏ ଏବଂ ଆଲୋକର ବେଗ ଧ୍ୱନିର ବେଗଠାରୁ ଅନେକ ଗୁଣ ଅଧିକ।

ବଜ୍ରପାତ ପାଇଁ ଜଳକଣା ଓ ଉତ୍ତାପ ଆବଶ୍ୟକ ହେଉଥିବାରୁ ଏହା ସାଧାରଣତଃ ଖରାଦିନେ ଏବଂ ବିଶେଷ ଭାବରେ ଆର୍ଦ୍ର ଅଞ୍ଚଳରେ ଘଟିଥାଏ। ଏହା ପ୍ରାୟ ଅପରାହ୍ନ ଓ ସନ୍ଧ୍ୟା ସମୟରେ ହୋଇଥାଏ। ବଜ୍ରପାତ ହେଉଛି ଗୋଟିଏ ଅତ୍ୟୁଚ୍ଚ ଭୋଲ୍‌ଟେଜ୍‌ର ବିଦ୍ୟୁତ୍ ସ୍ଫୁଲିଙ୍ଗ। ଘରେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଭୋଲଟେଜ୍‌ର ଏହା ହେଉଛି ହଜାର ହଜାର ଗୁଣ ଅଧିକ। ଏଥିପାଇଁ ବଜ୍ରପାତ ଯେଉଁ ଘର କିମ୍ବା ଗଛ ଉପରେ ପଡ଼େ ତାହା ଜଳିଯାଏ ଏବଂ କୌଣସି ବ୍ୟକ୍ତି ସଂସ୍ପର୍ଶରେ ଏହା ଆସିଲେ ତତ୍କାଳ ମୃତ୍ୟୁ ହୋଇଥାଏ।

ପୃଥିବୀର ଉଷ୍ଣତା ବୃଦ୍ଧି ଯୋଗୁଁ ଗତ କିଛିବର୍ଷ ଧରି ବଜ୍ରପାତ ସଂଖ୍ୟା ବଢୁଛି। ଉଷ୍ମତା ବୃଦ୍ଧି ହେତୁ ସମୁଦ୍ର ପୃଷ୍ଠରେ ତାପମାତ୍ରା ବୃଦ୍ଧି ହେଉଛି ଏବଂ ଉତ୍ତପ୍ତ ବାୟୁର ଜଳଧାରଣ କ୍ଷମତା ଅଧିକ ହେଉଥିବାରୁ ବାୟୁମଣ୍ଡଳରେ ଜଳକଣା ବୃଦ୍ଧି ପାଉଛି। ଆକଳନ କରାଯାଇଛି ଯେ ପୃଥିବୀର ଉଷ୍ମତା ୧ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଲେ ବାୟୁର ୭ ପ୍ରତିଶତ ଅଧିକ ଜଳକଣା ଧାରଣ କରିବାର ଶକ୍ତି ବଢ଼ିଥାଏ। ଏହିପରି ବାୟୁମଣ୍ଡଳରେ ଉଭୟ ତାପମାତ୍ରା ଓ ଜଳକଣା ବୃଦ୍ଧି ଯୋଗୁଁ ଗତ କେତେବର୍ଷ ଧରି ବଜ୍ରପାତ ସଂଖ୍ୟା ବଢୁଛି। ବଜ୍ରପାତ ଯୋଗୁଁ ଧନଜୀବନ କ୍ଷତି ହୋଇଥାଏ। ଓଡ଼ିଶା ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ସତର୍କତା ଅବଲମ୍ବନ କଲେ ଏଥିରୁ ରକ୍ଷା ପାଇ ହେବ।

ପାଣିପାଗ ବିଭାଗ ବଜ୍ରପାତ ହେବାର ଅତିକମ୍‌ରେ ଗୋଟିଏ ଦିନ ପୂର୍ବରୁ ଜାଣିପାରିଥାଏ ଏବଂ ଏଥିପାଇଁ ସତର୍କ ସୂଚନା ଜାରି କରିଥାଏ। ଡପଲର ରେଡାର ନାମକ ଏକ ଯନ୍ତ୍ର ଦ୍ୱାରା ଏହା ଜାଣି ହୁଏ। ପାଣିପାଗ ବିଭାଗର 'ଦାମିନି' ଆପ୍ ବ୍ୟବହାର କରି ମଧ୍ୟ ବଜ୍ରପାତର ସୂଚନା ଜାଣିହୁଏ। ଏଣୁ ପ୍ରତ୍ୟେକ ବ୍ୟକ୍ତି ଏହି ପୂର୍ବସୂଚନା ଅନୁଯାୟୀ ବଜ୍ରପାତ ହେବାକୁ ଥିବା ଅଞ୍ଚଳ ଓ ସମୟରେ ଘରୁ ବାହାରିବା ଉଚିତ ନୁହେଁ। ଏହାବ୍ୟତୀତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସାଧାରଣ ସାବଧାନତା ଅବଲମ୍ବନ କରିବା ଉଚିତ। ଏହି ସମୟରେ ଗଛ ତଳେ ରହିବା ଅନୁଚିତ। ବଜ୍ରପାତ ସାଧାରଣତଃ ଡେଙ୍ଗା ଗଛ, ଉଚ୍ଚ କୋଠା ଆଦିରେ ଅଧିକ ହୋଇଥାଏ। ଏହାର ଅର୍ଥ ନୁହେଁ ଯେ ଖୋଲା ସ୍ଥାନରେ ଏହା ହୁଏ ନାହିଁ। ଏଣୁ ସର୍ବଦା ବଜ୍ରପାତ ସୂଚନା ଆଧାରରେ ବାହାରକୁ ବାହାରିବା ଆବଶ୍ୟକ।

ଉଚ୍ଚ କୋଠା ଓ ମନ୍ଦିରରେ ବଜ୍ରପାତରୁ ସୁରକ୍ଷା ପାଇଁ ତଡ଼ିତ ରକ୍ଷକ(ଲାଇଟିନିଂ ଆରେଷ୍ଟର) ଖଞ୍ଜା ଯାଇଥାଏ। କୋଠାର ଅଗ୍ରଭାଗରେ ଗୋଟିଏ ମୁନିଆ ଲୁହାଛଡ଼ ପୋତାଯାଇଥାଏ ଏବଂ ସେଥିରେ ଗୋଟିଏ ଲମ୍ବା ତାର ଲଗାଯାଇଥାଏ। ତାରକୁ ଭୂଇଁରେ ପୋତି ଦିଆଯାଏ। ବଜ୍ରପାତ ଭୂପୃଷ୍ଠ ଆଡ଼କୁ ଆସିବା ବେଳେ ପ୍ରଥମେ ତଡ଼ିତ ରକ୍ଷକ ପାଖରେ ପହଞ୍ଚିଥାଏ ଏବଂ ତାହା ବିଦ୍ୟୁତ୍‌କୁ ଭୂପୃଷ୍ଠକୁ ନେଇଯାଏ। ଫଳରେ ଆଖପାଖରେ ଥିବା ଘର କିମ୍ବା ଲୋକମାନଙ୍କର କିଛି କ୍ଷତି ହୁଏ ନାହିଁ।

ତାଳଗଛ ପ୍ରାକୃତିକ ତଡ଼ିତ ରକ୍ଷକର କାର୍ଯ୍ୟ କରେ। ଏହା ଆଖପାଖ ଅଞ୍ଚଳର ସବୁଠାରୁ ଉଚ୍ଚ ହୋଇଥିବାରୁ(ଏହା ପ୍ରାୟ ୧୦୦ ଫୁଟ୍ ପର୍ଯ୍ୟନ୍ତ ବଢ଼ିଥାଏ) ଏହାପାଖରେ ବଜ୍ରପାତ ପ୍ରଥମେ ପହଞ୍ଚିଥାଏ। ଏହାର ଗଣ୍ଡିରେ ଅଧିକ ଜଳଅଂଶ ଥାଏ, ଯାହା ଫଳରେ ଏହାର ବିଦ୍ୟୁତ୍ ପ୍ରତିରୋଧ କମ୍ ହୋଇଥାଏ ଏବଂ ବିଦ୍ୟୁତ୍ ସହଜରେ ଭୂଇଁକୁ ଚାଲିଯାଏ। ଓଡ଼ିଶା ସରକାର ଗତବର୍ଷ ରାଜ୍ୟରେ ୧୯ ଲକ୍ଷ ତାଳଗଛ ଲଗାଇଛନ୍ତି। ବଜ୍ରପାତରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ସତର୍କତା ଅବଲମ୍ବନ ଏବଂ ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନାର ଅନୁପାଳନ।

(ସମ୍ପାଦକ, ସାଇନ୍‌ସ ହୋରିଜନ୍)
ଭୁବନେଶ୍ୱର, ମୋ: ୯୪୩୮୭୯୩୭୨୪

# ଶ୍ରୀକ୍ଷେତ୍ରେ ହନୁମାନ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀକ୍ଷେତ୍ରରେ ମହାବଳୀ ହନୁମାନଙ୍କର ନବେ ମୂର୍ତ୍ତି ଶିଳା ବିଗ୍ରହ ଓ ଆଠ ମୂର୍ତ୍ତି ଚିତ୍ର ପ୍ରତିମା ଆରାଧିତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ବିଭିନ୍ନ ନାମ ଗ୍ରହଣ କରି ହନୁମାନଙ୍କ ବିଦ୍ୟମାନତାକୁ ନେଇ ଶ୍ରୀକ୍ଷେତ୍ରରେ ଅନେକ ଲୋକକଥା ଶୁଣିବାକୁ ମିଳେ।

ହନୁମାନ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ବିଭିନ୍ନ ଯାଗାରେ ବିରାଜମାନ କରି ନିଜେ ନେଇଛନ୍ତି। ଦିନେ ରାତିରେ ହନୁମାନ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଥିବା ବେଳେ ହଠାତ୍ ଦେଖିବାକୁ ପାଇଲେ ଯେ ମହାପ୍ରଭୁ ପହୁଡ଼ରୁ ଉଠି ଆସି ଭିତର ବେଢ଼ାରେ ପଦଚାରଣ କରୁଛନ୍ତି। ହନୁମାନ ଆଚମ୍ବିତ ହୋଇ ପ୍ରଭୁଙ୍କ ପାଖକୁ ଯାଇ ପ୍ରଣିପାତ କରି ଏହାର କାରଣ ପଚାରିଲେ। ମହାପ୍ରଭୁ କହିଲେ - 'ତୁମେ କ'ଣ କିଛି ଶୁଣି ପାରୁ ନ ହନୁମାନ? ରାତି ନିଃଶବ୍ଦ ହୋଇଗଲେ ସମୁଦ୍ରର ଗର୍ଜନ କି ଭୟଙ୍କର ଶୁଣାଯାଉଛି। ସେଥିରେ କ'ଣ କିଏ ଶାନ୍ତିରେ ଶୋଇପାରେ? ତେଣୁ ଉଠି ବାହାରକୁ ଚାଲିଆସିଲି।' ଏ କଥା ଶୁଣି ହନୁମାନ କାୟା ବିସ୍ତାର କରି ଗର୍ଜନର ଗତିରୋଧ କଲେ। ଫଳରେ ସମୁଦ୍ରର ଗର୍ଜନ ଆଉ ମନ୍ଦିରକୁ ଶୁଣାଗଲା ନାହିଁ। ଗର୍ଜନ ଶୁଭୁଛି କି ନାହିଁ କାନପାତି ରହି ଥିବାରୁ ତାଙ୍କୁ 'କାନପାତା ହନୁମାନ' କୁହାଯାଏ।

ଆଉ ଏକ ଲୋକକଥା ଅନୁସାରେ ଥରେ ଶ୍ରୀକ୍ଷେତ୍ର ଅଞ୍ଚଳରେ ପ୍ରବଳ ବାତ୍ୟାରେ ନୀଳଚକ୍ର ବଙ୍କା ହୋଇଗଲେ। ଗଜପତି ଲୋକ ଲଗେଇ ଯେତେ ଚେଷ୍ଟା କଲେ ମଧ୍ୟ ନୀଳଚକ୍ର ସିଧା କରିପାରିଲେ ନାହିଁ। ବକ୍ରାକୃତି ନୀଳଚକ୍ରରେ ପତାକା ଲଗାଇବା ଶାସ୍ତ୍ର ବିରୁଦ୍ଧ। ପତାକା ନ ଲାଗିଲେ ମହାପ୍ରଭୁଙ୍କ ନୀତି ହୋଇ ପାରିବ ନାହିଁ। ସେବକମାନେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ଏହି ସମୟରେ ଏକ ବିରାଟକାୟ ବାନର କେଉଁଆଡୁ ଆସି ମନ୍ଦିରରେ ପହଞ୍ଚିଲା। ମହାପ୍ରଭୁଙ୍କୁ ଦଣ୍ଡବତ କରି ମନ୍ଦିର ଚୂଡ଼ାକୁ ଚଢ଼ିଗଲା ଏବଂ ନୀଳଚକ୍ରକୁ ଧରି ସିଧା କରିଦେଲା। ତା' ପରେ ମନ୍ଦିର ଚୂଡ଼ାରୁ ଲମ୍ଫ ମାରି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା। ସେ ଯେଉଁଠାରୁ ଲମ୍ଫ ପ୍ରଦାନ କରିଥିଲା, ସେହିଠାରେ ଗଜପତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ସେହି ବିଗ୍ରହ ଆଜି ମଧ୍ୟ ମନ୍ଦିର ଚୂଡ଼ାରେ 'ଉଡ଼ନ୍ତା ହନୁମାନ' ନାମରେ ଆରାଧିତ ହେଉଛନ୍ତି।

ଲୋକମୁଖରେ ଶୁଣାଯାଏ ଯେ ଆଗକାଳରେ ବେଳେ ବେଳେ ସମୁଦ୍ର ଅଚାନକ ମାଡ଼ି ଆସି ସହରକୁ ଜଳ ପ୍ଳାବିତ କରିଦେଉଥିଲା। ଶ୍ରୀକ୍ଷେତ୍ରରେ ଥିବା ଋଷି ଅଙ୍ଗିରସଙ୍କ ଆଶ୍ରମ ସମୁଦ୍ର ଜଳରେ ବୁଡ଼ି ଯାଉଥିବାରୁ ତାଙ୍କ ତପସ୍ୟାରେ ବାଧା ସୃଷ୍ଟି ହେଉଥିଲା। ଏ ସମସ୍ୟାର ସମାଧାନ ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରଭୁ ସମୁଦ୍ରର ତରଙ୍ଗକୁ ରୋକିବା ପାଇଁ ହନୁମାନଙ୍କୁ ନିର୍ଦ୍ଦେଶ ଦେଲେ। ହନୁମାନ ଚକ୍ରତୀର୍ଥରେ ଦଣ୍ଡାୟମାନ ହୋଇ ସାଗର ତରଙ୍ଗର ନଗର ପ୍ରବେଶକୁ ବାରଣ କଲେ। ସମୁଦ୍ର କୂଳରେ ବିରାଜମାନ କରୁଥିବାରୁ ତାଙ୍କୁ 'ଦରିଆ ମହାବୀର' ମଧ୍ୟ କୁହାଯାଏ। ହନୁମାନ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କର ମହାନ ଭକ୍ତ। ତେଣୁ ବେଳେବେଳେ ସେ ଦର୍ଶନ ପାଇଁ ଶ୍ରୀମନ୍ଦିର ବା ଅଯୋଧ୍ୟାକୁ ଚାଲି ଯାଉଥିଲେ। ସେହି ସମୟରେ ମଉକା ଦେଖି ସମୁଦ୍ର ସହର ଆଡ଼କୁ ମାଡ଼ି ଆସୁଥିଲା। ଋଷି ଅଙ୍ଗିରସ ପୁଣି ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଏ କଥା ଜଣେଇଲେ। ମହାପ୍ରଭୁ ଋଷିଙ୍କୁ ରାମନାମ ଲେଖାଥିବା ଏକ ଶିକୁଳି ଦେଇ ହନୁମାନଙ୍କ ଗୋଡ଼ରେ ବେଡ଼ି ପକେଇ ଦେବା ପାଇଁ ଆଦେଶ ଦେଲେ। ତେଣୁ ହନୁମାନ ଶିକୁଳି ଛିଣ୍ଡେଇ ଯାଇପାରିଲେ ନାହିଁ। ସେ ସେହିଠାରେ ରହି ସହରକୁ ଜଳପ୍ଳାବନରୁ ରକ୍ଷା କଲେ। ତାଙ୍କ ପାଦରେ ବେଡ଼ି ବା ଶିକୁଳି ପଡ଼ି ଥିବାରୁ ତାଙ୍କର ନାମ 'ବେଡ଼ି ହନୁମାନ'। ନିଜେ ବନ୍ଧନରେ ପଡ଼ିଥିବାରୁ ବନ୍ଧନର ଦୁଃଖ ତାଙ୍କୁ ଭଲ ଭାବରେ ଜଣା। ତେଣୁ ଭକ୍ତମାନେ କାରାମୁକ୍ତି ପାଇଁ 'ବେଡ଼ି ହନୁମାନ'ଙ୍କୁ ପୂଜା କରନ୍ତି।

ଶ୍ରୀକ୍ଷେତ୍ରଠାରୁ ସାଢ଼େବାର କିଲୋମିଟର ଦୂର ଶିରୁଳିଠାରେ 'ଶିରୁଳି ମହାବୀର' ପୂଜା ପାଉଛନ୍ତି। ପୂର୍ବେ ସେ ଶ୍ରୀମନ୍ଦିର ପରିସରରେ ବିରାଜମାନ କରୁଥିଲେ। ସେ ରାତିରେ ଶୋଇବା ବେଳେ ପ୍ରଚଣ୍ଡ ଶବ୍ଦ କରି ଘୁଙ୍ଗୁଡ଼ି ମାରୁଥିଲେ। ତା' ଦ୍ୱାରା ମହାଲକ୍ଷ୍ମୀଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ଅଭିଯୋଗ ସେ ମହାପ୍ରଭୁଙ୍କ ପାଖରେ କଲେ। ତେଣୁ ଶ୍ରୀକ୍ଷେତ୍ରରୁ ଅପସରି ଯିବା ପାଇଁ ମହାପ୍ରଭୁ ହନୁମାନଙ୍କୁ ଆଦେଶ ଦେଲେ। ପ୍ରଭୁଙ୍କ ଆଦେଶରେ ହନୁମାନ ଅଢ଼େଇ ପାଦ ଘୁଞ୍ଚିଯାଇ ଶିରୁଳିରେ ଅବସ୍ଥାନ କଲେ। ହିସାବ କଲେ ହନୁମାନଙ୍କ ପାଦର ମାପ ପାଞ୍ଚ କିଲୋମିଟର ହେଲା(କ୍ରମଶଃ)।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୩୦ ଲକ୍ଷ ଲାଞ୍ଚ: ୨ ପୁଲିସ ଅଧିକାରୀ ନିଲମ୍ବିତ



**ସମ୍ବଲପୁର,୨୦।୫(ସମିସ):** ସମ୍ବଲପୁରରେ ଜମି କେଲେଙ୍କାରୀ ଗୁମର ଧୀରେଧୀରେ ଫିଟିବାରେ ଲାଗିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ପୁଲିସ୍ ଅଧିକାରୀଙ୍କୁ ଡିଜି ଆଜି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଜଣେ ହେଲେ, ଇନ୍ସପେକ୍ଟର ରଞ୍ଜନ ବିଶ୍ୱାଳ ଓ ଏସଆଇ ଅଭିଷେକ ପ୍ରଧାନ। ଉଭୟ ଟାଉନ୍ ଥାନାରେ କାର୍ଯ୍ୟରତ ଥିବା ବେଳେ ଜମି କେଲେଙ୍କାରୀରେ ସମ୍ପୃକ୍ତ ରହିଥିଲେ। ଥାନାରେ ମାମଲା ପରେ ବିଲଡରଙ୍କଠାରୁ ପ୍ରାୟ ୩୦ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସୂଚନାନୁସାରେ, ଏକ ଜମିକୁ ଜାଲିଆତି କରି ସମ୍ବଲପୁର ସବ୍-ରେଜିଷ୍ଟ୍ରାର୍ ଓ ବିଲଡର୍ ସମେତ କେତେଜଣ ଜମିକୁ ଅନ୍ୟତ୍ର ବିକ୍ରି କରିଥିଲେ। ଜମି ମାଲିକ ଏନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ପରେ ପୁଲିସ ଏହି ଘଟଣାରେ ତଦନ୍ତ କରି ପୂର୍ବରୁ ୬ଜଣଙ୍କୁ ଗିରଫ କରିଛି। ତତ୍କାଳୀନ ଟାଉନ୍ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ ଓ ଏସ୍ଆଇଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ଆଜି ଉଭୟଙ୍କୁ ନିଲମ୍ବନ କରାଯାଇଛି।

## ଅବସରପ୍ରାପ୍ତ ବିଡିଓଙ୍କୁ ୨ବର୍ଷ ଜେଲ୍

**କଟକ/ସୁନ୍ଦରଗଡ଼,୨୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ବ୍ଲକର ପ୍ରାକ୍ତନ (ଅବସରପ୍ରାପ୍ତ) ବିଡିଓ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇ ଦେଇଛନ୍ତି। ପ୍ରକାଶଥାଉକି ଶ୍ରୀ ମିଶ୍ର ଲେଫ୍ରିପଡ଼ା ବ୍ଲକ୍‌ର ବିଡିଓ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। କଟକ ଭିଜିଲାନ୍ସ ଡିଭିଜନ୍‌ର ପ୍ରାକ୍ତନ ଇନ୍ସପେକ୍ଟର୍ ଦିଲ୍ଲୀପ କୁମାର କର ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ବିଡିଓଙ୍କ ପେନସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

## ପୁଞ୍ଜି ବଜାରରେ ବୁଡ଼ିଗଲା ଟଙ୍କା
# ଟ୍ରେଡର୍‌ଙ୍କୁ ଅପହରଣ

**କଟକ, ୨୦।୫ (ସମିସ):** ଷ୍ଟକ୍ ମାର୍କେଟରେ ନିବେଶ ଅର୍ଥ ଫେରି ନପାଇବାରୁ ଟ୍ରେଡର୍‌ଙ୍କୁ ଅପହରଣ। ଏହି ଘଟଣାରେ ଆଜି ୪୨ମୌଜା ଥାନା ପୁଲିସ ୬ଜଣଙ୍କୁ ଗିରଫ କରିଛି। ଏଥିସହ ଅପହୃତ ଯୁବକ ମଧ୍ୟ ଉଦ୍ଧାର ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ, କେନ୍ଦ୍ରାପଡ଼ା ଟାଉନ୍ ଥାନା ବଡ଼ହାଟ ଗାଁର ରାଜୁ ଓରଫ୍ ରାଜେଶ ଦାଶ(୨୯), କୋର ଗାଁର ଏମ୍‌ପି ଓରଫ୍ ଦିବ୍ୟଜ୍ୟୋତି ମଲ୍ଲିକ(୨୭), ଜମ୍ବୁ ଗାଁର ବୁଦ୍ଧଦେବ ବାସୁ(୧୯), ଚୌରୀ ବ୍ରହ୍ମପୁରର ରାଜା ନାୟକ(୨୧), ବାବୁ ଓରଫ ପ୍ରଶାନ୍ତ ନାୟକ(୧୯) ଓ ରଞ୍ଜିତ ନାୟକ(୨୨)। ଏମାନଙ୍କ ପାଖରୁ ଗୋଟିଏ କାର୍, ୨ଟି ବୁଲେଟ୍ ଓ ୨ଟି ବାଇକ୍ ଜବତ ହୋଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଇଛି।

ଘଟଣାରୁ ପ୍ରକାଶ, ଭୁବନେଶ୍ୱର ବିଜେବିନଗରର ରୀନା ବେହେରା ୪୨ମୌଜା ବଉଳକୁଦ ଅଞ୍ଚଳରେ ରହୁଛନ୍ତି। ଗତ ୧୮ ତାରିଖ ସନ୍ଧ୍ୟା ସମୟରେ ହଠାତ୍ ୨୦ରୁ ୩୦ ଯୁବକ ତାଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ପୁଅ ରଞ୍ଜନ (୩୧)କୁ ବଳପୂର୍ବକ ଏକ କାରରେ ବସାଇ ଅପହରଣ କରିନେଇଥିଲେ। ସେହିଦିନ ୪୨ମୌଜା ଥାନାରେ ଏ ସଂକ୍ରାନ୍ତରେ ଏତଲା ହୋଇଥିଲା। ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ତଦନ୍ତରୁ ଜଣାପଡ଼ିଥିଲା ଯେ ଅପହୃତ ରଞ୍ଜନ ଅନଲାଇନ ଟ୍ରେଡିଂ କାରବାର କରୁଥିଲେ। ଭୁବନେଶ୍ୱର ଖାରବେଳନଗରରେ ତାଙ୍କର ଅଫିସ ଥିଲା। ବଜାରରୁ ପୁଞ୍ଜି ଆଣି ସେୟାର ମାର୍କେଟରେ ନିବେଶ କରାଇ ପୁଣି ଫେରସ୍ତ କରୁଥିଲେ ରଞ୍ଜନ। କମ ଦିନରେ ମୂଳ ନିବେଶର ଦୁଇ ଗୁଣା ଫେରସ୍ତ ମିଳିବାର ପ୍ରତିଶ୍ରୁତି ମଧ୍ୟ ଦେଉଥିଲେ। ତାଙ୍କ ସଂସ୍ଥା ମାଧ୍ୟମରେ ସେୟାର ବଜାରରେ ପୁଞ୍ଜିନିବେଶ ପାଇଁ ରଞ୍ଜନ ପ୍ରବର୍ତ୍ତାଉଥିଲେ। ବହୁ ଲୋକ ବି ତାଙ୍କ ସଂସ୍ଥାରେ ଅର୍ଥ ନିବେଶ କରିଥିଲେ। ୨୦୧୯ରୁ ୨୦୨୨ ମସିହା ଯାଏ ସବୁ ଠିକଠାକ ଚାଲିଥିଲା। ପରେ ହଠାତ ସେୟାର ବଜାରରେ ଅସ୍ଥିରତା ସୃଷ୍ଟି ହୋଇଥିଲା। ପର୍ଯ୍ୟାୟକ୍ରମେ ନିବେଶକଙ୍କ ସମସ୍ତ ଅର୍ଥ ବୁଡି ଯାଇଥିଲା। ଏଥିଯୋଗୁଁ ରଞ୍ଜନଙ୍କ ଆକାଉଣ୍ଟ ମଧ୍ୟ ଖାଲି ହୋଇଯାଇଥିଲା। ଲାଭ ତ ଦୂରର କଥା, ମୂଳ ଅର୍ଥ ବି ଫେରସ୍ତ କରିନପାରିବାରୁ ରଞ୍ଜନ ସଂସ୍ଥା ବନ୍ଦ କରି ୪୨ ମୌଜା ପଳାଇ ଆସିଥିଲେ।

ସେୟାର ବଜାରରେ ଅର୍ଥ ନିବେଶ ପାଇଁ ଅଭିଯୁକ୍ତ ରାଜୁ ଓ ତା ସାଙ୍ଗ ଏମପି ପ୍ରାୟ ୭୦ଲକ୍ଷ ଟଙ୍କା ରଞ୍ଜନଙ୍କୁ ଦେଇଥିଲେ। କେନ୍ଦ୍ରାପଡ଼ା ଟାଉନରେ ରାଜୁ ଗୋଟିଏ ଜିମ ଖୋଲିବା ସହ ସେଠାରେ ଟ୍ରେନର ଭାବେ କାର୍ଯ୍ୟ କରୁଛି। ସେ ବହୁବାର ରଞ୍ଜନଙ୍କୁ ଟଙ୍କା ମାଗି ନିରାଶ ହୋଇଥିଲା। ଶେଷରେ ରଞ୍ଜନଙ୍କୁ ଅପହରଣ କରି ଟଙ୍କା ଆଦାୟ କରିବାକୁ ଏମପି ସହିତ ମିଶି ଷଡଯନ୍ତ୍ର ରଚିଥିଲା। ଏଥିରେ ଜିମ୍‌ର କିଛି ଯୁବକ ତାଙ୍କୁ ସହଯୋଗ କରିଥିଲେ। ଘଟଣା ଦିନ ସେମାନେ ଭୁବନେଶ୍ୱରରୁ ଏକ କାର(ଓଡି-୩୩-ଏଜି-୮୦୫୧) ଆଣି ୪୨ମୌଜାରୁ ରଞ୍ଜନଙ୍କୁ ଅପହରଣ କରିନେଇଥିଲେ। ସିସିଟିଭି ଫୁଟେଜ ଓ ବୈଷୟିକ ତଥ୍ୟ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା। କେନ୍ଦ୍ରାପଡ଼ା ଟାଉନ୍ ଥାନା ସହାୟତାରେ କଟକ ପୁଲିସ ସେଠାକାର ବଡହାଟ ଅଞ୍ଚଳର ଏକ ପରିତ୍ୟକ୍ତ ଘରୁ ରଞ୍ଜନଙ୍କୁ ଉଦ୍ଧାର କରିଥିଲା। ରାଜୁ ସହିତ ତାର ୬ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଜଣେ ନାବାଳକ ମଧ୍ୟ ଧରାପଡିଛି। ଘଟଣାର ୧୨ ଘଣ୍ଟା ଭିତରେ ପୁଲିସ ଅପହୃତଙ୍କୁ ଉଦ୍ଧାର ସହ ଅପହରଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଟିମରେ ଇନ୍ସପେକ୍ଟର ଗିରିଶ ମହାରଣା, ଏସଆଇ ସୁନୀଲ ଯାଦବ, ଏସଆଇ ପିକେ ସାସମଲଙ୍କ ସମେତ ସାଇବର ଥାନା ପୁଲିସ ସାମିଲ ଥିଲେ।



■ କେନ୍ଦ୍ରପଡ଼ାରୁ ଉଦ୍ଧାର କଲା ପୁଲିସ୍
■ ଜିମ୍ ମାଲିକଙ୍କ ସମେତ ୬ଜଣ ଗିରଫ

## ଅବଶିଷ୍ଟାଂଶ...

### ବୟସ ମାତ୍ର ୨୩...

ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ବିଷ୍ଣୁ ଶର୍ମା ବିବାହ କରିବାକୁ ରାଜି ହେବା ପରେ ଗତ ଏପ୍ରିଲ ୨୦ ତାରିଖରେ ଭୋପାଳସ୍ଥିତ ଏକ ସ୍ଥାନୀୟ କୋର୍ଟରେ ବିବାହ ସମ୍ପନ୍ନ ହୋଇଥିଲା ଏବଂ ଉକ୍ତ ଦୁଇ ଏଜେଣ୍ଟ ବିଷ୍ଣୁଙ୍କ ଠାରୁ ଦୁଇ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ବିବାହ ଏପ୍ରିଲ ୨୦ ତାରିଖରେ ହୋଇଥିଲା ବେଳେ ଏହାର ମାତ୍ର କିଛି ଦିନ ପରେ ମେ' ୨ରେ ଅନୁରାଧା ବିଷ୍ଣୁଙ୍କ ବହୁ ମୂଲ୍ୟବାନ ସାମଗ୍ରୀ ଏବଂ ଟଙ୍କା ଧରି କେଉଁଆଡ଼େ ଫେରାର ହୋଇଯାଇଥଲେ। ଏହାପରେ ବିଷ୍ଣୁ ଶର୍ମା ଗତ ୩ ତାରିଖରେ ଅନୁରାଧାଙ୍କ ବିରୋଧରେ ଏତଲା ଦାଏର କରିବା ପରେ ମାଧୋପୁର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅନୁରାଧାଙ୍କୁ ଗିରଫ କରିଛି। ଏଥିସହିତ ଅନୁରାଧାଙ୍କୁ ସହଯୋଗ କରୁଥିବା ଏବଂ ଇ-ମେଲ, ହ୍ୱାଟସ୍ଆପ୍ ମାଧ୍ୟମରେ ବିବାହ ପ୍ରସ୍ତାବ ଦେଇ ଲୋକଙ୍କୁ ଫସାଉଥିବା ଅଭିଯୋଗରେ ଅନେକ ଏଜେଣ୍ଟଙ୍କୁ ଧରିବା ଲାଗି ମଧ୍ୟ ଉଦ୍ୟମ ଆରମ୍ଭ କରିଛି। ଉତ୍ତରପ୍ରଦେଶ ମହାରାଜାଗଞ୍ଜସ୍ଥିତ ଏକ ହସ୍ପିଟାଲରେ ପୂର୍ବରୁ ଚାକିରି କରୁଥିବା ଅନୁରାଧା ଘରୋଇ କଳିକୁ ନେଇ ଭୋପାଳ ପଳାଇ ଆସିବା ପରେ ଏଭଳି କାର୍ଯ୍ୟରେ ଲିପ୍ତ ରହିଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି।

### ଆଗୁଆ କେରଳ...

ଛୁଇଁଯାଇପାରେ ବୋଲି ଆକଳନ କରାଯାଉଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ଏହି କ୍ରମରେ ବୁଧବାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ ୩୦-୪୦ କିମି ରହିବାର ଆଶଙ୍କା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ସ୍ଥିତି ନେଇ ଆକଳନ କରାଯାଇଛି।

### ଓଡ଼ିଶା ସର୍ବାଧିକ...

ରାତି ଉଷ୍ମ ରାତି ବୃଦ୍ଧି ପାଇଛି। ଏହି ସମସ୍ୟା ବିଶେଷକରି ବୃଦ୍ଧ, ବାହାରେ କାମ କରୁଥିବା ଶ୍ରମିକ, ପିଲା ଏବଂ ଉଚ୍ଚରକ୍ତଚାପ ଓ ମଧୁମେହ ଭଳି ରୋଗରେ ପୀଡିତ ଲୋକଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟଗତ ପ୍ରଭାବ ପକାଉଛି।

ମହାରାଷ୍ଟ୍ର, ଓଡ଼ିଶା, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ସ୍ଥାନୀୟ ଯୋଜନାରେ ଜଳବାୟୁ ଏବଂ ସ୍ୱାସ୍ଥ୍ୟ ତଥ୍ୟକୁ ଏକୀକୃତ କରି ପୂର୍ବରୁ ଅଗ୍ରଣୀ ପଦକ୍ଷେପ ନେଉଛନ୍ତି। ଏବେ ଜିଲ୍ଲାସ୍ତରୀୟ ବିପଦ ମୂଲ୍ୟାଙ୍କନ ବ୍ୟବହାର କରି ଏଭଳି ବିପଦର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଭାରତୀୟ ସହର ଏବଂ ଜିଲ୍ଲାଗୁଡ଼ିକରେ ଜଳବାୟୁ ଅନିୟମିତତା ଦେଇ ଗତି କରୁଥିବାରୁ, ଉତ୍ତାପ-ପ୍ରତିରୋଧୀ ଯୋଜନା ଏବଂ ଏ ସମ୍ପର୍କିତ ପଦକ୍ଷେପର ଆବଶ୍ୟକତା ବଢ଼ିଯାଇଛି। ଚଳିତ ସପ୍ତାହରେ, ଦକ୍ଷିଣ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଂଶରେ ବର୍ଷା ସତର୍କତା ଦେଖାଯାଇଥିବା ବେଳେ, ଭାରତ ପାଣିପାଗ ବିଭାଗ ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ହିଟ୍‌ୱେଭ୍ ଆଲର୍ଟ ଜାରି ହୋଇଛି।

### ଆଜି ବାହାରିବ...

ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ବାହାରିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ବର୍ଗରେ ମୋଟ୍ ୩ଲକ୍ଷ ୯୩ ହଜାର ୬୧୮ ପିଲା ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୧୪ହଜାର ୯୮୦, ବାଣିଜ୍ୟରେ ୨୫ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଜଣ ପିଲା ରହିଛନ୍ତି।

ସୂଚନାଯୋଗ୍ୟ, ଚଳିତଥର ୪୨୯ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କପି କରି ଧରାପଡ଼ିଥିଲେ। ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତଙ୍କୁ କାଉନସେଲିଂ କରିବା ପରେ ତନ୍ମଧ୍ୟରୁ ୩୭୨ଜଣ କପି କରି ନଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ। ଅବଶିଷ୍ଟ ୫୭ଜଣ କପି କରିଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଆସନ୍ତାବର୍ଷ ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

### ବିଚ୍ଛିନ୍ନାଞ୍ଚଳରେ ବନ୍ଦ ହେବ...

ଗତବର୍ଷ ସେପ୍ଟେମ୍ବର ୩୦ତାରିଖରେ ଝାଡ଼ଖଣ୍ଡର ଜଗନ୍ନାଥପୁରରେ ବିଜେପିର ପରିବର୍ତ୍ତନ ଯାତ୍ରା ଉପଲକ୍ଷେ ଆୟୋଜିତ ଜନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଝାଡ଼ଖଣ୍ଡର ଶିକ୍ଷକମାନେ ସେମାନଙ୍କ ପାରିଶ୍ରମିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଓଡ଼ିଆ ଅସ୍ମିତାକୁ ଧ୍ୟାନରେ ରଖି ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଓଡିଶା ସରକାର ଏଣିକି ମାସିକ ୩ ହଜାର ବଦଳରେ ୬ହଜାର ଟଙ୍କା ହିସାବରେ ବାର୍ଷିକ ୭୨ ହଜାର ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଏଥିସହ ପୂର୍ବ ବକେୟା ସହ ବିଜେଡି ସରକାର ଘୋଷଣା କରିଥିବା ୪୫୦୦ ଟଙ୍କା ମଧ୍ୟ ସରକାର ପ୍ରଦାନ କରିବେ ବୋଲି କହିଥିଲେ। ମାତ୍ର ଇତିମଧ୍ୟରେ ଏହି ଘୋଷଣାକୁ ୮ ମାସ ବିତିଲାଣି, ଶିକ୍ଷକମାନେ ଏହି ଅନୁଦାନ ରାଶିକୁ ଚାହିଁ ବସିଛନ୍ତି। ଏ ସଂପର୍କରେ ଝାଡ଼ଖଣ୍ଡର ଷଢ଼େଇକଳା- ଖରସୁଆଁ ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ସୁମନ୍ତ ଚନ୍ଦ୍ର ମହାନ୍ତି, ସାଧାରଣ ସଂପାଦକ ଅଜୟ ପ୍ରଧାନ, ପଶ୍ଚିମ ସିଂହଭୂମିର ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାଶ, ସାଧାରଣ ସଂପାଦକ ଅମ୍ବିକା ଚରଣ ଦୀକ୍ଷିତ, ଜିଲ୍ଲା ପରିଦର୍ଶକ ସରୋଜ ପ୍ରଧାନ, ଜୟରାମ ଦାସପାତ୍ର, ସୁଶୀଲ ଷଡ଼ଙ୍ଗୀ, ଓଡ଼ିଆ ଶିକ୍ଷାକର୍ମୀ ସୁଭଦ୍ରା ମିସ୍ତ୍ରିଙ୍କ ସହ ୪ ରାଜ୍ୟର ଶତାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସେମାନଙ୍କର ବକେୟା ରାଶି ପ୍ରଦାନ ନିମନ୍ତେ ଅନୁରୋଧ କରିଛନ୍ତି।

### ୩ ବର୍ଷର ଆଇନଜୀବୀ...

ସେବାରେ ଯୋଗ ଦେବା ପୂର୍ବରୁ ଅତି କମ୍‌ରେ ତିନି ବର୍ଷର ଆଇନଜୀବୀ ଅଭିଜ୍ଞତା ହାସଲ କରିବାକୁ ପଡ଼ିବ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

କୋର୍ଟ ବ୍ୟବସ୍ଥାକୁ ନେଇ ଜଣଙ୍କୁ ଦକ୍ଷତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ପୁସ୍ତକ ଆଧାରିତ ଜ୍ଞାନ କିମ୍ବା ନିଯୁକ୍ତି ପୂର୍ବ ପ୍ରଶିକ୍ଷଣ ପର୍ଯ୍ୟାପ୍ତ ହେବ ନାହିଁ। ଏଥିପାଇଁ ଆଇନ ଅଭ୍ୟାସକୁ ନେଇ ତିନି ବର୍ଷର ଅଭିଜ୍ଞତା ଜରୁରୀ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଜୁନିଅର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତି ଉପରେ ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି। ଆଇନରେ ସ୍ନାତକ ହାସଲ କରିବା ପରେ ଜଣେ ତିନି ବର୍ଷ ପାଇଁ ଆଇନଜୀବୀ ଭାବେ କାର୍ଯ୍ୟ କରିବା ପରେ ନ୍ୟାୟିକ ସେବା ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାଛଡ଼ା ଆଇନ ସ୍ନାତକଙ୍କ ସିଧାସଳଖ ନିଯୁକ୍ତି ନିୟମକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି।

ଅନ୍ୟପକ୍ଷରେ ସିନିୟର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତିରେ ଜୁନିଅର ସିଭିଲ ଜଜଙ୍କ ପାଇଁ ୨୫ ପ୍ରତିଶତ ବିଭାଗୀୟ ସଂରକ୍ଷଣ ବ୍ୟବସ୍ଥା ରହିଛି ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଗଭାଇ କହିଛନ୍ତି। ନାମାଙ୍କନ ତାରିଖରୁ ତିନି ବର୍ଷର ଅବଧିକୁ ବିଚାର କରାଯାଇପାରିବ। ତେବେ ଏହି ସର୍ତ୍ତ ସେହି ପରୀକ୍ଷାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବନାହିଁ, ଯେଉଁମାନଙ୍କର ପ୍ରକ୍ରିୟା ହାଇକୋର୍ଟ ଦ୍ୱାରା ଆରମ୍ଭ ହୋଇଛି। ସେହିଭଳି ବର୍ତ୍ତମାନ ପରୀକ୍ଷାରେ ଯୋଗ ଦେଉଥିବା ପ୍ରାର୍ଥୀଙ୍କ ଲାଗି ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ପ୍ରଯୁଜ୍ୟ ହେବନାହିଁ। କିନ୍ତୁ ଆଗାମୀ ପରୀକ୍ଷାରେ ପ୍ରାର୍ଥୀମାନଙ୍କୁ ଏହି ସର୍ତ୍ତ ପୂରଣ କରିବାକୁ ପଡିବ ବୋଲି କୁହାଯାଇଛି।

### ପୁରୀ ଭକ୍ତ ନିବାସରେ...

ପ୍ରିୟଙ୍କା ଓ ଜ୍ୟୋତି ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଓ ୟୁ-ଟ୍ୟୁବ୍‌ରେ ସେ ସବୁ ଅପ୍‌ଲୋଡ୍ କରିଥିଲେ। ଅନ୍ୟପକ୍ଷରେ, ପ୍ରିୟଙ୍କାଙ୍କ ଏକ ନୂଆ ଭିଡିଓ ଏବେ ଭାଇରାଲ୍ ହେଉଛି। ସେ ବନ୍ଦେ ଭାରତ ଟ୍ରେନ୍ ପାଇଲଟ୍‌ଙ୍କ କ୍ୟାବିନ୍‌ରେ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି।

ଏସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ପ୍ରିୟଙ୍କା ସହ ଜ୍ୟୋତିଙ୍କ ଲିଙ୍କ୍ ଘଟଣାରେ ଚତୁର୍ଥ ଦିନରେ ତଦନ୍ତ ଜାରି ରହିଛି। ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ତଦନ୍ତରେ ପ୍ରିୟଙ୍କା ଓ ତାଙ୍କ ପରିବାର ସହଯୋଗ କରୁଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ), ରାଜ୍ୟ ଗୁଇନ୍ଦା ବିଭାଗ ଓ ହରିଆଣା ହିସାର୍ ପୁଲିସକୁ ସବୁପ୍ରକାର ସହଯୋଗ କରୁଛି ଜିଲ୍ଲା ପୁଲିସ୍। ତାଙ୍କର ସୋସିଆଲ ମିଡିଆ ଆକାଉଣ୍ଟ, କ'ଣ କ'ଣ ପୋଷ୍ଟ କରିଥିଲେ, କ'ଣ ଡିଲିଟ୍ କରିଛନ୍ତି, ତାଙ୍କର କଲ୍ ଡିଟେଲ୍ସ ରେକର୍ଡ(ସିଡିଆର୍), ବ୍ୟାଙ୍କ୍ ଆକାଉଣ୍ଟ ସବୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ପ୍ରିୟଙ୍କା ଏବେ ପୁରୀରେ ଅଛନ୍ତି। ପ୍ରିୟଙ୍କା ଓ ଜ୍ୟୋତି ପୁରୀର କେଉଁ କେଉଁ ସ୍ଥାନକୁ ଯାଇଥିଲେ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛି ବୋଲି ଏସ୍‌ପି ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି। ତେବେ ପୁରୀ ଜିଲ୍ଲା ପୁଲିସ୍ ପ୍ରଶାସନ ନୁହେଁ, ବରଂ ଏନ୍ଆଇଏ ତଦନ୍ତ ଦ୍ୱାରା ହିଁ ସଠିକ୍ ତଦନ୍ତ ହୋଇ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି।


**OFFICE OF THE MUNICIPAL COUNCIL: KHORDHA** C-361
H&UD Department, Govt. Of Odisha
Khordha – 752055
No. 1646 / Date 17.05.2025

**QUOTATION CALL NOTICE**

Sealed quotations are invited from reputed registered Firms/ Suppliers/ Agencies for supply of different items with execution of networking system (LAN connection) in respect of all sections under Khordha Municipality for smooth implementation of "OSWAS" as per the detailed specification mentioned.

All quotation should be accompanied with any ID Proof i.e. Aadhaar/ Voter ID Card/ PAN Card and GST Registration Certificate etc. The quotationer should quote their rate of the price both in figure and words. All quotations will be received in specific Quotation Box kept in the Office of the undersigned from **date 20.05.2025 at 10:00 AM to date 29.05.2025 up to 10:00 AM** except Sunday & Holidays and will be **opened on** same date i.e. **29.05.2025 at 11:00 AM** in presence of quotationer or their authorized agents in the Municipal Office. The quotationer should be quoted the rate including all taxes. The bidder shall submit the Annexure-I and Annexure-II documents in a sealed cover. The top of the cover should be written as **"Supply of** different **items with** execution of networking **system (LAN connection) of all** sections **of KHORDHA** MUNICIPALITY". The bid document can **also be** downloaded **from the official website of Khordha** Municipality **i.e.** www.khordhamunicipality.in and www.khordha.nic.in (**District** Portal).

| Sl No. | Name of Items/ Specifications | Unit (No.) | Rate Quoted (Rs.) | Rate Quoted (Words) |
|---|---|---|---|---|
| 1 | 24 port unmanaged switch | 1 | | |
| 2 | 24 port patch Pannel | 1 | | |
| 3 | 4U rack with fan and PDU | 1 | | |
| 4 | Laying of Cat6 UTP Cable | 1 | | |
| 5 | fixing of I/O box | 1 | | |
| 6 | 1 mtr Patch Card | 1 | | |
| 7 | 2 mtr Patch Card | 1 | | |
| 8 | 20 mm Pipe | 1 | | |
| 9 | All Total Service Charge for 30 points of LAN connection and cable laying service charge | 1 | | |

SUPPLY ORDER WILL BE GIVEN TO THE SUCCESSFUL QUOTATIONER.

The rate quoted should be valid for minimum one year from the date of acceptance of offer. The selected agency will completed the work within 7 days of receipt of this order. No conditional or incomplete quotation will be accepted.

The authority shall have the right to accept or reject all the quotations without assigning any reason thereof.

Document to be submitted by the bidders with Prescribed Performa:-

1. Submit the copies of valid GST Registration Certificate of the agency.
2. Submit the copies of valid PAN Card.
3. Submit refundable EMD of Rs 2,000/- (Two Thousand) only and document cost / paper cost of Rs. 600/- (Rupees Six Hundred) only in shape of BD/DD/MR from any Nationalized Bank in favour of Executive Khordha Municipality.
4. Submit undertaking for 1 year maintenance of networking system.

Executive Officer
Khordha Municipality

**OIPR-13082/11/0019/2526**



**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 20-05-2025. I Ichabati Gouda, residing At: Batakari Po: Nuakote Ps: Papadahandi Dist: Nabarangpur, declare that I have changed my name from Hiradi Goud to Ichabati Gouda. Henceforth I shall be known as a **Ichabati Gouda** for all purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
**Contact**
**GADHWAL GROUP**
**M.: 9437015112**

**NOTICE**

By virtue of an affidavit sworn before Sri R. K. Behera, Notary, Udala, Mayurbhanj, dated 19th May 2025, I Gandha Majhi, Address S/O- Kanka Majhi, At- Nabakisorpur, PO- Silaghati, PS.- Khunta, Dist- Mayurbhanj, Pin- 757019 declare that I have changed my name from Gandha Majhi Alies sakila Hembram to Gandha Majhi . Henceforth I shall be known as Gandha Majhi for all purposes.
**Sd/- Gandha Majhi**

**LOST**

ମୁଁ ପୂଜା ମହାନ୍ତି, ଗତ ୧୭.୦୫.୨୦୨୫ ରେ ମୁଁ ସମସ୍ତ ପ୍ରମାଣ ପତ୍ର xerox କରିବା ପାଇଁ ମୋ ଘର ପାଖ ମହାନଦୀ ବିହାର ରେ ଏକ ଦୋକାନ କୁ ଯାଇ ଥିଲି, ସେଠାରୁ କରାଇ ଏକ ଫାଇଲ ରେ ରଖି ବ୍ୟାଗ ରେ ରଖିଲି କିନ୍ତୁ ଘରେ ପହଞ୍ଚି ଦେଖିଲି ବ୍ୟାଗ ଟି ଫାଟି ଯାଇଛି ଓ ଫାଇଲ ଟି କେଉଁଠି ପଡି ଯାଇଛି, ମୁଁ ତୁରନ୍ତ ଯାଇ ସବୁ ଜାଗା ଖୋଜିଲି ହେଲେ ମିଳିଲା ନାହିଁ, ସେଥିରେ ମୋର 1.ଜନ୍ମ ପ୍ରମାଣ ପତ୍ର 2.ଦଶମ ଶ୍ରେଣୀ ପ୍ରମାଣ ପତ୍ର 3. ଡିପ୍ଲୋମା ( diploma ) ପ୍ରମାଣପତ୍ର 4.B.Tech ପ୍ରମାଣପତ୍ର 5.5 ଟି ସଙ୍ଗୀତ ଶିକ୍ଷା ପ୍ରମାଣ ପତ୍ର ଥିଲା ତେଣୁ ବିନୀତ ଅନୁରୋଧ ଯଦି କେହି ସହୃଦୟ ବ୍ୟକ୍ତି ଫାଇଲ ଟିକୁ ପାଇଥିବେ ତେବେ ମତେ ନିମ୍ନୋକ୍ତ ନମ୍ବର ରେ ଫୋନ କରି ଫେରାଇଦେବାକୁ ଅନୁରୋଧ।
**ଫୋନ - ୯୫୫୬୭୬୫୨୪୫**

**LOST**

ମୁଁ ପୂଜା ମହାନ୍ତି, ଗତ ୧୭.୦୫.୨୦୨୫ ରେ ମୁଁ ସମସ୍ତ ପ୍ରମାଣ ପତ୍ର xerox କରିବା ପାଇଁ ମୋ ଘର ପାଖ ମହାନଦୀ ବିହାର ରେ ଏକ ଦୋକାନ କୁ ଯାଇ ଥିଲି, ସେଠାରୁ କରାଇ ଏକ ଫାଇଲ ରେ ରଖି ବ୍ୟାଗ ରେ ରଖିଲି କିନ୍ତୁ ଘରେ ପହଞ୍ଚି ଦେଖିଲି ବ୍ୟାଗ ଟି ଫାଟି ଯାଇଛି ଓ ଫାଇଲ ଟି କେଉଁଠି ପଡି ଯାଇଛି, ମୁଁ ତୁରନ୍ତ ଯାଇ ସବୁ ଜାଗା ଖୋଜିଲି ହେଲେ ମିଳିଲା ନାହିଁ, ସେଥିରେ ମୋର 1.ଜନ୍ମ ପ୍ରମାଣ ପତ୍ର 2.ଦଶମ ଶ୍ରେଣୀ ପ୍ରମାଣ ପତ୍ର 3. ଡିପ୍ଲୋମା (diploma) ପ୍ରମାଣ ପତ୍ର 4.B.Tech ପ୍ରମାଣ ପତ୍ର 5.5 ଟି ସଙ୍ଗୀତ ଶିକ୍ଷା ପ୍ରମାଣ ପତ୍ର ଥିଲା ତେଣୁ ବିନୀତ ଅନୁରୋଧ ଯଦି କେହି ସହୃଦୟ ବ୍ୟକ୍ତି ଫାଇଲ ଟିକୁ ପାଇଥିବେ ତେବେ ମତେ ନିମ୍ନୋକ୍ତ ନମ୍ବର ରେ ଫୋନ କରି ଫେରାଇଦେବାକୁ ଅନୁରୋଧ।
**ଫୋନ୍ - ୯୫୫୬୭୬୫୨୪୫**

**AFFIDAVIT**

I, Priti Gupta, aged about 45 years, W/o- Vinay Gupta, resident of Flat No- 201, Plot No- 7, Sudarshan Towers, Sahid Nagar, Bhubaneswar Urban, Pin- 751007 Odisha declared by this affidavit No. 1049, dtd. 19/05/2025, that now onwards I shall be known as **PREETI GUPTA** for all future purposes.

**AFFIDAVIT**

I, Tanushree Peddamadula, D/O- P Ram Prasad, resident of Duplex No- 67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 549, dated- 19/05/2025 that now onwards I shall be known as **P TANUSHREE** for all future purposes.

**AFFIDAVIT**

Already published earlier dated 11/01/2021 In the Dharitri Newspaper. For the demand of Government & semi Government Organisation or to whom it may concern. By virtue of an affidavit sworn before The Executive Magistrate, Bhubaneswar. Dated- 11/01/2021 I, **Jita Pasayat,** D/o Satya Narayan Pasayat, Address: At- Batimira, (Ranipada) Ps/Dist- Jagatsinghpur, Pin- 754111, Odisha declare that I have changed my name from **JITA MOHANTY To JITA PASAYAT.** Henceforth, **JITA MOHANTY** shall be known as **JITA PASAYAT** for all future purposes and in all the documents.
**(JITA PASAYAT)**

**AFFIDAVIT**

I, Ram Prasad Peddamadula, H/o- P Gouri, resident of Duplex No-67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 458, dated- 19/05/2025 that now onwards I shall be known as **P RAM PRASAD** for all future purposes.

**AFFIDAVIT**

I, Muhammad Ilyas, S/o- Muhammad Idrees, resident of At- Charinangal, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1799, dtd- 17/05/2025 that now onwards I shall be known as **MOHAMMAD ILYAS** for all future purposes.

**AFFIDAVIT**

I, Bhaktimanjaree Devi, aged about 53 years, W/o- Gouri Sankar Gantayat, resident of Metro Residency, Flat No- 308(A), Behera Sahi, Nayapalli, Bhubaneswar, Pin- 751012 Odisha declared by this affidavit No. 1047, dtd. 19/05/2025, that now onwards I shall be known as **BHAKTI GANTAYAT** for all future purposes.

**AFFIDAVIT**

By virtue of an affidavit (No. 174, dtd. 19.05.2025) before the Executive Magistrate, Bhubaneswar I, **Manoj Kumar Muduli,** S/o. Amareswar Muduli, resident of At- Hasinpur, Po.- Suhagpur, PS.- Kakatpur, Dist.- Puri, Odisha-752107 declare that my wife's actual name is **Rajalaxmi Sahu**, but my daughter's school records her name has been wrongly mentioned as **Rajalaxmi Sahoo.** Henceforth she will be known as **RAJALAXMI SAHU** for all purposes.
**(Manoj Kumar Muduli)**

**AFFIDAVIT**

I, Shishir Kumar Pradhan, S/O- Muli Charan Pradhan, resident of At- Radhakishorepur, Po- Radhakishorepur, Cuttack, Pin- 754029, Odisha declare by this affidavit No. 456, dated- 19/05/2025 that now onwards I shall be known as **SISIR KUMAR PRADHAN** for all future purposes.

**AFFIDAVIT**

I, Bhagyasri Peddamadula, D/O- P Ram Prasad, resident of Duplex No- 67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 455, dated- 19/05/2025 that now onwards I shall be known as **P BHAGYASRI** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 28/04/2025. I, Sanghamitra Dash, W/o- Sasi Bhusan Tripathy, Village- Nuagan, Po-Pattamundai, PS- Pattamundai Dist- Kendrapada, Odisha have changed my name from **Sanghamitra Tripathy To Sanghamitra Dash.**
Henceforth, I shall be known as **SANGHAMITRA DASH** for all purposes.
**(SANGHAMITRA DASH)**

**AFFIDAVIT**

I, Rakesh Agarwalla, S/o- Late Gobind Prasad Agarwalla, resident of Ward No-11, At/p.o.: Karanjia, Dist.: Mayurbhanj, Pin- 757037, Odisha declare by this affidavit No. 153 dtd.- 20/01/2025 sworn before The Notary Public at Karanjia that now onwards I shall be known as Rakesh Kumar Agarwalla for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Puri, SL NO 2074/2025 dated 04/04/2025, I **Juliyas Rani Sahu,** D/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin- 752002 declare that I have changed my name from **Juliyas Rani Tandi** to **Juliyas Rani Sahu.** Henceforth, she shall be known as **JULIYAS RANI SAHU** for all purposes.
**Sd- JULIYAS RANI SAHU**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.05.2025, **I, Namita Kanungo,** Resident of M-102, Trident Galaxy, Kalinga Nagar, Ghatikia, PO.: Andharua, P.S.: Chandaka, Dist.: Khordha, Odisha, PIN- 751003, declare that I have changed my name from Namita Kanungo Mohanty to Namita Kanungo. Henceforth, I shall be known as **NAMITA KANUNGO** for all purposes.

**AFFIDAVIT**

By virtue of an affidavit before Executive Magistrate Kanas of Dist Puri, I Rajakishore Mallick, S/O of Suresh Mallick resident of Vill Lokapal, Po. Haladiapara, P.S. Kanas, Dist: Puri, Odisha state that my correct name is RAJAKISHORE MALLICK but in my Aadhaar card No. 781037369319 my name has been mentioned as RAJESH MALLIK. Hence onwards I shall be known as RAJAKISHORE MALLICK for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 20.05.2025, **I, Smita Mahapatra,** Resident of Flat No.: 302, Krishna Plaza, Laxmi Sagar, Bhubneswar Dist.: Khordha, Odisha, PIN- 751006, declare that I have changed my name from Smita Kumari Sahu to Smita Mahapatra. Henceforth, I shall be known as **SMITA MAHAPATRA** for all purposes.

**AFFIDAVIT**

I, Gouri Peddamadula, W/o- P Ram Prasad, resident of Duplex No-67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 457, dated- 19/05/2025 that now onwards I shall be known as **P GOURI** for all future purposes.

## ରାୟଗଡ଼ାରେ ରବି ମଣ୍ଡିର ଶୁଭାରମ୍ଭ

# କେହି ଧାନ ଦେଇପାରିଲେନି



ରାୟଗଡ଼ା,୨୦।୫(ସମିସ): ଚଳିତ ୨୦୨୪-୨୫ ରବି ଋତୁ ନିମନ୍ତେ ଡିଏଲପିସି ବୈଠକର ପୂର୍ବ ନିର୍ଦ୍ଧାରିତ ନିଷ୍ପତି କ୍ରମେ ମଙ୍ଗଳବାର ଦିନ ରାୟଗଡ଼ା ଉପଖଣ୍ଡସ୍ତରୀୟ ରବି ମଣ୍ଡିର ଶୁଭାରମ୍ଭ ସ୍ଥାନୀୟ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ସମବାୟ ସମିତି ଉପ ନିବନ୍ଧକ ସୀତାରାମ କରୁଣାକର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂଜାର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରିଥିଲେ। ରବି ମଣ୍ଡିର ଶୁଭାରମ୍ଭ ହୋଇଥିବା ବେଳେ କେଜିଟିଏ ମଧ୍ୟ ଧାନ ଚାଷୀଙ୍କଠାରୁ କ୍ରୟ କରାଯାଇ ପାରିଲା ନାହିଁ। କାରଣ ଆଜି ରାୟଗଡ଼ା ନିୟନ୍ତ୍ରୀତ ବଜାର କମିଟି ପ୍ରାଙ୍ଗଣରେ ମଣ୍ଡି ବାର ନ ଥିବାରୁ କୌଣସି ଚାଷୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ। ଏମିତିକି ଜଣେ ହେଲେ ଚାଷୀଙ୍କ ଆଜି ଟୋକନ୍ ତାରିଖ ମଧ୍ୟ ମିଳି ନ ଥିବା ଜଣାପଡିଛି। ଆଜିର କାର୍ଯ୍ୟକ୍ରମରେ ସମବାୟ ସମିତି ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର ଅତିରିକ୍ତ ଉପ ନିବନ୍ଧକ,ରାୟଗଡ଼ା ନିୟନ୍ତ୍ରୀତ ବଜାର କମିଟି ସଂପାଦକ କସ୍ତୁରୀ ସନ୍ୟାସୀ ରାଜୁଙ୍କ ସମେତ ବିପିନ ବିହାରୀ ସ୍ୱାଇଁ ଓ ଉଭୟ କାର୍ଯ୍ୟାଳୟର କର୍ମଚାରୀମାନେ ହିଁ ଉପସ୍ଥିତ ରହିଥିଲେ। ରାୟଗଡ଼ା ଲ୍ୟାମ୍ପ୍ସ ଅଧିନରେ ୨୬ ଓ ରାୟଗଡ଼ା ଏମପିସିଏସରେ ୨୨ଜଣ ମୋଟ ୪୮ ଜଣ ଚାଷୀ ଏଥର ମଣ୍ଡିରେ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜିକୃତ କରିଥିବା ବେଳେ ଆସନ୍ତା ମେ'୨୮ ତାରିଖ ଦିନ କୋଲନରା ବ୍ଲକ ମଣ୍ଡିର ଶୁଭାରମ୍ଭ କାର୍ଯ୍ୟକ୍ରମ ରହିଛି। ଏଥିରେ ମାତ୍ର ୮ ଜଣ ଚାଷୀ ନିଜ ରବି ଧାନ ଫସଲ ବ୍ଲକର ଲେକାପାଇ ଆରଏମ୍ସି ୟାର୍ଡ ମଣ୍ଡିରେ ବିକ୍ରି କରିବେ। ରାୟଗଡ଼ା ଆରଏମ୍ସି ୟାର୍ଡ ପ୍ରାଙ୍ଗଣରେ ସୋମବାର, ଶୁକ୍ରବାର ଓ ଶନିବାର ମଣ୍ଡିରେ ଧାନ କ୍ରୟ ଦିବସ ସ୍ଥିର ହୋଇଥିବା ବେଳେ ଆଜି ମଙ୍ଗଳବାରରେ ମଣ୍ଡି ଶୁଭାରମ୍ଭ ହୋଇଥିବାରୁ କେଜିଟିଏ ଧାନ କ୍ରୟ ହୋଇପାରିଲା ନାହିଁ। ପ୍ରକାଶ ଥାଉ କି,ରାୟଗଡ଼ା ଜିଲ୍ଲାରୁ ରବି ମଣ୍ଡିରୁ ଚଳିତ ବର୍ଷ ୮୮୯୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବା ବେଳେ ଜିଲ୍ଲାର ୯ଟି ମଣ୍ଡିରେ ୪୨୫ଜଣ ଚାଷୀ ନିଜ ଧାନ ବିକ୍ରି କରିବେ। ଜିଲ୍ଲାରେ ରବି ଋତୁ ଧାନ ଫସଲ ନିମନ୍ତେ ଜଳ ସେଚନର ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ତଥା ବ୍ୟବସ୍ଥା ଉପଲବ୍ଧ କରାଯାଉ ନ ଥିବାରୁ ରବି ମଣ୍ଡିରେ ଚାଷୀଙ୍କ ସଂଖ୍ୟା ହ୍ରାସ ହେବା ସହ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ମଧ୍ୟ ପୂର୍ବ ବର୍ଷଗୁଡିକ ପକ୍ଷରୁ ଧୀରେ ଧୀରେ କମିବାରେ ଲାଗିଛି। ଜିଲ୍ଲାର ଅନେକ ଚାଷୀବୃନ୍ଦ ବର୍ଷକୁ ଦୁଇଥର ଧାନ ଫସଲ କରି ସରକାରଙ୍କ କ୍ୱିଣ୍ଟାଲ ପିଛା ଧାର୍ଯ୍ୟ ସହାୟକ ମୂଲ୍ୟର ଲାଭ ଉଠାଇବାକୁ ଚାହୁଁଥିବା ବେଳେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ରବି ଧାନ ଫସଲ ପ୍ରତି ଅଣଦେଖା ତଥା ଚାଷ ଜମିକୁ ଜଳସେଚନର ଉପଯୁକ୍ତ ବ୍ୟବସ୍ଥା ହେଉ ନଥିବାରୁ ଚାଷୀକୂଳ ମଧ୍ୟ ଅଣଧାନ ଉପରେ ନଚେତ ଦାଦନ ଉପରେ ନିର୍ଭର କରି ଚଳୁଥିବା ଜଣାପଡ଼ିଛି।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ କେନ୍ଦ୍ରୀୟ ସଂଗଠନର ଦାବିପତ୍ର



ବାଲିମେଳା,୨୦।୫(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆଜି ମଙ୍ଗଳବାର ଦିନ କେନ୍ଦ୍ରୀୟ ମିଳିତ ସଂଗଠନ ତଥା ଫେଡେରେସନ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଏକତ୍ରିତ ହୋଇ ମିଳିତ ଭାବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ଉଲ୍ଲେଖ ଥିବା ଏକ ପତ୍ର ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ବରିଷ୍ଠ ସାଧାରଣ ପରିଚାଳକ ଦିଲୀପ କୁମାର ସ୍ୱାଇଁଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି। ଏଆଇୟୁଟିୟୁସିରୁ କାହ୍ନୁ ଚରଣ ବିଶ୍ୱାଳ, ଏଆଇଟିୟୁସିରୁ ସନ୍ତୋଷ କୁମାର ପଣ୍ଡା, ଏଆଇଏସଏଫରୁ ସଂଘ ମିତ୍ରା ଜେନା ଏବଂ ବାଲିମେଳା ପାୱାର ପ୍ରୋଜେକ୍ଟ ଏମ୍ପ୍ଲଇଜ ୟୁନିୟନର ସଭାପତି ପ୍ରବୀର କୁମାର ଦାସ, ରବି ନାରାୟଣ ଦାଇନି , ନରସିଂହ ଖିଲ, ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟରତ ଥିବା ଠିକା ଶ୍ରମିକ ସଂଘର ନୀତେଶ କୁମାର ବେହେରା, ମା' ଭବାନୀ ସ୍ୱିପର ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ଉକ୍ତ ଦାବିପତ୍ରକୁ ପ୍ରଦାନ କରିଥିଲେ। ତେବେ ମିଳିତ ସଙ୍ଘ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ୧୭ ଦଫା କେନ୍ଦ୍ରୀୟ ଦାବି ସହିତ ୮ ଟି ପ୍ରମୁଖ ସ୍ଥାନୀୟ ଦାବି ରହିଛି। ସେଗୁଡିକ ହେଲା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ନୂତନ ୪ ଗୋଟି ଶ୍ରମ କୋଡ଼ ବାତିଲ କରିବା, ସ୍କିଲ ୱାର୍କର ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ,ଶ୍ରମିକ ମାନଙ୍କୁ ପୁରୁଣା ପେନସନ ସ୍କିମରେ ଅନ୍ତର୍ଭୁକ୍ତ କରିବା, ଶ୍ରମିକ ମାନଙ୍କର ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ କରିବା, ଠିକା ପ୍ରଥା ଉଚ୍ଛେଦ କରି ସମସ୍ତ ଠିକା କାର୍ଯ୍ୟରତ ଶ୍ରମିକ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ମୃତ କାର୍ଯ୍ୟରତ ଶ୍ରମିକର ପରିବାରର ଲୋକଙ୍କ ମଧ୍ୟରୁ ଜଣକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଏବଂ ଏହି ନିୟମକୁ ଶକ୍ତି ବିଭାଗରେ କାର୍ଯ୍ୟକାରୀ କରିବା, ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କୁ ଅଗ୍ରାଧିକାର ଦେବା ଏବଂ ସ୍ଥାନୀୟ ଚିକିତ୍ସାଳୟରେ ଭେଷଜ ତଥା ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ ସହ ମେଡ଼ିସିନକୁ ସ୍ଥାଦୀୟ ବାସିନ୍ଦାଙ୍କୁ ସୁଲଭ ଭାବେ ପ୍ରଦାନ କରିବା ।

## ଡ୍ରେନ୍ ଉପରେ ଢାଙ୍କୁଣି ହେଉନି, ଦୋକାନୀ ହନ୍ତସନ୍ତ



କୋଷାଗୁମୁଡା,୨୦।୫(ସମିସ): ବିଗତ ଦୁଇ ବର୍ଷ ତଳର ପୂର୍ତ୍ତ ବିଭାଗର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ। ଠିକାସଂସ୍ଥା ବିଳମ୍ବରେ ଚଳିତ ବର୍ଷ ତରବରିଆ ଭାବରେ କାର୍ଯ୍ୟ ଆରମ୍ଭ କରିଛି। ତେବେ ଏହି ରାସ୍ତାଟି କୋଷାଗୁମୁଡା ଜଗନ୍ନାଥ ମନ୍ଦିର ଛକଠାରୁ ମୋତିଗାଁ ପର୍ଯ୍ୟନ୍ତ ଚାଲିଥିବା ବେଳେ ଟେମ୍ରା ଓ ସନ୍ତୋଷପୁର ଗ୍ରାମରେ କାର୍ଯ୍ୟ ବିଳମ୍ବ ଦେଖାଯାଇଛି। ଠିକା ସଂସ୍ଥାର ବେପରୁଆ ମନୋମୁଖୀ କାର୍ଯ୍ୟ ପାଇଁ ସାଧାରଣରେ ଅସନ୍ତୋଷ ଦେଖାଯାଉଛି। ଏଥିମଧ୍ୟରୁ ସନ୍ତୋଷପୁର ଗାଁର ଡ୍ରେନେଜ୍ କାର୍ଯ୍ୟ ପ୍ରାୟ ୧୦ଦିନ ପୂର୍ବରୁ ଶେଷ ହୋଇ ଯାଇଥିବା ବେଳେ ଡ୍ରେନେଜ୍‌ର ଉପରେ ପ୍ଲେଟ ପକାଇବା କାର୍ଯ୍ୟକୁ ଠିକାସଂସ୍ଥା ବନ୍ଦ କରି ରଖିଦେଇଛି। ଯାହାକୁ ନେଇ ରାସ୍ତା କଡ଼ରେ ଥିବା ଅନେକ ଦିନ ଖଟିଆ ଉଠା ଦୋକାନୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରାୟ ୧୦ ଦିନ ହେବ ଦୋକାନ ଖୋଲିଲେ ଗ୍ରାହକ ନାଳର ଗଭୀରକୁ ଦେଖି ବାଉଁଶ ଟାଟ କିମ୍ବା କାଠ ପଟାରେ ଆସିବାକୁ ଡରୁଛନ୍ତି। ଦୁଇ ତିନି ଜଣ ଡ୍ରେନେଜ୍‌ରେ ପଡିବାରୁ ଅଳ୍ପକେ ବର୍ତିଯାଇଛନ୍ତି ବୋଲି ସନ୍ତୋଷପୁର ଗାଁର ସଞ୍ଜୟ ନାୟକ, ଶୋଭାଦେବୀ ଗୁପ୍ତା, ସନ୍ତୋଷ ଗୁପ୍ତା, ଲେବ, ଭଜମନ କଷ୍ଟା ପ୍ରମୁଖ ତୀବ୍ର ନିନ୍ଦା କରିବା ସହ ପୂର୍ତ୍ତ ବିଭାଗ ପକ୍ଷରୁ ତୁରନ୍ତ ଠିକାସଂସ୍ଥାକୁ ତାଗିଦ କରି ସଙ୍ଗେ ସଙ୍ଗେ ଡ୍ରେନେଜ ଉପରେ ପ୍ଲେଟ ପକାଇବା ପାଇଁ ଦାବି କରିଛନ୍ତି। ଯଦି ଦୁଇ ଦିନ ଭିତରେ ଏହାର କାର୍ଯ୍ୟ ଆରମ୍ଭ ନହୁଏ, ତେବେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏବଂ ପୂର୍ତ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବୁ ବୋଲି ଦୋକାନୀ ମାନେ କହିଛନ୍ତି।

**● ଡୁକୁମ୍ ସରପଞ୍ଚ ପଦ ଅସିଦ୍ଧ ଘୋଷଣା ଉପରେ ଲାଗିଲା ବ୍ରେକ୍**

## ରହିତାଦେଶ ଜାରିକଲେ ବିଷମକଟକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍



ବିଷମ କଟକ,୨୦।୫(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଡୁକୁମ୍ ଗ୍ରାମ ପଞ୍ଚାୟତ ସରପଞ୍ଚ ପଦକୁ ରଦ୍ଦ ନେଇ ବିଷମ କଟକ ଅତିରିକ୍ତ ଦୌରାଜଜ୍ ଅଦାଲତଙ୍କ ରାୟ ଉପରେ ଆଜି ବିଷମ କଟକ ଅତିରିକ୍ତ ଜିଲ୍ଲା ଜଜ୍ ରହିତାଦେଶ ଜାରି କରିଛନ୍ତି। ସୂଚନା ଅନୁଯାୟୀ, ବିଷମ କଟକ ଅତିରିକ୍ତ ସିଭିଲ୍ ଜଜ୍ ଅଦାଲତ ଏପ୍ରିଲ ମାସ ୨୫ତାରିଖରେ ଡୁକୁମ୍ ସରପଞ୍ଚଙ୍କ ସଭ୍ୟ ପଦକୁ ଅସିଦ୍ଧ ଘୋଷଣା କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ଡୁକୁମ୍ ସରପଞ୍ଚଙ୍କ ଓକିଲ ଜିଲ୍ଲା ଦୌରାଜଜ୍‌ଙ୍କ ନିକଟରେ ଅପିଲ କରିଥିଲେ। ତେବେ ଜିଲ୍ଲା ଜଜ୍‌ର ଉକ୍ତ ଅପିଲର ବିଚାର କରିବା ନିମନ୍ତେ ବିଷମ କଟକ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ କୁ ସ୍ଥାନାନ୍ତର କରିଥିଲେ। ଆଜି ଏହି ଅବେଦନକୁ ବିଚାରକୁ ନେଇ ଆସନ୍ତା ଜୁନ୍ ମାସ ୧୬ ତାରିଖ ପରବର୍ତ୍ତି ଶୁଣାଣି ପର୍ଯ୍ୟନ୍ତ ନିମ୍ନ କୋର୍ଟ ଦ୍ୱାରା ଦିଆଯାଇଥିବା ରାୟ ଉପରେ ରହିତାଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ, ଡୁକୁମ ଗ୍ରାମପଞ୍ଚାୟତ ସରପଞ୍ଚ ପଦ ପାଇଁ ୫ଜଣ ପ୍ରାର୍ଥୀ ନିର୍ବାଚନ ଲଢିଥିଲେ। ଏଥିରେ ଜୟନ୍ତୀ ସାରକା ସରପଞ୍ଚ ଭାବେ ବିଜୟ ଲାଭ କରିଥିବା ବେଳେ ପରାଜୟ ପ୍ରାର୍ଥୀ ବିନତି ପିଡିକାକା ବିଜୟୀ ପ୍ରାର୍ଥୀ ଜୟନ୍ତୀଙ୍କ ତିନୋଟି ସନ୍ତାନ ରହିଥିବାର ଅଭିଯୋଗ ଆଣି ଗତ ୨୦୨୨ ମସିହାରେ ବିଷମ କଟକ ଅତିରିକ୍ତ ସିଭିଲ୍ ଜଜ୍ ଅଦାଲତର ଦ୍ୱାରସ୍ଥ ହୋଇ ବିଜୟୀ ପ୍ରାର୍ଥୀ ଜୟନ୍ତୀଙ୍କ ପଦକୁ ରଦ୍ଦ କରିବାକୁ ଆବେଦନ କରି ମାମଲା ରୁଜୁ କରିଥିଲେ। ୩ଟି ଛୁଆ ଥିଲେ ପ୍ରାର୍ଥୀ ନିର୍ବାଚନ ଲଢି ପାରିବେ ନାହିଁ ବୋଲି ନିୟମ ରହିଛି। କିନ୍ତୁ ଜୟନ୍ତୀ ମିଥ୍ୟା ସତ୍ୟପାଠ ଦାଖଲ କରି ବିଜୟୀ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଦାଲତ ସାକ୍ଷ୍ୟ ପ୍ରମାଣର ଶୁଣାଣି କରି ଜୟନ୍ତୀ ସାରକାଙ୍କ ସରପଞ୍ଚ ପଦକୁ ରଦ୍ଦ କରିଥିଲେ। ସଭ୍ୟପଦ ରଦ୍ଦକୁ ଚାଲେଞ୍ଜ କରି ଜୟନ୍ତୀଙ୍କ ଓକିଲ ଉପର କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଗ୍ରହଣ କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୂର୍ବ ରାୟ ଉପରେ ରହିତାଦେଶ ଜାରି କରାଯାଇଥିବା ପ୍ରତିପକ୍ଷ ଓକିଲ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଡାକ୍ତର ଅରୁଣ କୁମାର ମାନସିଂ ସମ୍ମାନିତ



ପଦ୍ମପୁର,୨୦।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଭ୍ରାମ୍ୟମାଣ ଡାକ୍ତର ଅରୁଣ କୁମାର ମାନସିଂଙ୍କ ସହ ତାଙ୍କ ଟିମ୍‌କୁ ଆଜି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭ୍ରାମ୍ୟମାଣ ଡାକ୍ତର ଅରୁଣ କୁମାର ମାନସିଙ୍ଗ୍ ପଦ୍ମପୁର ଅଚଳର ଏକ ଲୋକପ୍ରିୟ ଡାକ୍ତର ଭାବେ ଜଣାଶୁଣା। ଏହି ଡାକ୍ତର ଜଣକ ଦୁର୍ଗମ ଅଞ୍ଚଳକୁ ଚାଲିଚାଲି ଯାଇ ରୋଗୀଙ୍କ ସେବା ଯୋଗାଇବା ଭଳି କାର୍ଯ୍ୟ କରି ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ଖାଲି ସେତିକି ନୁହେଁ, ମହାମାରୀ କୋରନା ସମୟରେ ମଧ୍ୟ ଲୋକଙ୍କ ଘରଘର ବୁଲି ସେବା କରି ଅଞ୍ଚଳରେ ବହୁ ଅନୁଷ୍ଠାନ ତରଫରୁ କୋରନା ଯୋଦ୍ଧା ସମ୍ମାନ ପାଇଛନ୍ତି। ଜିଲ୍ଲା ସ୍ତରୀୟ ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭ୍ରାମ୍ୟମାଣ ଟିମ୍ ଡାକ୍ତର ଶ୍ରୀ ମାନସିଂ ସମ୍ମାନିତ ହେବା ପରେ ବିଭିନ୍ନ ସ୍ଥାନରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

**■ ଜଙ୍ଗଲରେ ଭାଲୁ ସହ ମୁହାଁମୁହିଁ**

## ଲଢ଼େଇ କରି ଜୀବନ ବଞ୍ଚାଇଲେ ବୃଦ୍ଧ



ପଦ୍ମପୁର,୨୦।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଡିଆବନ୍ଧ ପଞ୍ଚାୟତର ରାଡୁ ଗ୍ରାମର ଜଣେ ୬୦ବର୍ଷର ବୃଦ୍ଧ ଏକ ଜଙ୍ଗଲି ଭାଲୁ ସହ ମୁହାଁମୁହିଁ ଲଢେଇ କରି ପ୍ରାୟ ୧ ଘଣ୍ଟା ପରେ ଜୀବନ ବଞ୍ଚାଇ ଫେରିବା ସମସ୍ତଙ୍କୁ ଚକିତ କରିଛି। ତେବେ ଭାଲୁଟି ବୃଦ୍ଧ ଜଣଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇ କ୍ଷତ ବିକ୍ଷତ କରିଦେଇଛି।

ସୂଚନାଯୋଗ୍ୟ ଯେ ରାଡୁ ଗ୍ରାମର ଗୁଭାଟି ରାମାରାଓ (୬) ଜଙ୍ଗଲ ପାଖକୁ ଭାଲିଆ ଗୋଟାଇବା ପାଇଁ ନିଜ ସ୍ତ୍ରୀ ସହ ଯାଉଥିବା ବେଳେ ଏକ ଜଙ୍ଗଲି ଭାଲୁ ଆକ୍ରମଣ କରିଥିଲା। ବୃଦ୍ଧ ଜଣକ ମଧ୍ୟ ଭୟ ନକରି ଭାଲୁ ସହ ମୁହାଁମୁହିଁ ଲଢେଇ କରିଥିଲେ। ପ୍ରାୟ ଏକ ଘଣ୍ଟ କାଳ ଭାଲୁ ସହ ମୁହାଁମୁହିଁ ଲଢେଇ କରି ଭାଲୁଟିର ମୁହଁକୁ ଅତି ଜୋର୍‌ରେ ଏକ ବାଉଁଶ ବାଡ଼ିରେ ବାଡେଇ ଥିଲେ। ଭାଲୁ ଗର୍ଜନ କରି ଜଙ୍ଗଲ ଭିତରକୁ ପଳାଇଥିଲା । କିଛି ଲୋକଙ୍କୁ ଧରି ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଭାଲୁଟି ବୃଦ୍ଧଙ୍କ ଡାହାଣ ଗୋଡ଼କୁ କାମୁଡି ଦେଇ କ୍ଷତବିକ୍ଷତ କରିଦେଇଛି। ତେବେ ଏତେ ବଡ଼ ଜଙ୍ଗଲି ଭାଲୁ ସହ ମୁହାଁମୁହିଁ ଲଢେଇ କରି ଜୀବନ ବଞ୍ଚାଇ ଫେରିବା ସହଜ କଥା ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ରାୟଗଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

**● ପାନୀୟ ଜଳ ସଙ୍କଟ**

## ଗୋରୁ ଓ ମଣିଷଙ୍କ ପାଇଁ ଗୋଟିଏ ନଳକୂପ

ମାଥିଲି,୨୦।୫(ସମିସ): ପାଣି ପାଇଁ ଘାଣ୍ଟି ହେଉଛନ୍ତି ଗ୍ରାମବାସୀ । ତୃଷା ମେଣ୍ଟାଉଛି ଏକମାତ୍ର ନଳକୂପ। ବର୍ଷ ବର୍ଷ ଧରି ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ। ଗୋଟିଏ ନଳକୂପରେ ଗୋରୁ ମଣିଷ ପିଉଛନ୍ତି ପାଣି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏତେ ଟଙ୍କା ଖର୍ଚ୍ଚ ପରେ ମଧ୍ୟ ପାଇପ୍ ଯୋଗେ ପାନୀୟଜଳ ବ୍ୟବସ୍ଥା ହୋଇପାରିଲା ନାହିଁ। ବର୍ତ୍ତମାନ ମେ ମାସ ଚାଲିଛି। ଗ୍ରୀଷ୍ମପ୍ରବାହରୁ ନିସ୍ତାର ନାହିଁ। ତତଲା କେଡ଼େଇରେ ପରିଣତ ହେଲାଣି ଉପାନ୍ତ ମାଲକାନଗିରି ଜିଲ୍ଲା। ତାତି ଛଟପଟ କରୁଥିବା ବେଳେ ଜଳ ସଙ୍କଟ ଲୋକଙ୍କୁ ଘାଣ୍ଟିଲାଣି। ବିଶେଷ କରି ମାଥିଲି ବ୍ଲକର କୁଟୁଣିପାଲ୍ଲୀ ପଞ୍ଚାୟତ ନିକଟରେ ଥିବା କଲୋନୀ ସାହିରେ ଗ୍ରାମବାସୀ କହିବାନୁଯାୟୀ ଗାଁରେ ୩୦ରୁ ୩୦ ପରିବାର ବସବାସ କରନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ହେବ ତଥାପି ଗ୍ରାମକୁ ଆଜି ପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚାଇ ପାରିଲା ନାହିଁ। ସରକାରଙ୍କ ପକ୍ଷରୁ ଏକମାତ୍ର ନଳକୂପ ବସାଯାଇ କାର୍ଯ୍ୟ ସାରି ଦେଇଛନ୍ତି। ଯାହା ଗ୍ରାମବାସୀଙ୍କୁ ସମୁଦ୍ରକୁ ଶଙ୍ଖେ ପରି ସଦୃଶ୍ୟ। ଗାଁରେ ଏକମାତ୍ର ନଳକୂପରେ ଗାଁର ଯେଉଁଠି ମଣିଷ ସେଇଠି ଗୋରୁ ତୃଷ୍ଣା ମେଣ୍ଟାଉ ଛନ୍ତି। ଗୋଟିଏ ନଳକୂପରେ ପାନୀୟଜଳ ପର୍ଯ୍ୟାପ୍ତ ନହେବାରୁ ଗାଁରୁ ୧୦୦ ମିଟର ଦୂରରେ ଥିବା ଉଚ୍ଚ ବିଦ୍ୟାଳୟ ପରିସର ଥିବା ନଳକୂପରୁ ପାଣି ଆଣି ତୃଷ୍ଣା ମେଣ୍ଟାଉ ଥିବା ମହିଳା ମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ଗ୍ରୀଷ୍ମ ଛୁଟି ଥିବାରୁ ଜେନତେନ ପ୍ରକାରେ ଚଳି ଯାଉଛନ୍ତି। କିନ୍ତୁ ବିଦ୍ୟାଳୟ ଖୋଲିଲେ ଆଉ ପାନୀୟଜଳ



ଆଣିବା ବନ୍ଦ ହୋଇଯାଏ ବୋଲି ଗ୍ରାମବାସୀ କହିଛନ୍ତି। ତାହା ସହିତ ଗାଁରେ ଚୁଆ, ଝରଣା ଓ ପୋଖରୀ ଥିଲେ ମଧ୍ୟ ଗ୍ରାମବାସୀ ମାନେ ଏକମାତ୍ର ନଳକୂପରେ ଚଳି ଯାଇଥାନ୍ତେ। କିନ୍ତୁ ତାହା ମଧ୍ୟ ନାହିଁ । କଲୋନୀ ସାହିର ଜଳସଙ୍କଟ ନେଇ ଆମେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସହିତ ଆଲୋଚନା କରିବା ପରେ ଶ୍ରୀ ବେହେରା ତୁରନ୍ତ ସେହି ଗ୍ରାମରେ ଆଉ ଗୋଟିଏ ନଳକୂପ ଖନନ କରିବା ପାଇଁ ପ୍ରସ୍ତାବ ରଖିଲେ। କିନ୍ତୁ କିଛି ସମୟ ପରେ କୁଟୁଣୀପାଲ୍ଲୀ ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ନାୟକଙ୍କୁ ବ୍ଲକ ସିପି ଶ୍ରୀ ଦାସ ଏହି ବିଷୟରେ ଜଣାଇବା ପରେ ସେହି ଗ୍ରାମରେ ମାତ୍ର ୧୫ଟି ପରିବାର ଥିବାରୁ ଆଉ ନଳକୂପ କରିବା ଆବଶ୍ୟକ ନାହିଁ ବୋଲି କୁହାଯାଇଥିଲା। ଆମେ ବିଡ଼ିଓଙ୍କ ସହିତ ଆଲୋଚନା କରି ବାହାରିବା ପରେ ଶ୍ରୀ ଦାସ ଆମକୁ କହିଥିଲେ ଯେ ଚନ୍ଦ୍ର କହୁଛନ୍ତି ଯେ, ସେହି ଗାଁରେ ମାତ୍ର ୧୫ ପରିବାର ରହୁଛନ୍ତି । ଆଉ ନଳକୂପ ଆବଶ୍ୟକ ନାହିଁ। ଏ ନେଇ ଚନ୍ଦ୍ର ଶେଖରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରେ ସେ ଫୋନ୍ ଉଠାଇ ନ ଥିଲେ। ଏଠି ପ୍ରଶ୍ନ ଉଠୁଛି ପ୍ରଶାସନ ପକ୍ଷରୁ ସେହି ଗ୍ରାମରେ ନୂତନ ନଳକୂପ ମଞ୍ଜୁର କରିବା ପାଇଁ ରାଜି ଥିବା ବେଳେ ସରପଞ୍ଚ ପ୍ରତିନିଧି ବାରଣ କାହିଁକି କରୁଛନ୍ତି ତାହାର ତଦନ୍ତ କରି ଅସଲ ତଥ୍ୟକୁ ସାମ୍ନାକୁ ଆସୁଛି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ରବି ଧାନମଣ୍ଡି ଉଦ୍‌ଘାଟିତ



ବିଷମ କଟକ,୨୦।୫(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକରେ ଆରମ୍ଭ ହେଲା ରବି ଧାନ ମଣ୍ଡି। ମଙ୍ଗଳବାର ଦିନ ସ୍ଥାନୀୟ ଗଜବାହାଲ ଆରଏମସି ଠାରେ ରବି ଧାନମଣ୍ଡିର ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଉଦ୍‌ଘାଟନ କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଲ୍ୟାମ୍ପ୍ସର ସଭାପତି ଶିରି କୁମ୍ବୁରୁକା ଯୋଗଦେଇ ଏହି ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ଯୋଗାଣ ଅଧିକାରୀ ଦେବଦତ୍ତ ଲେଙ୍କା , ଆର୍‌ଏମ୍‌ସି ଓ ଲ୍ୟାମ୍ପ୍ସ କର୍ମଚାରୀ ଓ ଚାଷୀଙ୍କ ଉପସ୍ଥିତିରେ ରବି ମଣ୍ଡି ଉଦ୍‌ଘାଟନ ହୋଇଛି। ଉକ୍ତ କାର୍ଯ୍ୟକୁ ବିଷମ କଟକ ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ ସାହୁ ପରିଚାଳନା କରିଥିଲେ। ଚଳିତ ବର୍ଷର ଏହି ରବି ମଣ୍ଡିରେ ସମୁଦାୟ ୨୫ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୧୫ ଜଣ ଚାଷୀ ଧାନ ଚାଷ କରିଥିବାର ସୂଚନା ମିଳିଛି। ଆସନ୍ତା ଶନିବାରଠାରୁ ରବି ମଣ୍ଡିରେ ଧାନ କିଣା ପ୍ରକିୟା ଆରମ୍ଭ ହେବ।

## ଗୋବିନ୍ଦପାଲିରେ ତ୍ରିରଙ୍ଗା ରାଲି

ଖଇରପୁଟ,୨୦।୫(ସମିସ): ଖଇରପୁଟ ବ୍ଲକ୍ ଗୋବିନ୍ଦପାଲିଠାରେ 'ଅପରେଶନ ସିନ୍ଦୂର'ର ସଫଳତା ଓ ସେନାବାହିନୀର ମନୋବଳ ବଢ଼ାଇବା ପାଇଁ ସ୍ଥାନୀୟ ସରପଞ୍ଚ ସୁମନ ମୁଦୁଲିଙ୍କ ନେତୃତ୍ୱରେ ସୋମବାର ଅପରାହ୍ନରେ ତିରଙ୍ଗା ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଷ୍ଟାଡିୟମ୍ ନିକଟରୁ ରଥ ଘାଟି ପର୍ଯ୍ୟନ୍ତ ରାଲି କରାଯାଇଥିଲା। ସରପଞ୍ଚ, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ରଥ, ଯନ୍ତ୍ରୀ ଭୀଷ୍ମ ମଲିକ, ଲୋକ ପ୍ରତିନିଧି, ସମାଜସେବୀ, ସ୍ୱାସ୍ଥ୍ୟ ବିଭାଗର ମହିଳା ଓ ପୁରୁଷ କର୍ମଚାରୀମାନେ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ, ସ୍ଥାନୀୟ ଯୁବକ ପପୁ ସାହୁ, ମଣ୍ଟୁ ଜେନା, ଲକ୍ଷ୍ମୀ ରଥ, ରିତୁ ପରିଛା ଯୋଗ ଦେଇଥିଲେ। ସ୍ଥାନୀୟ ଫାଣ୍ଡି ଅଧିକାରୀ ପଦ୍ମନାଭ ପୂଜାରୀ ପୁଲିସ ଦଳ ସହିତ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ। ସମସ୍ତ ଅଂଶ ଗ୍ରହଣକାରୀଙ୍କ ହାତରେ ତ୍ରିରଙ୍ଗା ପତାକା ଶୋଭା ପାଇଥିଲା। ଶେଷରେ ଗ୍ରାମର ବସଷ୍ଟାଣ୍ଡ ନିକଟରେ ଥିବା ସହିଦ ସ୍ତମ୍ଭ ନିକଟରେ ଏକତ୍ରିତ ହୋଇ ସ୍ଲୋଗାନ ଦିଆଯାଇଥିଲା।

**ଫେଲ୍‌ମାରିଛି ଆଲୋକୀକରଣ ବ୍ୟବସ୍ଥା**

# ଅନ୍ଧାରରେ ମୁନିଗୁଡ଼ା ସହର

ମୁନିଗୁଡା,୨୦।୫(ସମିସ): ଅଚଳ ହୋଇପଡିଛି ଷ୍ଟ୍ରିଟ ଲାଇଟ୍। ସଞ୍ଜ ନଇଁବା କ୍ଷଣି ଡରାଉଛି ଅନ୍ଧାର। ଘରୁ ବାହାରିବାକୁ ଅସୁରକ୍ଷିତ ମଣୁଛନ୍ତି ସ୍ଥାନୀୟ ବାସିନ୍ଦା। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡା ସହରରେ। ରାୟଗଡ଼ା ଜିଲ୍ଲା ମୁନିଗୁଡା ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ କଳାହାଣ୍ଡି, କନ୍ଧମାଳ ଜିଲ୍ଲା ତଥା ପଡୋଶୀ ରାଜ୍ୟ ଛତିଶଗଡ, ଓ ଆନ୍ଧ୍ର ପ୍ରଦେଶର ବ୍ୟବସାୟୀମାନେ ମୁନିଗୁଡ଼ା ସହର ଉପରେ ନିର୍ଭର କରନ୍ତି। ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ଲକ୍ଷ୍ୟ କରି ମୁନିଗୁଡ଼ା ସହରକୁ ଆଲୋକୀକରଣ କରିବା ପାଇଁ ପୂର୍ବ ସରକାରଙ୍କ ସମୟରେ ମୁନିଗୁଡ଼ା ସହରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିଲା ଷ୍ଟ୍ରିଟ ଲାଇଟ୍। ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ରୂପେ ଅକାମୀ ହୋଇ ପଡ଼ିଥିବା ବେଳେ ୯ ମାସରୁ ଅଧିକ ସମୟ ହେଲାଣି ଅନ୍ଧାରରେ ମୁନିଗୁଡ଼ା ସହର। ନିର୍ବାଚିତପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଓ ପ୍ରଶାସନର ରକ୍ଷଣାବେକ୍ଷଣ ଅଭାବରୁ ଏମିତି ପରିସ୍ଥିତି ଉପୁଜୁଥିବା ଅଭିଯୋଗ କରିଛନ୍ତି ମୁନିଗୁଡା ଅଞ୍ଚଳ ସମାଜସେବୀ ରମେଶ ଚନ୍ଦ୍ର ପାଲକା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମୁନିଗୁଡ଼ା ବସ୍ ଷ୍ଟାଣ୍ଡ ନିକଟ ତିନିକୋଣିଆ ଛକଠାରୁ ମୁନିଖୋଲ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ଲଗାଯାଇଥିବା ବେଳେ ଫେଲ୍‌ମାରିଛି ଆଲୋକୀକରଣ ବ୍ୟବସ୍ଥା। ସରକାରଙ୍କ ନିୟମ ଅନୁଯାୟୀ ଆଲୋକୀକରଣ ନିମନ୍ତେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଅଚଳ ହେଲେ ଏହାର ତାଲିକା ପଞ୍ଚାୟତ ତରଫରୁ ବ୍ଲକ ପ୍ରଶାସନକୁ ଅବଗତ କରାଯିବା କଥା। ମାତ୍ର ସହରର କେଉଁ ସ୍ଥାନରେ କେତେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡିଛି ତାହାର ତାଲିକା ମଧ୍ୟ ବ୍ଲକ ପ୍ରଶାସନ ନିକଟରେ ନାହିଁ।



ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନର ବିଧି ବ୍ୟବସ୍ଥାକୁ ଦାୟୀ କରିଛନ୍ତି ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ଗୌଡ଼। ସେହିପରି ଉକ୍ତ ବିଷୟକୁ ନେଇ ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବରଙ୍କୁ ପଚାରିବାରୁ ଏ ବାବଦରେ ଜିଲ୍ଲାପାଳଙ୍କୁ ଚିଠି କରିଛୁ, ଅଚଳ ଥିବା ଷ୍ଟ୍ରିଟ୍ ଲାଇଟ୍ ପାଇଁ ପଞ୍ଚାୟତରେ କୌଣସି ପଇସା ନାହିଁ, ଆମେ ଚେଷ୍ଟା କରୁଛୁ ଯଥାଶୀଘ୍ର ସମସ୍ୟାର ସମାଧାନ କରିବୁ ବୋଲି ଜଣାଇଥିଲେ। ମୁନିଗୁଡା ସହରର ବିକାଶ ପାଇଁ ଲୋକ ପ୍ରତିନିଧି ଓ ପ୍ରଶାସନର ନିଦ କେବେ ଭାଙ୍ଗିବ ଓ ସହରରେ ଆଲୋକୀକରଣ କେବେ ହେବ ତାହା ଦେଖିବାକୁ ବାକି ରହିଛି।

## ସାପକାମୁଡ଼ାରେ ମହିଳା ମୃତ

କୋରୁକୋଣ୍ଡା,୨୦।୫(ସମିସ): ରାତିରେ ଘରେ ଶୋଇ ଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେବାରୁ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୪ ନମ୍ବର ଗ୍ରାମରେ ରହୁଥିବା ଆନ୍ତରୁ କିର୍ଶାନୀଙ୍କ ସ୍ତ୍ରୀ ତାରାବତୀ କିର୍ସାନୀ(୪୦) ବୋଲି ଜଣା ପଡିଛି। ଏଏସଆଇ ମିନାକ୍ଷୀ ଦାସଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗତକାଲି ମଧ୍ୟ ରାତିରେ ତାଙ୍କୁ ସାପ କାମୁଡିବା ସମ୍ପର୍କରେ ଜାଣିବା ପରେ ଚିକିତ୍ସା ପାଇଁ ପ୍ରଥମେ ବାଲିମେଳା ମେଡିକାଲକୁ ଆଣିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉଚ୍ଚ ଚିକିତ୍ସା ନିମନ୍ତେ ତାଙ୍କୁ ମାଲକାନଗିରି ମେଡିକାଲକୁ ପଠା ଯାଇଥିଲା। ପ୍ରଶାସନ ପକ୍ଷରୁ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ମହିଳାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ମୃତକଙ୍କ ପରିବାର ଲୋକଙ୍କ ସହିତ ଅଞ୍ଚଳବାସୀ ଦାବି କରିଛନ୍ତି।



### ବଙ୍ଗଳାଦେଶୀଙ୍କୁ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ

# ମାଲକାନଗିରିରେ ୬୭୩ ଅନୁପ୍ରବେଶକାରୀ

ମାଲକାନଗିରି, ୨୦।୫(ସମିସ)

ମାଲକାନଗିରି ଜିଲ୍ଲାରେ ବର୍ଷ ବର୍ଷ ଧରି ବହୁ ଅନେକ ଅନୁପ୍ରବେଶକାରୀ ଆସି ରହି ଯାଇଥିବା ବେଳେ ସେମାନଙ୍କ ନିକଟରେ ଭାରତୀୟ କୌଣସି ପ୍ରମାଣ ନଥିବା ଜଣା ପଡିଛି। ଏକ ସର୍ଭେ ଆନୁସାରେ ୬୭୩ ଜଣ ଅନୁପ୍ରବେଶକାରୀ ଜିଲ୍ଲାରେ ଚିହ୍ନଟ ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ବିଗତ କିଛିଦିନ ପୂର୍ବେ ଭାରତ-ପାକିସ୍ଥାନ ମଧ୍ୟରେ ହୋଇଥିବା ଯୁଦ୍ଧ ପରିସ୍ଥିତି ବେଳେ ପାକିସ୍ଥାନକୁ ବଙ୍ଗଳାଦେଶ ସମର୍ଥନ କରିଥିବା ହେତୁ ସରକାରଙ୍କ ପକ୍ଷରୁ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶରୁ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡିଶାରେ ମଧ୍ୟ ବେଆଇନ ଭାବେ ରହୁଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ସହ ସେମାନଙ୍କୁ ବିଦା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇ ଥିବା ବେଳେ ଏଥିନିମନ୍ତେ କ୍ରାଇମବ୍ରାଞ୍ଚର ଏସଟିଏଫକୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ମାଲକାନଗିରି ଜିଲ୍ଲାରେ ପୁଲିସ ଓ ରାଜସ୍ୱ ବିଭାଗ ମିଳିତ ଭାବେ ସର୍ଭେ କରି ୬୭୩ ଜଣଙ୍କୁ ଚିହ୍ନଟ ହୋଇଥିବା ନେଇ ସୂଚନା ମିଳିଛି। ଯାହାକୁ ନେଇ ତତ୍ପର ହୋଇଛି ଜିଲ୍ଲା ଓ ପୁଲିସ ପ୍ରଶାସନ। ଯେଉଁମାନେ ବଙ୍ଗଳାଦେଶରୁ ଆସିଛନ୍ତି ଓ ସେମାନଙ୍କ ନିକଟରେ ଯଦି କୌଣସି ଭାରତୀୟ ପ୍ରମାଣ ପତ୍ର ନଥିବ ତେବେ ସେମାନଙ୍କୁ ଚିହ୍ନଟ କରି ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

### ବସ୍‌ଷ୍ଟାଣ୍ଡରେ ନାହିଁ ପାଣି ସୁବିଧା

## ପିଇବାକୁ ମିଳୁନି ପାଣି, ଯାତ୍ରୀ ହନ୍ତସନ୍ତ



ବିଷମ କଟକ,୨୦।୫(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ସଦର ବସ୍‌ଷ୍ଟାଣ୍ଡରେ ଦୀର୍ଘ ବର୍ଷ ହେବ ଯାତ୍ରୀ ମାନଙ୍କ ନିମନ୍ତେ କୌଣସି ପାନୀୟ ଜଳର ବ୍ୟବସ୍ଥା ନାହିଁ। ଯାତ୍ରୀ ମାନେ ପିଇବା ପାଣି ନ ପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନଗହଳି ସ୍ଥାନ ମାନଙ୍କରେ ସ୍ଥାୟୀ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରାକରଙ୍କ କଡା ନିର୍ଦ୍ଦେଶ ରହିଛି। ହେଲେ ଏହି ନିର୍ଦ୍ଦେଶକୁ ବ୍ଲକସ୍ତରରେ ମାନିବାକୁ ରାଜି ନୁହନ୍ତ ପ୍ରଶାସନିକ ଅଧିକାରୀ ମାନେ। ବିଷମ କଟକ ବ୍ଲକ୍ ସଦର ବସ୍‌ଷ୍ଟାଣ୍ଡ ଉପରେ ରାୟଗଡ଼ା ଜିଲ୍ଲା ସମେତ ଜିଲ୍ଲା ତଥା ରାଜ୍ୟ ବାହାର ଲୋକେ ନିର୍ଭର କରିଆସୁଛନ୍ତି। ପ୍ରତ୍ୟେକ ଦିନ ୫୦ରୁ ଅଧିକ ବସ୍ ଏଠାକୁ ଯାତାୟତ କରୁଛି। ଶତାଧିକ ଯାତ୍ରୀ ପ୍ରତ୍ୟେକ ଦିନ ଏହି ବସ୍ ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିବା ପାଇଁ ଜମା ହେଉଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ପ୍ରବଳ ହେଉଛି। ହେଲେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଦିନ ରାତି ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ମାନଙ୍କ ପାଇଁ ପାଣି ସୁବିଧା ନାହିଁ। ବସ୍ ଷ୍ଟାଣ୍ଡରେ ସ୍ଥାୟୀ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ନିମନ୍ତେ ବିଭିନ୍ନ ସମୟରେ ବସ୍ ମାଲିକ ସଂଘ, ଡ୍ରାଇଭର ସଂଘ ତରଫରୁ ପାନୀୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକାର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ ବୋଲି ବସ ମାଲିକ ସଂଘ ସଭାପତି ଶଶୀଭୂଷଣ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥି ସହିତ ପାଣି ଅଭାବ ଯୋଗୁଁ ବସ୍‌ଷ୍ଟାଣ୍ଡ ମୁଣ୍ଡରେ ରହିଥିବା ଯାତ୍ରୀ ଶୌଚାଳୟ ମଧ ବନ୍ଦ ପଡିଥିବା କହିଛନ୍ତି। ଯାତ୍ରୀ ମାନଙ୍କ ନିମନ୍ତେ ବସ୍‌ଷ୍ଟାଣ୍ଡରେ ଅସ୍ଥାୟୀ ଭାବେ ହାଣ୍ଡିରେ ପାଣି ରଖାଯାଉଥିବା ବେଳେ ତାହା ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ହୋଇପାରୁନାହିଁ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତୁରନ୍ତ ଯାତ୍ରୀ ମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ ଏବଂ ଶୌଚାଳୟକୁ ପାଣି ଯୋଗାଣ ବ୍ୟବସ୍ଥା କରିବା ନିମନ୍ତେ ଦାବି ହେଉଛି।

## ମହିଳା ମାଓବାଦୀ ଗିରଫ



ମାଲକାନଗିରି,୨୦।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ଜଣେ ୨ ଲକ୍ଷ ଇନାମି ମହିଳା ମାଓବାଦୀ ଗିରଫ ହୋଇଛି। ସୂଚନା ଅନୁଯାୟୀ ସୁକୁମା ଜିଲ୍ଲାର ଜାଗରଗୁଣ୍ଡା ଥାନା ଅଞ୍ଚଳରେ ଜିଲ୍ଲା ପୁଲିସ, ଡିଆରଜି ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ମିଳିତ ରୂପେ ମାଓ ଦମନ ଅପରେସନ ଆରମ୍ଭ କରଯାଇଥିଲା। ଏହି ସମୟରେ ଗୋଣ୍ଡାଲ୍ଲି ଆଖପାଖ ଅଞ୍ଚଳ ଅଭିମୁଖେ ତଲାସି ଅଭିଯାନ ବେଳେ ଜଣେ ମହିଳାଙ୍କୁ ଜଙ୍ଗଲ ମଧ୍ୟରେ ଲୁଚି ପଲାଉଥିବା ଦେଖି ସନ୍ଦେହ କର ତାଙ୍କୁ କାବୁ କରିଥିଲେ। ଉକ୍ତ ମହିଳାଙ୍କୁ ପଚରା ଉଚରା ବେଳେ ସେ ଜଣେ ମାଓବାଦୀ ବୋଲି ସ୍ୱୀକାର କରିଥିବା ବେଳେ ତା ନାମରେ ୨ ଲକ୍ଷର ଇନାମ ରହିଥିବା ଜଣା ପଡିଥିଲା। ଯବାନ ମାନେ ତାଙ୍କୁ ଗିରଫ କରିଥିବା ବେଳେ ତାର ନାମ ବୁଧାରୀ ମଲ୍ଲା ଓରଫ କୁଟା ବୋଲି ଜଣା ପଡିଛି। ଗିରଫ ମହିଳା ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡିତ ଥିବା ବେଳେ ତାର ଗିରଫଦାରୀ ପୁଲିସ ପାଇଁ ବଡ ସଫଳତା ବୋଲି କୁହାଯାଉଛି।

## ୧୦କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ, ଦୁଇ ଗିରଫ



ମାଲକାନଗିରି, ୨୦।୫(ସମିସ): ମାଲକାନଗିରି ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ବେଳେ ବିପୁଳ ଗଞ୍ଜେଇ ଜବତ ହୋଇଥିବାବେଳେ ୨ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଆଦର୍ଶ ଥାନାର ଏସ୍‌ଆଇ କୃତିବାସ ବେହେରାଙ୍କ ନେତୃତ୍ୱରେ ହାବିଲଦାର ମିହିର କୁମାର ସାମଲ, କନେଷ୍ଟବଳ ଲକ୍ଷ୍ମଣ ମାରାଣ୍ଡି ଏବଂ ପଦ୍ମ ନାୟକଙ୍କ ସହିତ ମାଲକାନଗିରି ଥାନାର ଗୌଡଗୁଡା ଛକ ନିକଟରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ଯାଞ୍ଚ ବେଳେ ଏକ ପିକ୍‌ଅପ୍ ଗାଡି ଓ ବୋଲେରୋ ଏକ ସାଙ୍ଗରେ ଆସୁଥିବା ବେଳେ ଉଭୟ ଗାଡିକୁ ଅଟକାଇ ପୁଲିସ ଟିମ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉଭୟ ଗାଡ଼ି ମଧ୍ୟରେ ବିପୁଳ ଗଞ୍ଜେଇ ଥିବା ଦେଖି ତୁରନ୍ତ ପୁଲିସ ଉକ୍ତ ଗାଡିରେ ଥିବା ସୁଦେଶ ମିସ୍ତ୍ରୀ (୨୧) ଓ ସୁଜନ ବେପାରୀ (୩୬)ଙ୍କୁ ଗିରଫ କରିବା ସହ ଉଭୟ ଗାଡି ଓ ଗଞ୍ଜେଇ ଜବତ କରି ଥାନାକୁ ନେଇଥିଲେ। ଉଭୟ ଗାଡି ମଧ୍ୟରୁ ମୋଟ ୧୦୦୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ମା' ମାଉଳିଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ମାଥିଲି,୨୦।୫(ସମିସ):

ଦେବୀ ମା ମାଉଳିଙ୍କ ନୂତନ ସ୍ଥାୟୀ ମନ୍ଦିର ପ୍ରତିଷ୍ଠା ଓ ଦେବୀ ମାଙ୍କ ପ୍ରାଣ ସ୍ଥାପନ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଛି। ମନ୍ଦିର ପ୍ରତିଷ୍ଠା ପାଇଁ ଗତ ୧୬ ତାରିଖରେ ନିକଟସ୍ଥ ନଦୀ କୂଳରେ ଅଞ୍ଚଳର ହଜାର ହଜାର ମହିଳା ଓ ଯୁବତୀ ଏକତ୍ରିତ ହୋଇ ନଦୀରୁ କଳସୀରେ ପବିତ୍ର ଜଳ ସଂଗ୍ରହ କରି ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମନ୍ଦିର ନିକରେ ଯଜ୍ଞ କୁଣ୍ଡ ସ୍ଥଳରେ କଳସ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ଘଣ୍ଟ ଘଣ୍ଟା ଓ ମୃଦଙ୍ଗର ତାଳେ ତାଳେ ନାମ ସଂକୀର୍ତ୍ତନରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଥିଲା। ତାହା ସହିତ ସେହିଦିନ ଠାରୁ ଶ୍ରୀକ୍ଷେତ୍ର ପୁରୀ ଅସ୍ତରଙ୍ଗ ବ୍ଲକ ପଦ୍ମନାଭ ପୁର ଶାସନରୁ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଚାରି ଜଣିଆ ପଣ୍ଡିତ ମଣ୍ଡଳୀ ଆସି ଦୀର୍ଘ ଚାରିଦିନ ଧରି ବିଶ୍ୱ ଶାନ୍ତି ମହାଯଜ୍ଞରେ ମନ୍ତ୍ର ପାଠ କରିବା ସହିତ ଗତକାଲି ମା'ଙ୍କ ମନ୍ଦିର ପ୍ରତିଷ୍ଠା ସହ ପାଶ୍ୱର୍ ଦେବଦେବୀ ସ୍ଥାପନ କରିଥିଲେ।

° ବିଳମ୍ବିତ ରାତିରେ ମହା ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ କରି ଚରୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ମଙ୍ଗଳବାର ଦିନ ଆଦିବାସୀ ପରମ୍ପରା ଅନୁଯାୟୀ ସିରୁଆ ଓ ଦିଶାରୀ ମାନଙ୍କ ଦ୍ୱାରା ଦେବୀ ମା'ଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଶେଷ ହୋଇଥିଲା।ଏ ହି ଦେବୀ ମାଙ୍କ ମନ୍ଦିର ପ୍ରତିଷ୍ଠା ଓ ଦେବୀ ମାଙ୍କ ପ୍ରାଣ ସ୍ଥାପନ ଉତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଆଜି ଠାରୁ ଦେବୀ ମା ମାଉଳି ସ୍ଥାୟୀ ମନ୍ଦିର ରେ ଆଦିବାସୀ ପାରମ୍ପରିକ ରୀତି ନୀତିରେ ପୂଜା ପାଇବେ ବୋଲି କମିଟି ସଭାପତି ଇନ୍ଦ୍ର ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦୀର୍ଘ ଚାରି ଧରି ସମଗ୍ର ଅଞ୍ଚଳ ଚଳଚଞ୍ଚଳ ଥିବା ବେଳେ ଭକ୍ତଙ୍କ ମନୋରଂଜନ ପାଇଁ ପ୍ରତିଦିନ ରାତିରେ ଦେଶୀଆ ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାର ମଜା ଉଠାଇ ଥିଲେ ଅଞ୍ଚଳର ହଜାର ଭକ୍ତ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଟିର କର୍ମକର୍ତ୍ତାଙ୍କ ସହ ମାଥିଲି ଥାନା ଅଧିକାରିଣୀ ଦୀପଞ୍ଜଳି ପ୍ରଧାନ ବ୍ୟାପକ ପୁଲିସ କର୍ମୀ ମାନଙ୍କୁ ନିୟୋଜିତ କରିଥିଲେ।

## କାନ୍ଥ କଣା କରି ଦୋକାନରୁ ଚୋରି

କୋରୁକୋଣ୍ଡା,୨୦।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ବାଜରରେ ସ୍ଥାନୀୟ ହରୀ ହନ୍ତାଳ କିଛିବର୍ଷ ହେବ ପଞ୍ଚାୟତର ଏକ ଷ୍ଟଲ ଭଡାରେ ନେଇ ଏକ କିରାନା ଦୋକାନ କରିଛନ୍ତି। ଗତକାଲି ରାତି ପ୍ରାୟ ୯ ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ସେ ଦୋକାନ ଖୋଲି ଦେଖିଲା ବେଳେ କେହି ଦୁର୍ବୃତ୍ତ ଦୋକାନ ଘରର ପଛ ପଟ କାନ୍ଥ କଣା କରି ଦୋକାନ ଭିତରେ ପଶି କିଛି ନଗଦ ଟଙ୍କା ସହ ପ୍ରାୟ ୨୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଗୁଡ଼ିକୁ ଚୋରି କରି ନେଇଯାଇଛି। ଦୋକାନ ମାଲିକ ହରି କୋରୁକୋଣ୍ଡା ଥାନାରେ ପହଞ୍ଚି ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି।

### ● କାଶୀପୁର ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

## ସ୍ମାର୍ଟ ୧୧ ଦଳକୁ ହରାଇ ଖାଣ୍ଟିକାଶୀପୁରିଆ ଦଳ ଚାମ୍ପିଅନ୍




କାଶୀପୁର,୨୦।୫(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ କାଶୀପୁର ପ୍ରିମିୟର୍ ଲିଗ୍ ୪.୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦଦ୍‌ଯାପିତ ହୋଇଯାଇଛି। କଲେଜ ପଡ଼ିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ କାଶୀପୁର ଥାନା ଅଧିକାରୀ ଦେବଦତ୍ତ ମଲିକ୍, ବେଦାନ୍ତ ଏବଂ ମୈତ୍ରୀ ସିଏସଆର ଅଧିକାରୀ ମୁଖ୍ୟ, କାଶୀପୁର ଇନ୍‌ଚାର୍ଜ ଦାୟିତ୍ୱରେ ଥିବା ମେଡିକାଲ ଅଧିକାରୀ ନେତ୍ରାନନ୍ଦ ନାଏକଙ୍କ ସହ ବହୁ ଲୋକ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ଆଜିର ଫାଇନାଲ ମ୍ୟାଚ୍ ଖାଣ୍ଟିକାଶୀପୁରିଆ ଦଳ ଓ ସ୍ମାର୍ଟ୍ ୧୧ ମଧ୍ୟରେ ହୋଇଥିଲା। ପ୍ରଥମେ ଖାଣ୍ଟିକାଶୀପୁରିଆ ଦଳ ଟସ୍ ଜିତି ବ୍ୟାଟିଙ୍ଗ କରି ନିର୍ଦ୍ଧାରି ଓଭରରେ ୧୨୩ ରନ୍ କରିଥିଲେ। ସ୍ମାର୍ଟ୍ ୧୧ ପ୍ରଥମରୁ ବ୍ୟାଷ୍ଟିଙ୍ଗ ବିପର୍ଯ୍ୟୟର ଶିକାର ହୋଇଥିବା ବେଳେ ୧୬.୪ ବଲରେ ସମସ୍ତ ଖେଳାଳି ଆଉଟ୍ ହେବା ସହ ୧୧୩ ରନ କରିଥିଲେ। ମାତ୍ର ୧୦ ରନ୍‌ରେ ସ୍ମାର୍ଟ ୧୧ ଦଳକୁ ହରାଇ ଖାଣ୍ଟିକାଶୀପୁରିଆ ଦଳ ବିଜୟୀ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେପିଏଲ୍ ଅଧ୍ୟକ୍ଷ ସୀତାରାମ ସାହୁ, ଉପାଧ୍ୟକ୍ଷ ଦିଲୀପ ନାଏକ, ସଂପାଦକ ସୁଶାନ୍ତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ରାଜେଶ କୁମାର ପାତ୍ର, ପି. ହେମନ୍ତ କୁମାର ରାଓଙ୍କ ସହ ୮ଟି ଦଳର ମାଲିକ ମାନେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଫାଇନାଲ ମ୍ୟାଚକୁ କିତ୍ରେଶ୍ୱର ନାଏକ ଏବଂ ଏକେଶ୍ଟଶ୍ୱର ନାଏକ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଅବସରରେ କେପିଏଲରେ ଭାଗ ନେଇଥିବା ୮ଟି ଦଳ ସହ ସମସ୍ତ ମାଲିକ, ଟିମ ଅଧିନାୟକ, ସମସ୍ତ ଖେଳାଳି ପଡିଆ ମଧ୍ୟରେ ଉପସ୍ଥିତ ରହି ଅତିଥିଙ୍କୁ ସ୍ୱାଗତ କରିଥିଲେ।

### ■ ନନ୍ଦପୁର ବ୍ଲକ୍‌ରେ ବିଜେଡି ସାଂଗଠନିକ ବୈଠକ

## ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଓ ଉପ ସଭାପତିଙ୍କୁ ସମ୍ବର୍ଦ୍ଧନା



ନନ୍ଦପୁର,୨୦।୫ (ସମିସ): ନନ୍ଦପୁର ବିଜେଡି ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ ବିଜେଡି ରାଜ୍ୟ ଉପ ସଭାପତି ପୂର୍ବତନ ବିଧାୟକ ରବି ନନ୍ଦ ଓ ସାଧାରଣ ସମ୍ପାଦକ ପୂର୍ବତନ ବିଧାୟକ ପ୍ରଭୁ ଜାନିଙ୍କୁ ଏହି ଅବସରରେ ସ୍ୱାଗତ ସହ ସମ୍ବର୍ଦ୍ଧନା ଦିଆଯାଇଛି। ନନ୍ଦପୁର ବ୍ଲକ ବିଜେଡି ବରିଷ୍ଠ ନେତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ଦୁଇ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପୀତମ୍ ପାଢ଼ି, ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, କାର୍ତ୍ତିକ ଖେମୁଣ୍ଡୁ, ସେକ୍ ବାଜି, ସୀମାଞ୍ଚଲ୍ ବେହେରା, ନନ୍ଦପୁର ଜିଲ୍ଲା ପରିଷଦ ସଭ୍ୟା ଅଭିଲାସି ନାୟକ, ନମନ୍ତି ଖିଲ, ପୂର୍ବତନ ଏସ୍‌ଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ , ବ୍ଲକ ଅଧକ୍ଷା ସାବିତ୍ରୀ କର୍ତ୍ତୁଲ, ଗୋପାଳ ହନ୍ତାଳ, ବରିଷ୍ଠ ନେତା ଦୁର୍ଗା ପ୍ରସାଦ ମିଶ୍ର, ଶିବ ପଟ୍ଟନାୟକ, ସେକ୍ ନୁରୁ, ମୁନା ଦଳପତି, ପ୍ରଭାତ ଗୁରୁ ମାଇ, ଭଗବାନ ପେଟିଆ, ସାମାଜିକ କର୍ମୀ ଆକାଶ ଖିଲ, ସୁନିଲ କୁମାର ସାହୁ, ସୁନିଲ କୁମାର ପଣ୍ଡା, ବିଲାକି ରାଓଙ୍କ ସମେତ ନନ୍ଦପୁର ବ୍ଲକର ଦୁଇ ହଜାର ବିଜେଡି ନେତା ଓ କର୍ମୀ ପଞ୍ଚାୟତ ସଭାପତି ଓ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ଦଳୀୟ ସଂଗଠନ ଉପରେ ଆଲୋଚନା କରିବା ସହ ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ସଂଗଠନକୁ ସୁଦୃଢ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ଦଳୀୟ ବରିଷ୍ଠ ନେତା ମାନେ। ସାଧାରଣ ନିର୍ବାଚନର ପରେ ଦଳୀୟ ବୈଠକ ନେଇ ବେଶ ସରଗରମ ହୋଇଛି ବିଜେଡି । ଏହି କାର୍ଯ୍ୟକ୍ରମକୁ ନନ୍ଦପୁର ବ୍ଲକ ସଭାପତି କାଶୀନାଥ ଗୋଲାରି ପରିଚାଳନା କରିଥିଲେ। ମୁନା ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ଇଗ୍ନୋ'ର ପ୍ରାରମ୍ଭ ପରାମର୍ଶ କାର୍ଯ୍ୟକ୍ରମ

ନବରଙ୍ଗପୁର,୨୦।୫ (ସମିସ): ନବରଙ୍ଗପୁର ମହାବିଦ୍ୟାଳୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ( ଇଗ୍ନୋ) ର ନବରଙ୍ଗପୁର ଶାଖା ତରଫରୁ ନୂତନ ଭାବେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ 'ପ୍ରାରମ୍ଭ ପରାମର୍ଶ' କାର୍ଯକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର କୋରାପୁଟ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଲତିକା ମିଶ୍ର ଉଦ୍‌ବୋଧନ ଦେଇ ଭାରତରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହିତ ଉଚ୍ଚ ଶିକ୍ଷାକୁ ସମସ୍ତଙ୍କ ନିକଟତର କରିବା ଦିଗରେ ଇଗ୍ନୋର ଭୂମିକାକୁ ଉଲ୍ଲେଖ କରିବା ଏବଂ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଭାବ ବିନିମୟ କରିଥଲେ। ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଅର୍ଥନୀତି ବିଭାଗ ମୁଖ୍ୟ ତଥା ବରିଷ୍ଠ ଅଧ୍ୟାପକ ଦିଲୀପ କୁମାର ହୋତା, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଜିତେନ୍ଦ୍ର କୁମାର ରଥ, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଭାନୁମତୀ ସାହୁକାର, ବାଣିଜ୍ୟ ବିଭାଗର ଅଧ୍ୟାପକ ମନୋଜ କୁମାର କଂସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭାରତରେ ଦୂର ନିରନ୍ତର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଇଗ୍ନୋର ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ଉଲ୍ଲେଖ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସଫଳ କ୍ୟାରିଅର ଗଠନ ବିଷୟରେ ମୂଲ୍ୟବାନ ମତାମତ ଦିଆଯାଇଥିଲା। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ନବରଙ୍ଗପୁର ଶାଖା ସଂଯୋଜିକା ସଂଗୀତା ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଛାତ୍ରଛାତ୍ରୀମାନଙ୍କୁ ଇଗ୍ନୋର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପାଠ୍ୟକ୍ରମ ଚୟନ , ପଞ୍ଜୀକରଣ ପ୍ରକ୍ରିୟା ଏବଂ ପରୀକ୍ଷା ବ୍ୟବସ୍ଥା ବିଷୟରେ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ପରିଶେଷରେ ନବରଙ୍ଗପୁର ମହାବିଦ୍ୟାଳୟର ଇଗ୍ନୋ ଶାଖାର ସହଯୋଗୀ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହାବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ




ନବରଙ୍ଗପୁର,୨୦।୫(ସମିସ): ନବରଙ୍ଗପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପୂର୍ବତନ ରସାୟନ ବିଜ୍ଞାନ ଡେମୋନଷ୍ଟ୍ରେଟର ସହଦେବ ପଟ୍ଟନାୟକଙ୍କ ଗତ କିଛିଦିନ ପୂର୍ବେ କ୍ୟାନସରରେ ପରଲୋକ ଘଟିଛି। ଗତକାଲି ଅପରାହ୍ଣରେ ତାଙ୍କର ପରଲୋକ ଖବର ପ୍ରଚାରିତ ହେବାପରେ ସମଗ୍ର ନବରଙ୍ଗପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଏହି ଅବସରରେ ନବରଙ୍ଗପୁର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଶ୍ରୀମତି ସଙ୍ଗୀତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ନବରଙ୍ଗପୁର ମହାବିଦ୍ୟାଳୟର କର୍ମଚାରୀ ମାନଙ୍କ ପକ୍ଷରୁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଜିତେନ୍ଦ୍ର କୁମାର ରଥ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ଡକ୍ଟର ନନ୍ଦିତା ମିଶ୍ର, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଘାସିରାମ ବେହେରା, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ନବରଙ୍ଗପୁରର ରସାୟନ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଲବ ଖୋସଲା ପ୍ରମୁଖ ତାଙ୍କର କର୍ମମୟ ଜୀବନୀ ଉପରେ ଆଲୋକପାତ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଧରତୀ ଆବ୍‌ବା ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

# ୬୭୨୨ଟି ଗୃହ ମଧ୍ୟରୁ ହୋଇଛି ମାତ୍ର ୨୪୨୭




ରାୟଗଡ଼ା,୨୦।୫(ସମିସ): ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ଅଧୀନରେ ରାୟଗଡା ଜିଲ୍ଲାରେ ବସବାସ କରୁଥିବା ଅନୁନ୍ନତ ଜନଜାତିର ଜନସାଧାରଣ, ଗୋଷ୍ଠୀ, ପରିବାରକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସୁବିଧା ଯୋଗାଇ ଦେବା ନିମନ୍ତେ ବ୍ୟାପକ ସଚୁରେସନ କାର୍ଯ୍ୟକ୍ରମ ଓ ଧରତୀ ଆବ୍‌ବା ଗ୍ରାମ ଉତ୍କର୍ଷ ଅଭିଯାନ ଉପରେ ଆଜି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାୱରୀ ସମୀକ୍ଷା କରିଛନ୍ତି। ଜିଲ୍ଲାର ବିଶେଷ ଭାବେ ଅନୁନ୍ନତ ଜନଜାତି ବହୁଳ କଲ୍ୟାଣ ସିଂପୁର, ବିଷମ କଟକ, ମୁନିଗୁଡା ଓ ଗୁଣୁପୁର ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତର ସମୁଦାୟ ୨୩୭ ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜନମନ ପରି ଯୋଜନାରେ ଆଦିମ ଜନଜାତିର ସବୁ ଲୋକଙ୍କ ଆଧାର କାର୍ଡ ପଞ୍ଜିକରଣ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା, ସ୍ୱାସ୍ଥ୍ୟଗତ ସୁବିଧା ନିମନ୍ତେ ଆୟୁଷ୍ମାନ ଭାରତ ଯୋଜନାରେ ପଞ୍ଜିକରଣ କରି ଯୋଗ୍ୟ ବ୍ୟକ୍ତିକୁ ସାମିଲ କରାଯିବ। ଜାତିଗତ ଏବଂ ବାସିନ୍ଦା ପ୍ରମାଣ ପତ୍ର ଦିଆଯିବ। ରକ୍ତଶିକୁଳି ରୋଗ ଚିହ୍ନଟ କରାଯିବା ସହ ବିଭିନ୍ନ ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ସହିତ ଜଙ୍ଗଲ ଜମି ପଟ୍ଟା, ଛାତ୍ର ବୃତ୍ତି, ପ୍ରସୂତି କାଳୀନ ସୁବିଧା, କିଷାନ କ୍ରେଡିଟ କାର୍ଡ, କିଷାନ ସମ୍ମାନ ନିଧି ଯୋଜନାରେ ସୁବିଧା ଯେପରି ଉକ୍ତ ଜନଜାତିଙ୍କ ନିକଟରେ ପହଞ୍ଚି ପାରିବ ସେଥିନିମନ୍ତେ ଯୁଦ୍ଧକାଳୀନ ପଦକ୍ଷେପ ନିଆଯାଇଥଲା। ଏହି ଯୋଜନାରେ ଅନୁନ୍ନତ ଜନଜାତିଙ୍କ ପାଇଁ ୬୭୨୨ଟି ଗୃହ ମଞ୍ଜୁରୀ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୪୨୭ଟି ଗୃହ ହୋଇଥିବାରୁ ଜିଲ୍ଲାପାଳ ତୁରନ୍ତ କାମ ଆରମ୍ଭ କରିବାକୁ ଓ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପିଇବା ପାଣି ଯୋଗାଣ ପାଇଁ ୨୪୬ ଟି

### ସେପ୍ଟେମ୍ବର ମାସ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

ପ୍ରକଳ୍ପ ମଞ୍ଜୁରୀ ପାଇଥିବା ବେଳେ ମାତ୍ର ୭୯ଟି ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଇଛି। ଗ୍ରାମ୍ୟ ଯୋଗାଯୋଗ କ୍ଷେତ୍ରରେ ୧୫ଟି ପ୍ରକଳ୍ପ ମଞ୍ଜୁରୀ ପାଇଥିବା ବେଳେ କାର୍ଯ୍ୟ ଚାଲୁରହିଥିବା ଜଣାପଡିଛି। ଅଙ୍ଗନବାଡି କେନ୍ଦ୍ର ପାଇଁ ୨୪ଟି ପ୍ରକଳ୍ପ ମଞ୍ଜୁରୀ ହୋଇଥିବା ବେଳେ ୨୪ଟି କାର୍ଯ୍ୟ ଚାଲୁରହିଛି। ଛାତ୍ରାବାସ ନିମନ୍ତେ ଜିଲ୍ଲା ପାଇଁ ୯ଗୋଟି ମଞ୍ଜୁର ହୋଇଥିବା ବେଳେ ତାହାକୁ ତୁରନ୍ତ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରାବାସ ବିଦ୍ୟାଳୟ ପରିସରରେ ହି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୋବାଇଲ ଯୋଗାଯୋଗ ୧୮ଗୋଟି ଗ୍ରାମକୁ ଦେବା ପାଇଁ ଧାର୍ଯ୍ୟ କରାଯାଇଛି। ସେହିପରି ବିଦ୍ୟୁତ ସଂଯୋଗ ପାଇଁ ୧୩୯ ଗ୍ରାମକୁ ଦେବା ପାଇଁ ମଞ୍ଜୁରୀ ହୋଇଥିବା ବେଳେ ତୁରନ୍ତ କାମ ସାରିବାକୁ ଜିଲ୍ଲାପାଳ କହିଛନ୍ତି। ସେହିପରି ପିଏମ କିଷାନ, ଆଧାର ସିଡିଙ୍ଗ, ରେସନ କାର୍ଡ ଯୋଗାଇବା, ଜାତି ଓ ବାସସ୍ଥାନ ପ୍ରମାଣ ପତ୍ର, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ଉପରେ ସମୀକ୍ଷା କରାଯାଇଛି।

# ସ୍ୱର୍ଣ୍ଣ ମନ୍ଦିରରେ ଅସ୍ତ୍ର ମୁତୟନ ପାଇଁ ଅନୁମତି ଦିଆଯାଇନି



ଅମୃତସର,୨୦।୫(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ପାକ୍ ସେନା ଅମୃତସର ସ୍ୱର୍ଣ୍ଣ ମନ୍ଦିର ଉପରେ ଜୋରଦାର ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସ୍ୱର୍ଣ୍ଣମନ୍ଦିରକୁ ଟାର୍ଗେଟ କରି ପାକିସ୍ତାନ ସେନା ବହୁ ଡ୍ରୋନ୍ ଛାଡିଥିଲେହେଁ ଏହାକୁ ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିଦେଇଥିଲା। ସ୍ୱର୍ଣ୍ଣ ମନ୍ଦିରକୁ ସୁରକ୍ଷିତ ରଖିବାକୁ ଏହା ପରିସରରେ ଏୟାର ଡିଫେନ୍ସ ଗନ୍ ମୁତୟନ କରାଯାଇଥିଲା ବୋଲି ଭାରତୀୟ ସେନାର ଏୟାର ଡିଫେନ୍ସ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ କହିଥିଲେ। କିନ୍ତୁ ମନ୍ଦିର ପରିସରରେ କୌଣସି ଅସ୍ତ୍ରଶସ୍ତ୍ର ମୁତୟନ କରିବାକୁ ଅନୁମତି ଦିଆଯାଇ ନାହିଁ ବୋଲି ସ୍ୱର୍ଣ୍ଣମନ୍ଦିର ମୁଖ୍ୟ ଗ୍ରନ୍ଥୀ ବା ପୂଜକ କହିଛନ୍ତି। ଅପରେସନ ସିନ୍ଦୂର ବେଳେ ସ୍ୱର୍ଣ୍ଣମନ୍ଦିର ପରିସରକୁ ସୁରକ୍ଷା ଦେବା ଲାଗି ଏୟାର ଡିଫେନ୍ସ ଗନ୍ ମୁତୟନ କରାଯିବା ସହିତ ଏଠାରେ ସମସ୍ତ ଆଲୁଅ ବନ୍ଦ କରିଦିଆଯାଇଥିଲା। ସ୍ୱର୍ଣ୍ଣମନ୍ଦିର ଭିତରେ ଅସ୍ତ୍ର ମୁତୟନ କରିବାକୁ ମନ୍ଦିର କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ ଯାହାକି ବିରଳ ଘଟଣା ଥିଲା ବୋଲି ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ କହିଥିଲେ। କିନ୍ତୁ ତାଙ୍କର ଏହି ଟିପ୍ପଣୀ ପରେ ମନ୍ଦିର ମୁଖ୍ୟ ଗ୍ରନ୍ଥୀ ଅସ୍ୱୀକାର କରିଛନ୍ତି। ମନ୍ଦିର କମିଟି ପକ୍ଷରୁସ୍କୋକୁ ଏଭଳି କୌଣସି ଅନୁମତି ଦିଆଯାଇ ନାହିଁ ବୋଲି ସେ କହିଛନ୍ତି।

■ ସର୍ବଦଳୀୟ ସଂସଦୀୟ କମିଟି

## ୟୁସୁଫଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ ସାମିଲ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ସୀମାପାର ଆତଙ୍କବାଦକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସର୍ବଦଳୀୟ ସଂସଦୀୟ କମିଟି ଗଠନ କରିଛି। ତେବେ ୭ଟି ପ୍ରତିନିଧିମଣ୍ଡଳରେ ଥିବା ସଦସ୍ୟଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ପରେ ଟିଏମସି ଏହା ଉପରେ ପ୍ରଶ୍ନ ଉଠାଇଛି। ଟିଏମସି ସାଂସଦ ୟୁସୁଫ ପଠାନ ଏହି ଦଳରୁ ଓହରିଯିବା ପରେ ରାଜନୀତି ତେଜିଛି। ଦଳର ବିନା ଅନୁମତିରେ କେନ୍ଦ୍ର ସାଂସଦଙ୍କୁ ଟିମ୍‌ରେ ସାମିଲ କରିଥିଲା ବୋଲି ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ କହିଥିଲେ। କେନ୍ଦ୍ର ଯୋଗାଯୋଗ କଲେ ସେ ଜବାବ ଦେବେ ବୋଲି ଉଲ୍ଲେଖ କରିଥିଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ମଙ୍ଗଳବାର ମମତାଙ୍କ ସହ କଥା ହୋଇଥିଲେ। ଏବେ ଟିଏମ୍‌ସି ୟୁସୁଫଙ୍କ ସ୍ଥାନରେ ଅଭିଷେକଙ୍କୁ ଏହି ଟିମ୍‌ରେ ସାମିଲ କରିଛି। ରିଜିଜୁ ନିଜେ ଏହି ସୂଚନା ଦେଇଛନ୍ତି। ତେବେ ଏହି ପ୍ରତିନିଧିମଣ୍ଡଳ କେବେ ବିଦେଶ ଗସ୍ତ କରିବ ତାହାର ସୂଚନା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

## ଗୁଇନ୍ଦା ବିଭାଗ ମୁଖ୍ୟ ତପନ ଡେକାଙ୍କ କାର୍ଯ୍ୟକାଳ ବୃଦ୍ଧି



ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): କେନ୍ଦ୍ର ସରକାର ଗୁଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ କୁମାର ଡେକାଙ୍କ କାର୍ଯ୍ୟକାଳକୁ ବର୍ଷେ ପାଇଁ ବଢ଼ାଇ ଦେଇଛନ୍ତି। କ୍ୟାବିନେଟ ନିଯୁକ୍ତି କମିଟି ଏହାକୁ ମଞ୍ଜୁରୀ ଦେଇଛି। ଜୁନ୍ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ୧୯୯୮ ବ୍ୟାଚ୍‌ର ଆଇପିଏସ ଅଧିକାରୀ ଶ୍ରୀ ଡେକା ଏବେ ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଏବେ ଆତଙ୍କବାଦ, ସାଇବର-ୱାରଫେୟାର, ଆର୍ଥିକ ଅପରାଧ ଆଦି ସମ୍ବନ୍ଧିତ ମାମଲାରେ ଏଜେନ୍ସି କାର୍ଯ୍ୟ ଜାରି ରହିଥିବାବେଳେ ସରକାର ପ୍ରମୁଖ ପଦରେ କୌଣସି ପରିବର୍ତ୍ତନ ଚାହୁଁନାହାନ୍ତି। ସୂଚନାଯୋଗ୍ୟ ଯେ ୨୦୨୨ରେ ଡେକାଙ୍କୁ ୨ ବର୍ଷ ପାଇଁ ଆଇବି ମୁଖ୍ୟ ନିଯୁକ୍ତ କରାଯାଇଥିଲା।

## ଇସ୍ରାଏଲ ଉପରେ ଲାଗିଲା ବ୍ରିଟେନର କଟକଣା

ତେଲ ଆଭିଭ, ୨୦।୫ (ଏଜେନ୍ସି): ପାଶ୍ଚାତ୍ୟ ଦେଶଗୁଡିକ ଖୋଲାଖୋଲି ଭାବେ ଇସ୍ରାଏଲକୁ ବିରୋଧ କରିବା ଆରମ୍ଭ କରିଦେଇଛନ୍ତି। ଗାଜାରେ ଯୁଦ୍ଧ ରୋକିବାକୁ ନେଇ ବ୍ରିଟେନ, ଫ୍ରାନ୍ସ ଏବଂ କାନାଡ଼ା ଇସ୍ରାଏଲକୁ କହିଛନ୍ତି। ଏପରି ନ କଲେ ତେଲ ଆଭିଭ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ମିଳିତ ବିବୃତ୍ତି ଜାରି କରି ତିନି ଦେଶ କହିଛନ୍ତି ଯେ ଇସ୍ରାଏଲ ରବିବାର ଗାଜାକୁ ପଠାଇଥିବା ସହାୟତା ଯଥେଷ୍ଟ ନୁହେଁ। ଏହା ସହିତ ବନ୍ଦୀ ବନାଇ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଶୀଘ୍ର ମୁକ୍ତି କରିବା ପାଇଁ ଆତଙ୍କବାଦୀ ସଂଗଠନ ହମାସକୁ କହିଛନ୍ତି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହି ତିନି ଦେଶକୁ କଡ଼ା ଜବାବ ଦେଇଛନ୍ତି।

# ୟୁଟ୍ୟୁବରଙ୍କୁ ଅସ୍ତ୍ର କରିଥିଲା ପାକିସ୍ତାନ

■ ଭାରତୀୟ ଏଜେଣ୍ଟଙ୍କୁ ଧରାଉଥିଲେ ଜ୍ୟୋତି

■ ଆଇଏସ୍‌ଆଇ ଏଜେଣ୍ଟ ସହ ସାମ୍ନାକୁ ଆସିଲା ଚାଟ୍

■ କ୍ଲାଉଡ୍ ଷ୍ଟୋରେଜରୁ ମିଳିଲା ଭାରତୀୟ ସେନା ଠିକଣା



ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ନାମ ଯେମିତି କାମ ତା'ର ବିପରୀତ। ଦେଶକୁ ଜ୍ୟୋତି ଦେଖାଇବା ପରିବର୍ତ୍ତେ ଅନ୍ଧାରରେ ରଖିଥିଲେ। ଶତ୍ରୁକୁ ଗୁପ୍ତ ସୂଚନା ଦେଇ ଦେଶ ସହ ବିଶ୍ୱାସଘାତ କରିଥିଲେ। ଭାରତର ସୁରକ୍ଷାକୁ ବିପଦରେ ପକାଇ ଟଙ୍କା ଏବଂ ବିଳାଶପୂର୍ଣ୍ଣ ଜୀବନଯାପନ ପାଇଁ ପାକିସ୍ତାନର ଗୁପ୍ତଚର ସାଜିଥିଲେ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା। ଆଉ ଆତଙ୍କବାଦୀଙ୍କୁ ସହାୟତା କରୁଥିବା ପାକିସ୍ତାନ ତାଙ୍କୁ ଭାରତ ବିରୋଧରେ ପ୍ରୟୋଗ କରୁଥିଲା। ଭାରତୀୟ ଅଣ୍ଡରକଭର ଏଜେଣ୍ଟଙ୍କୁ ଚିହ୍ନଟ କରିବାରେ ବ୍ୟବହାର କରୁଥିଲା। ୫ ଦିନ ପାଇଁ ପୁଲିସ ହେପାଜତରେ ଥିବା ଜ୍ୟୋତି ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଏନଆଇଏ, ଗୁଇନ୍ଦା ବିଭାଗ (ଆଇବି) ଏବଂ ହରିୟାଣା ପୁଲିସର ମିଳିତ ଟିମ୍ ତାଙ୍କୁ ଏବେ ଜେରା କରୁଛି। ଜ୍ୟୋତିଙ୍କ ଘରୁ ପୁଲିସ ଏକ ଡାଏରୀ ମଧ୍ୟ ଜବତ କରିଛି। ଏଥିରେ ସେ ନିଜ ଅନ୍ତର୍ଜାତୀୟ ଗସ୍ତ ବିଷୟରେ ଲେଖିଛନ୍ତି। ଏହି ଡାଏରୀରେ ୧୦-୧୧ ପୃଷ୍ଠା ରହିଛି। ୮ ପୃଷ୍ଠା ଇଂରାଜୀ ଏବଂ ହିନ୍ଦୀରେ ଲେଖାଥିବା ୩ ପୃଷ୍ଠାରେ ପାକିସ୍ତାନ ବିଷୟରେ ଲେଖାଯାଇଛି। ଏଥିରେ ଅନେକ ଗୁମର ଥାଇପାରେ ବୋଲି କୁହାଯାଉଛି। ଏହି ଡାଏରୀରେ ସବିତାଙ୍କ ନାମ ରହିଛି। ସେ କିଏ? ଜ୍ୟୋତିଙ୍କ ପରିବାର ସହ ତାଙ୍କର କ'ଣ ସମ୍ପର୍କ ତାହା ଜାଣିବା ପାଇଁ ଏଜେନ୍ସି ପ୍ରୟାସ କରୁଛି।

ଏହା ମଧ୍ୟରେ ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାମ କରୁଥିବା ଅଲି ହାସନଙ୍କ ସହ ଜ୍ୟୋତି ହ୍ୱାଟସ୍‌ଆପ୍‌ରେ କଥା ହେଉଥିବା ସାମ୍ନାକୁ ଆସିଛି। ଏଥିରେ ସେ ଭାରତର ଅଣ୍ଡରକଭର ଅପରେସନ ବିଷୟରେ ଆଲୋଚନା କରୁଛନ୍ତି। ହାସନ ପଚାରୁଛି ଯେ ଅଟାରୀ ସୀମାକୁ ଯାତ୍ରା ସମୟରେ କୌଣସି ଅଣ୍ଡରକଭର ଏଜେଣ୍ଟଙ୍କୁ ଦେଖିଥିଲେ କି? କାହାକୁ ସ୍ୱତନ୍ତ୍ର ପ୍ରୋଟୋକଲ ମିଳିଥିଲା କି? ଏହାର ଉତ୍ତରରେ ଜ୍ୟୋତି ନା କହିଥିଲେ। ସେମାନେ ଏତେ ମୂର୍ଖ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ନେଇ ଭାରତୀୟ ଏଜେନ୍ସିଙ୍କ ଚିନ୍ତା ବଢିଛି। ଭାରତୀୟ ଏଜେଣ୍ଟଙ୍କୁ ଚିହ୍ନଟ କରିବା ପାଇଁ ପାକିସ୍ତାନ ଜ୍ୟୋତିଙ୍କୁ ବ୍ୟବହାର କରୁଥିଲା ବୋଲି ସେମାନେ ଆଶଙ୍କା କରୁଛନ୍ତି। ସୀମାରେ ଥିବା ଗୁପ୍ତଚର ନେଟୱର୍କର ସେ ଅଂଶ ଥିଲେ କି ନାଇଁ ତାହା ଜାଣିବାକୁ ଭାରତୀୟ ଏଜେନ୍ସି ଗୁଡିକ ପ୍ରୟାସ କରୁଛନ୍ତି। ସୋମବାର ଜେରା ସମୟରେ ଜ୍ୟୋତିଙ୍କୁ ଆତଙ୍କବାଦୀଙ୍କ ସହ ଲିଙ୍କ ନେଇ ପଚରା ଯାଇଥିଲା। ଏହି ସମୟରେ ତାଙ୍କ ସ୍ମାର୍ଟଫୋନ ଏବଂ ଲାପଟପ୍‌ର ଡିଜିଟାଲ ଫରେନସିକ ଯାଞ୍ଚ କରାଯାଇଥିଲା। ତାଙ୍କ କ୍ଲାଉଡ ଷ୍ଟୋରେଜରେ ବିଏସ୍‌ଏଫ୍ କାର୍ଯ୍ୟକଳାପ, ରାଡାର ଲୋକେସନ, ହାଇ ସିକ୍ୟୁରିଟି ଜୋନ୍ ଦେଖାଯାଉଥିବା ଅନେକ ଭିଡିଓ ମିଳିଥିଲା। ସେହିପରି ସେ ଏକ ଅନ୍ତର୍ଜାତୀୟ ନମ୍ବର ଏବଂ ଦିଲ୍ଲୀ ସ୍ଥିତ ପାକିସ୍ତାନ ଦୂତାବାସ ସହ କ୍ରମାଗତ ଭାବେ ଯୋଗାଯୋଗରେ ଥିଲେ ବୋଲି କଲ୍ ବିବରଣୀରୁ ଜଣାପଡ଼ିଛି। ସେ ଭାରତରୁ ବହିଷ୍କୃତ ପାକିସ୍ତାନ ଉଚ୍ଚାୟୁକ୍ତ ଦାନିଶଙ୍କ ସମ୍ବନ୍ଧିତ ଜାଲ୍ ପ୍ରୋଫାଇଲ ସହ ଚାଟ୍ ଏବଂ ଗ୍ରୁପରେ ସାମିଲ ଥିଲେ ବୋଲି ଜଣାପଡ଼ିଛି। ପୋଷ୍ଟ କରିଥିବା ଭିଡିଓର ମେଟା ଡାଟା ଅନୁଯାୟୀ ସାଧାରଣ ନାଗରିକଙ୍କ ପାଇଁ ନିଷିଦ୍ଧ ଥିବା ପାକିସ୍ତାନୀ ଅଞ୍ଚଳକୁ ଯାଇଥିଲେ। ପାକିସ୍ତାନୀ ଆଇପିରୁ ଜ୍ୟୋତିଙ୍କ ଜିମେଲ ଖୋଲା ଯାଇଥିଲା ବୋଲି ମଧ୍ୟ ଜଣାପଡ଼ିଛି। ଅନ୍ୟପକ୍ଷରେ ପାକିସ୍ତାନ ସୀମାକୁ ଲାଗି ରହିଥିବା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଡମେରର ମୁନାବାଓ ରେଳ ଷ୍ଟେସନର ଭିଡିଓ ସେ ବନାଇ ଥିଲେ ବୋଲି ଜଣା ପଡିଛି। ଏଥିରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ସୂଚନା ପ୍ରଦାନ କରିଥିଲେ।

ସୁପ୍ରିମ କୋର୍ଟରେ ୱାକଫ୍ ଶୁଣାଣି

# କୋର୍ଟ ହସ୍ତକ୍ଷେପ ପାଇଁ ଠୋସ୍ କାରଣ ଦରକାର: ପ୍ରଧାନ ବିଚାରପତି



■ ଶୁଣାଣି ତିନିଟି ପ୍ରସଙ୍ଗରେ ହିଁ ସୀମିତ ରହୁ: ସରକାର

■ ବିରୋଧ କଲେ ଆବେଦନକାରୀ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ବିବାଦୀୟ ୱାକଫ୍ ସଂଶୋଧନ ଆଇନକୁ ବିରୋଧ କରି ଆଗତ ପିଟିସନ ଉପରେ ଆଜି ସୁପ୍ରିମ କୋର୍ଟରେ ପୁଣି ଶୁଣାଣି ଆରମ୍ଭ ହୋଇଛି। ଆବେଦନକାରୀମାନଙ୍କ ପକ୍ଷରୁ ଏହି ଆଇନ ବିରୋଧରେ ଯୁକ୍ତି ଉପସ୍ଥାପନ କରାଯିବା ସହିତ ଦାବି କରାଯାଇଥିଲା ଯେ ଏହି ଆଇନ ଅସାମ୍ବିଧାନିକ ହୋଇଥିବାରୁ ଏହା ଉପରେ ରୋକ୍ ଲଗାଯାଉ। ଏହି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇ କହିଲେ ଯେ ସଂସଦର ଅନୁମୋଦନ ପରେ ଏହି ଆଇନ ପ୍ରସ୍ତୁତ ହୋଇଛି। ତେଣୁ ଠୋସ୍ କାରଣ ନଥିଲେ ଏହି ମାମଲାରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ। ଜଷ୍ଟିସ ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଦୁଇ ଜଣିଆ ବେଞ୍ଚରେ ଜଷ୍ଟିସ ଏଜି ମସିହ ମଧ୍ୟ ଅଛନ୍ତି।

ଆଜି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ଭାରତ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ମାମଲାର ଶୁଣାଣି ଆଇନର ତିନିଟି ବ୍ୟବସ୍ଥାରେ ସୀମିତ ରହିବା ଉଚିତ। ପ୍ରଥମଟି ହେଲା ୱାକଫ୍ ବାଇ ୟୁଜର୍ସ, ଦ୍ୱିତୀୟଟି ହେଲା ୱକଫ ବୋର୍ଡ ଓ ପରିଷଦରେ ଅଣମୁସଲିମଙ୍କ ମନୋନୟନ ଏବଂ ତୃତୀୟ ପ୍ରସଙ୍ଗଟି ହେଉଛି ୱାକଫରେ ସରକାରୀ ଜମିର ଚିହ୍ନଟୀକରଣ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନାଙ୍କ ବେଞ୍ଚ ଏହି ତିନିଟି ବିନ୍ଦୁ ଉପରେ ଫୋକସ୍ କରିଥିଲେ। କେନ୍ଦ୍ର ସରକାର ଏହି ତିନିଟି ପ୍ରସଙ୍ଗ ଉପରେ ତାଙ୍କର ଉତ୍ତର ମଧ୍ୟ ଦାଖଲ କରିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ ଏବଂ ଅଭିଶେକ ମନୁସିଂହଭୀ ଏହାର ବିରୋଧ କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ଏହି ଆଇନରେ ଅନେକ ଅସାମ୍ବିଧାନିକ ବ୍ୟବସ୍ଥା ରହିଛି ଏବଂ ଏହା ଉପରେ ବିଚାର ହେବା ଉଚିତ। ମାମଲା ତିନିଟି ପ୍ରସଙ୍ଗରେ ସୀମିତ ରହିପାରିବ ନାହିଁ। ଯୁକ୍ତିଆରମ୍ଭ କରି କପିଲ ଶିବଲ କହିଲେ, ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୱାକଫ୍ ସଂପତ୍ତିକୁ ଛଡ଼ାଇନେବା। ନୂଆ ଆଇନ ବ୍ୟବସ୍ଥାରେ କୌଣସି ବ୍ୟକ୍ତି ବା ଗ୍ରାମ କମିଟି ଅଭିଯୋଗ ଆଣିବା ମାତ୍ରେ ସେହି ସଂପତ୍ତି ଆଉ ୱାକଫ୍ ହୋଇ ରହିପାରିବ ନାହିଁ। ସରକାରୀ ଅଧିକାରୀ ବିଚାରପତିର ଭୂମିକା ନେଇ ସରକାରଙ୍କ ସପକ୍ଷରେ ରାୟ ଦେବେ। ସେ କହିଲେ ଯେ ୱାକଫ୍ ଏକ ଧର୍ମନିରପେକ୍ଷ ବ୍ୟବସ୍ଥା ନୁହେଁ। ଜଣେ ମୁସଲିମ ଭଗବାନଙ୍କ ନାମରେ ତାର ସଂପତ୍ତିକୁ ଉତ୍ସର୍ଗ କରିଛି। ଏହା ହେଉଛି ମୁସଲମାନଙ୍କ ସଂପତ୍ତି ଏବଂ ଏହାର ପରିଚାଳନା ବ୍ୟବସ୍ଥାରେ ଅଣ-ମୁସଲିମ ବ୍ୟକ୍ତିଙ୍କର କୌଣସି ଭୂମିକା ରହିବା ଉଚିତ ନୁହେଁ। କିନ୍ତୁ ୱାକଫ୍ ପରିଚାଳନାକୁ ନୂଆ ଆଇନରେ ମୁସଲମାନଙ୍କ ହାତରୁ କାଢ଼ି ନିଆଯାଇଛି।

ଆବେଦନକାରୀଙ୍କ ପକ୍ଷରୁ ଅନ୍ୟତମ ଆଡଭୋକେଟ୍ ଅଭିଶେକ ସିଂହଭୀ କହିଥିଲେ ଯେ ନୂଆ ଆଇନରେ ୱାକଫ୍ ପଞ୍ଜୀକରଣ ପାଇଁ ବ୍ୟବସ୍ଥାକୁ ଏମିତି ଜଟିଳ କରାଯାଇଛି ଯେ ଜଣେ ବ୍ୟକ୍ତି ଜୀବନସାରା ଅଫିସ ଦୌଡୁଥିବ। ୱାକଫ୍ ସଂପତ୍ତି ଉପରେ ପ୍ରଶ୍ନ ଉଠିବା ମାତ୍ରେ ଏହା ୱାକଫ୍ ହୋଇ ଆଉ ରହିବନାହିଁ। କେବଳ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରାଯାଉଛି। ଦେବୋତ୍ତର ସଂପତ୍ତି ସବୁ ଧର୍ମରେ ରହିଛି। କିନ୍ତୁ ଦାନ ପାଇଁ କାହାକୁ ନିଜର ଧର୍ମର ପ୍ରମାଣ ଲାଗି ସର୍ତ୍ତ ରଖାଯାଇ ନାହିଁ। ଯଦି ଅନ୍ୟ ଧର୍ମରେ ନାହିଁ, ତେବେ ମୁସଲିମଙ୍କ ପାଇଁ ୱାକଫରେ ଏଭଳି ବ୍ୟବସ୍ଥା କଣ ପାଇଁ ବୋଲି ସେ ପ୍ରଶ୍ନ କରିଥିଲେ। ମାମଲାର ଶୁଣାଣି ଆସନ୍ତାକାଲି ମଧ୍ୟ ଜାରି ରହିବ।

ସୂଚନାଯୋଗ୍ୟ ଯେ ଗତମାସ ଠାରୁ ଲାଗୁ ହୋଇଥିବା ୱାକଫ୍ ସଂଶୋଧନ ଆଇନକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଛି। ଅନେକ ମୁସଲିମ ସଂସ୍ଥା ଅଭିଯୋଗ କରିଛନ୍ତି ଯେ ନୂଆ ଆଇନ ହେଉଛି ମୁସଲମାନଙ୍କ ଅଧିକାର ଉପରେ ଆକ୍ରମଣ। ୱାକଫ୍ ସଂପତ୍ତି ହଡ଼ପ କରିବା ଉଦ୍ଦେଶ୍ୟରେ ଏହି ଆଇନ ତିଆରି କରାଯାଇଛି। ଅନ୍ୟପକ୍ଷରେ ସରକାର ଯୁକ୍ତି କରିଛନ୍ତି ଯେ ୱାକଫ୍ ସଂପତ୍ତି ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବୀ କରିବା ଲାଗି ନୂଆ ଆଇନ ଜରୁରୀ। ସୁପ୍ରିମ କୋର୍ଟରେ ଏହି ମାମଲା ପହଞ୍ଚିବା ପରେ କୋର୍ଟ ନୂଆ ଆଇନର ତିନିଟି ବ୍ୟବସ୍ଥା ଉପରେ ମଧ୍ୟବର୍ତ୍ତିକାଳୀନ ରୋକ୍ ଲାଗଇଥିଲେ।

## ବେଙ୍ଗାଲୁରୁରେ ପ୍ରବଳ ବର୍ଷା: ୫ ମୃତ

ବେଙ୍ଗାଲୁରୁ, ୨୦।୫ (ଏଜେନ୍ସି): ଭାରତର ସିଲିକନ୍ ଭ୍ୟାଲି ଭାବେ ପରିଚିତ ବେଙ୍ଗାଲୁରୁ ପ୍ରବଳ ବର୍ଷାରେ ବେହାଲ ହୋଇଯାଇଛି। ଏହି ସହରର ଭିତ୍ତିଭୂମି ବ୍ୟବସ୍ଥାର ଦୁର୍ବଳ ଚିତ୍ରକୁ ବର୍ଷା ପଦାରେ ପକାଇ ଦେଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ସହରର ପ୍ରାୟ ସବୁ ରାସ୍ତାଘାଟ ଜଳମୟ ହୋଇଯାଇଛି। ଲୋକେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଭୟରେ କେହି ଘରୁ ବାହାରୁ ନାହାନ୍ତି। ତଥାପି ବି ଯନ୍ତ୍ରଣାରୁ ଲୋକେ ନିସ୍ତାର ପାଉ ନାହାନ୍ତି। ଗତ ତିନି ଦିନ ହେଲା ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଘରେ ବି ପାଣି ପଶି ଯାଇଛି। ଘର ଭିତରେ ଅଣ୍ଟେ ଅଣ୍ଟେ ପାଣି ଲହରୀ ମାରୁଛି। ୫୦୦ରୁ ଅଧିକ ଘରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଗଲାଣି। ବିଟିଏମ ଲେଆଉଟରେ ପାଣି ଭର୍ତ୍ତି ହୋଇଯିବାରୁ କରେଣ୍ଟ ଲାଗି ୧୨ ବର୍ଷୀୟ ଶିଶୁ ଏବଂ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ହ୍ୱାଇଟଫିଲ୍ଡରେ କାନ୍ଥ ପଡ଼ି ଜଣେ ମହିଳା ପ୍ରାଣ ହରାଇଛନ୍ତି। ଆଜି ମଧ୍ୟ ସ୍ଥିତି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କାରଣ ପାଣିପାଗ ବିଭାଗ ବର୍ଷାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି। ଏବେ ହେବଲ ଜଙ୍କସନ, ଆଉଟର ରିଙ୍ଗ ରୋଡ, ହୋସର ରୋଡ, ବୋମାନାହାଲି, ଟିଣ୍ଡଲୁ ଅଣ୍ଡରପାସ, କରମଙ୍ଗଲ, ସିଲ୍କ ବୋର୍ଡ ଜଙ୍କସନ, ହେନୁର, ଟିଣ୍ଡଲୁ ଅଣ୍ଡରପାସ, ରେସିଡେନ୍ସ ରୋଡ ଆଦିରେ ପାଣି ଜମିଥିବାବେଳେ ବର୍ଷା ହେଲା ସ୍ଥିତି ଆହୁରି ବିଗିଡି ଯିବାର ସମ୍ଭାବନା ରହିଛି। ଏହା ମଧ୍ୟରେ କମ୍ପାନୀ ଗୁଡିକ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କହିଛନ୍ତି। ତେବେ ସହରରେ ଆସିଥିବା ଏହି କୃତ୍ରିମ ବନ୍ୟା ଯୋଗୁଁ ଦରଦାମ ବୃଦ୍ଧି ପାଇଛି। କ୍ୟାବ୍, ଅଟୋ ଆଦି ଭଡ଼ା ୩୦ରୁ ୭୦ ପ୍ରତିଶତ ବଢ଼ି ଯାଇଛି। ବହୁତ କମ ଅଟୋ ଉପଲବ୍ଧ ରହୁଛି। ବନ୍ୟା ସ୍ଥିତି ଯୋଗୁଁ ଅନେକ ରାସ୍ତାଘାଟ ମଧ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ ଝଡ଼ ତୋଫାନକୁ ନେଇ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ସମେତ ୧୧ ରାଜ୍ୟକୁ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ବଜ୍ରପାତରେ ଝାଡ଼ଖଣ୍ଡରେ ୫ ଜଣ, ଏବଂ ମହାରାଷ୍ଟ୍ରରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବର୍ଷା ତାମିଲନାଡୁରେ ୨ ଜଣଙ୍କ ଜୀବନ ନେଇଛି।

# ପାକିସ୍ତାନର ସବୁ ସ୍ଥାନକୁ ଟାର୍ଗେଟ କରିପାରିବ ଭାରତ




■ ପାକ୍ ସେନା ନିଜ ସୁରକ୍ଷା ପାଇଁ ବଡ଼ ଗର୍ତ୍ତ ଖୋଳିବା ଆରମ୍ଭ କରୁ

■ ରାୱଲପିଣ୍ଡିରୁ ମୁଖ୍ୟାଳୟ ସ୍ଥାନାନ୍ତର କଲେ ପାକିସ୍ତାନ୍ ଲୁଚିବାକୁ ଗାତ ଖୋଳିବ

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ପାକିସ୍ତାନର ପ୍ରତ୍ୟେକ ସ୍ଥାନକୁ ଟାର୍ଗେଟ କରିବାକୁ ଭାରତୀୟ ସେନା ସମର୍ଥ। କାରଣ ସମ୍ପୂର୍ଣ୍ଣ ପାକିସ୍ତାନ ଭାରତୀୟ ସେନାର 'ଷ୍ଟ୍ରାଇକ୍ ରେଞ୍ଜ' ମଧ୍ୟରେ ରହିଛି। ଯଦି ପାକିସ୍ତାନ ସେନା ସୁରକ୍ଷା ପାଇଁ ନିଜର ମୁଖ୍ୟାଳୟ ବଦଳାଇବାକୁ ଚାହୁଁଥାଏ ତେବେ ଏଥିପାଇଁ ବଡ଼ ଗର୍ତ୍ତ ଖୋଳିବା ଦରକାର ବୋଲି ଭାରତୀୟ ସେନାର ଏୟାର ଡିଫେନ୍ସ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ ଡି'କୋଞ୍ଚା କହିଛନ୍ତି। ପାକିସ୍ତାନର ସବୁ ଭାଗ ଏବଂ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର କ୍ଷମତା ଭାରତୀୟ ସେନା ନିକଟରେ ରହିଛି ବୋଲି ସେ ଦୃଢୋକ୍ତି କରିଛନ୍ତି। ଅପରେସନ ସିନ୍ଦୂର ପରେ ଭାରତୀୟ ସେନାର ଦକ୍ଷତା ଏବଂ କ୍ଷମତାକୁ ନେଇ ଏବେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରେ ଚର୍ଚ୍ଚା ଚାଲିଛି। ଏହିକ୍ରମରେ ଏଏନଆଇକୁ ସେନାର ଦକ୍ଷତା ସମ୍ପର୍କରେ ଏକ ସାକ୍ଷାତକାର ଦେବା ଅବସରରେ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଏହା କହିବା ସହିତ ଯଦି ପାକିସ୍ତାନ ସେନା ରାୱଲପିଣ୍ଡିରୁ ଏହାର ମୁଖ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚାହୁଁଥାଏ ତେବେ ଏହାକୁ ଲୁଚାଇବା ପାଇଁ ଏକ ଗଭୀର ଗାତ ଖୋଳିବ ଦରକାର ବୋଲି କହିଛନ୍ତି। ଅର୍ଥାତ୍ ପାକିସ୍ତାନ ସେନା ନିଜର ମୁଖ୍ୟାଳୟ ଯେକୌଣସି ଭାଗକୁ ସ୍ଥାନାନ୍ତର କଲେ ବି ଏହା ଭାରତୀୟ ସେନା ନିଶାଣରୁ ବର୍ତ୍ତିପାରିବ ନାହିଁ ବୋଲି ସେ ପରୋକ୍ଷରେ ସୂଚାଇ ଦେଇଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନ ବିପକ୍ଷରେ ଲଢେଇ ପାଇଁ ଭାରତ ନିକଟରେ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ସମ୍ବଳ ରହିଛି। ତେଣୁ ପାକିସ୍ତାନ ସେନା ମୁଖ୍ୟାଳୟକୁ ରାୱଲପିଣ୍ଡିରୁ ପଶ୍ଚିମ ଭାଗରେ ରହିଥିବା ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର କରାଗଲେ ମଧ୍ୟ ଏହା ଭାରତୀୟ ସେନା ଲକ୍ଷ୍ୟରୁ ବର୍ତ୍ତିପାରିବ ନାହିଁ ବୋଲି ସେ କହିଛନ୍ତି।

## ଫିଲ୍ଡ ମାର୍ଶାଲ ହେଲେ ଜେନେରାଲ ମୁନିର



ଇସଲାମାବାଦ,୨୦।୫(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କୁ ପାକିସ୍ତାନ ସରକାର ଫିଲ୍ଡ ମାର୍ଶାଲ ଭାବେ ପଦୋନ୍ନତି ଦେଇଛନ୍ତି। ପାକିସ୍ତାନ ବିପକ୍ଷରେ ଭାରତର ଅପରେସନ ସିନ୍ଦୂର ପରେ ଅପ୍ରତ୍ୟାଶିତ ଭାବେ ପାକିସ୍ତାନ ସରକାରଙ୍କ ଏହି ନିଷ୍ପତ୍ତି ବିଭିନ୍ନ ମହଲକୁ ବିସ୍ମିତ କରିଛି। ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫଙ୍କ ନେତୃତ୍ୱରେ କ୍ୟାବିନେଟ୍ କମିଟି ଏଥିପାଇଁ ଅନୁମୋଦନ ଦେବା ପରେ ମୁନିରଙ୍କୁ ଏଭଳି ବିରଳ ପଦୋନ୍ନତି ମିଳିଥିବା କୁହାଯାଇଛି। ବିଗତ ବହୁ ବର୍ଷ ଧରି ପାକିସ୍ତାନ ସେନାର ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରି ଆସିଥିବା ମୁନିର ନିକଟରେ ଭାରତ ବିରୋଧରେ ବିଷୋଦଗାର କରିବା ସହିତ ଭାରତ ବିରୋଧୀ ନାରାବାଜି କରିଥିଲେ। ଏହାପରେ ପହଲଗାମ ଆତଙ୍କ ହମଲା ଘଟଣାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବା ସହିତ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଭାରତ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ଆରମ୍ଭ କରି ଏହାର ବହୁ ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଦେବା ସହିତ ୧୦ରୁ ଅଧିକ ସାମରିକ ଘାଟିକୁ ମଧ୍ୟ ନଷ୍ଟ କରି ଦେଇଥିଲା। ଏହାସତ୍ତ୍ୱେ ମୁନିରଙ୍କୁ ଏହି ପଦୋନ୍ନତି ମିଳିବା ଚର୍ଚ୍ଚାର ବିଷୟ ହୋଇଛି।

## ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ

ଇସଲାମାବାଦ, ୨୦।୫ (ଏଜେନ୍ସି): ପାକିସ୍ତାନକୁ ଡବଲ୍ ଝଟ୍‌କା ଲାଗିବାକୁ ଯାଉଛି। ଭାରତ ପରେ ଆଫଗାନିସ୍ତାନ ଆତଙ୍କବାଦକୁ ପାଳୁଥିବା ପାକିସ୍ତାନକୁ ପାଣି ନ ଦେବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ କୁନାର ନଦୀରେ ବନ୍ଧ ନିର୍ମାଣ କରାଯାଉଛି। ତାଲିବାନ ସରକାରର ଆର୍ମି ଜେନେରାଲ ମୁବିନ ଏହି ସୂଚନା ଦେଇଛନ୍ତି। ସେ ବନ୍ଧ ନିର୍ମାଣ ସ୍ଥଳ ବୁଲି ଦେଖିଛନ୍ତି। ବଲୁଚ ନେତା ମିର ୟାର ବଲୁଚ ସୋମବାର ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ବନ୍ଧ ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରିବାକୁ ତାଲିବାନକୁ ଜେନେରାଲ ମୁବିନ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଏହି ପାଣି ହେଉଛି ଆମ ରକ୍ତ ସଦୃଶ। ଆମେ ନିଜ ରକ୍ତକୁ ପ୍ରବାହିତ ହେବାକୁ ଦେବୁ ନାହିଁ। ପାଣିକୁ ଅଟକାଇ ଦେବୁ। ଏହା ଦ୍ୱାରା ବିଦ୍ୟୁତ ଆବଶ୍ୟକତା ପୂରଣ ହେବ। ଅନ୍ୟପକ୍ଷରେ ଘନିଷ୍ଠ ବନ୍ଧୁ ପାକିସ୍ତାନକୁ ସହାୟତା କରିବାକୁ ପୁଣି ଚୀନ୍ ଆଗେଇ ଆସିଛି। ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରି ପାକିସ୍ତାନକୁ ପାଣି ଦେଉନାହିଁ। ଏଥିଯୋଗୁଁ ପାକିସ୍ତାନରେ ଗୁରୁତର ଜଳ ସଙ୍କଟ ସୃଷ୍ଟି ହୋଇଛି। ଏହାରି ମଧ୍ୟରେ ଆମେରିକା ଶୁଳ୍କ ଯୁଦ୍ଧରୁ ବର୍ତ୍ତିବା ଲାଗି ଭାରତକୁ ହାତ ଯୋଡୁଥିବା ଚୀନ୍ ପାକିସ୍ତାନକୁ ସହାୟତା କରିବାକୁ ମୋହମ୍ମଦ ବନ୍ଧ ନିର୍ମାଣକୁ ଜୋରଦାର କରିବ ବୋଲି ଘୋଷଣା କରିଛି। ଖୈବର ପଖତୁନଖ୍ୱାର ସ୍ୱାତ ନଦୀ ଉପରେ ଚୀନ୍‌ର ସରକାରୀ କମ୍ପାନୀ ଦ୍ୱାରା ୨୦୧୯ ରୁ ନିର୍ମାଣ ହେଉଥିବା ଏହି ବନ୍ଧ ଉଚ୍ଚତା ୭୦୦ ଫୁଟ ହେବ।

ପାକ୍ ଅଧିକୃତ କଶ୍ମୀର ନେତାଙ୍କ ବୟାନ

# ପାକିସ୍ତାନର ୫୦ ପ୍ରତିଶତ ମସଜିଦ୍ ଆତଙ୍କୀ କାର୍ଯ୍ୟକଳାପ ସହ ଲିପ୍ତ

ଇସଲାମାବାଦ,୨୦।୫(ଏଜେନ୍ସି): ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରିବା ଲାଗି ଭାରତୀୟ ସାଂସଦମାନଙ୍କୁ ନେଇ ପ୍ରତିନିଧି ମଣ୍ଡଳ ବିଭିନ୍ନ ଦେଶ ଗସ୍ତ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇସାରିଛି। ସାଂସଦମାନେ ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଭାରତର ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଅପରେସନ ସିନ୍ଦୂର ମସପର୍କରେ ସେମାନେ ବିଭିନ୍ନ ଦେଶକୁ ଅବଗତ କରିବେ। କିନ୍ତୁ ପାକିସ୍ତାନ ମାଟିର କିଛି ନେତା ମଧ୍ୟ ଏହିକ୍ରମରେ ଆହୁରି ଆଗୁଆ ରହିଛନ୍ତି। ପାକିସ୍ତାନର ୫୦ ପ୍ରତିଶତ ମସଜିଦ୍ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ ରହିବା ସହିତ ଆତଙ୍କବାଦୀମାନଙ୍କୁ ଏଠାର ପ୍ରୋତ୍ସାହନ ଦିଆଯାଉଛି ବୋଲି ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ନେତା ପ୍ରଫେସର ସଜ୍ଜଦ ରାଜା କହିଛନ୍ତି। ଜମ୍ମୁ-କଶ୍ମୀର-ଗିଲଗିଟ୍ ବଲ୍ଟିସ୍ତାନ ଓ ଲଦାଖ ନ୍ୟାସନାଲ ଇକ୍ୱାଲିଟି ପାର୍ଟି ଅଧ୍ୟକ୍ଷ ରହିଥିବା ସଜ୍ଜଦ ପାକିସ୍ତାନ ସରକାରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଆସୁଥିବା ପିଓକେବାସୀଙ୍କ ଦୁର୍ଦ୍ଦଶା ବଖାଣିବା ସହିତ ଏଠାରେ ଆତଙ୍କବାଦକୁ କିଭଳି ପ୍ରୋତ୍ସାହନ ଦିଆଯାଉଛି ତାହାକୁ ମଧ୍ୟ ଦର୍ଶାଇଛନ୍ତି। ଭାରତ ବିରୋଧରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଥିବା ବହୁ ସଂଗଠନ ପିଓକେରେ ରହିଛି ବୋଲି ଭାରତୀୟ ସେନା ଅପରେସନ ସିନ୍ଦୂରରେ ଏହି ଅଞ୍ଚଳକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। କିନ୍ତୁ କେବଳ ପିଓକେ ନୁହେଁ, ପାକିସ୍ତାନର ସବୁ ଅଞ୍ଚଳରେ ମସଜିଦ୍‌ଗୁଡିକରେ ମଧ୍ୟ ଆତଙ୍କାବାଦ କାର୍ଯ୍ୟ ଚାଲିଛି ବୋଲି ପ୍ରଫେସର ସଜ୍ଜଦ କହିଛନ୍ତି। ସାରା ଦେଶରେ ଯେତିକି ସଂଖ୍ୟକ ମସଜିଦ୍ ରହିଛି ସେଥିମଧ୍ୟରୁ ୫୦ ପ୍ରତିଶତ ମସଜିଦ୍‌ରେ ଏହି କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହାବ୍ୟତୀତ ପାକିସ୍ତାନ ସେନା ସାମାଜିକ ସ୍ତର ଠାରୁ ଆରମ୍ଭ କରି ଅର୍ଥନୀତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ମନୋମୁଖୀ ଶାସନ ଚଳାଇଛି ସେ ସମ୍ପର୍କରେ ମଧ୍ୟ ସେ ଦର୍ଶାଇଛନ୍ତି।

### ଭାରତୀୟ ପ୍ରତିନିଧିଙ୍କ ସହ ସାମିଲ ହେବାକୁ ମିର୍ଜାଙ୍କ ଆଗ୍ରହ



ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ଆନ୍ତର୍ଜାତିକ ମହଲକୁ ଅବଗତ କରିବା ଲାଗି ଭାରତୀୟ ସାଂସଦମାନଙ୍କୁ ନେଇ ଗଠନ କରାଯାଇଥିବା ପ୍ରତିନିଧି ମଣ୍ଡଳରେ ଅନ୍ୟତମ ପିଓକେ ନେତା ଏବଂ ମାନବାଧିକାର କର୍ମୀ ଅମଜାଦ ଆୟୁବ ମିର୍ଜା ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିବା ସହିତ ଏଥିପାଇଁ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ, ପକିସ୍ତାନ ଅବୈଧ ଭାବେ ପିଓକେକୁ ମାଡି ବସିଥିଲା ବେଳେ ଏଠାରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଛି। ଯଦ୍ୱାରା ପିଓକେବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଶ୍ୱସମୁଦାୟ ପିଓକେବାସୀଙ୍କ ସ୍ୱର ମଧ୍ୟ ଶୁଣିବା ଦରକାର। ଏଥିପାଇଁ ତାଙ୍କୁ ମଧ୍ୟ ଭାରତୀୟ ପ୍ରତିନିଧି ମଣ୍ଡଳରେ ସାମିଲ କରାଯିବା ଉଚିତ ବୋଲି ମିର୍ଜା କହିଛନ୍ତି।

## ଆଜିର ରାଶିଫଳ

ମେଷ: ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ।

ବୃଷ: ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

ମିଥୁନ: ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

କର୍କଟ: ଅଫିସରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ସିଂହ: ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କନ୍ୟା: ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆଗରେ ନୂଆ ଅବସର ପ୍ରାପ୍ତ ହେବ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ମକର: ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

ମୀନ: ବ୍ୟବସାୟରେ ବାଧା ଆସିପାରେ। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

## ଆଜିର ଇତିହାସ

- ୧୮୪୦- ନ୍ୟୁଜିଲାଣ୍ଡ ବ୍ରିଟିଶ ଉପନିବେଶର ଅଂଶ ହେଲା।
- ୧୮୮୧- ଆମେରିକାରେ ରେଡକ୍ରସ୍ ସଂସ୍ଥାର ସ୍ଥାପନା।
- ୧୯୭୦- ସୋଭିଏତ୍ ରୁଷର ଆଣବିକ ପରୀକ୍ଷଣ।
- ୧୯୯୧- ବୋମା ବିସ୍ଫୋରଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିହତ।
- ୧୯୯୪- ସୁସ୍ମିତା ସେନ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୦୬- ଶ୍ରୀନଗରରେ କଂଗ୍ରେସ ରାଲି ଉପରେ ଆକ୍ରମଣ।

## ଆତଙ୍କବାଦ ବିରୋଧୀ ଦିବସ



ମେ' ୨୧କୁ ପ୍ରତିବର୍ଷ ଭାରତରେ ଆତଙ୍କବାଦ ବିରୋଧୀ ଦିବସ ରୂପେ ପାଳନ କରାଯାଏ। ଆତଙ୍କବାଦ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହା ବିରୋଧରେ ଏକତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଏହି ଦିନର ମୂଳ ଉଦ୍ଦେଶ୍ୟ। ବିଶେଷକରି ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ପଥରୁ ଦୂରେଇ ରଖିବା ପାଇଁ ଏହି ଦିବସରେ ବାର୍ତ୍ତା ଦିଆଯାଏ। ଆଜି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ୧୯୯୧ ମସିହାରେ ଆଜିର ଦିନରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁର ଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବାବେଳେ ଏଲ୍‌ଟିଟିଇ ଆତଙ୍କବାଦୀଙ୍କ ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଭାରତ ସରକାରଙ୍କ ପକ୍ଷରୁ ମେ' ୨୧କୁ ଆତଙ୍କବାଦ ବିରୋଧୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ଆତଙ୍କବାଦ ବିରୋଧୀ ଦିବସ ଅବସରରେ ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଠିଆ ହେବା ଏବଂ ହିଂସା ଓ ଆତଙ୍କବାଦରୁ ସାରା ବିଶ୍ୱକୁ ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଏ। ଆତଙ୍କବାଦ ଦେଶର ନିରାପତ୍ତା ଏବଂ କଲ୍ୟାଣ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ଉଦ୍ଦେଶ୍ୟ ହେଉଛି ଭୟ ସୃଷ୍ଟି କରିବା, ସାମାଜିକ ଶୃଙ୍ଖଳାକୁ ବାଧା ଦେବା ଏବଂ ଶାନ୍ତିପୂର୍ଣ୍ଣ ସହଭାଗିତାକୁ ସମର୍ଥନ କରୁଥିବା ମୌଳିକ ମୂଲ୍ୟବୋଧକୁ ଦୁର୍ବଳ କରିବା। ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱାରା ନିରୀହ ଜୀବନ ନଷ୍ଟ ହୋଇପାରେ, ଭିତ୍ତିଭୂମି ନଷ୍ଟ ହୋଇପାରେ, ଅର୍ଥନୈତିକ ଅସ୍ଥିରତା ଏବଂ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ନଷ୍ଟ ହୋଇପାରେ। ଗତ ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୬ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଜରିଆରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଆତଙ୍କବାଦ ବିରୋଧୀ ଦିବସ ପାଳନ ହେବା ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଦିବସ ଅବସରରେ ସ୍କୁଲ୍ ଓ କଲେଜଗୁଡ଼ିକରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ଆତଙ୍କବାଦ ଓ ଏହାର ପରିଣାମ ଉପରେ ଆଲୋଚନା କରାଯାଏ। ସରକାରୀ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୂରେଇ ଦେବା ପାଇଁ ଶପଥ ନିଆଯାଏ।

## ମନ୍ଦୋଦରୀ ଭୂମିକାରେ କାଜଲ



ଦକ୍ଷିଣ ଇଣ୍ଡଷ୍ଟ୍ରୀର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି କାଜଲ ଅଗ୍ରୱାଲ। ସେ ଅନେକ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଏବେ ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ କାଜଲଙ୍କ ଏଣ୍ଟ୍ରି ହୋଇଛି। ଏଥିରେ ସେ ମନ୍ଦୋଦରୀ ଭୂମିକାରେ ଦେଖାଯିବେ। ପୂର୍ବରୁ ଏଥିରେ ସାକ୍ଷୀ ତନୱାର ମନ୍ଦୋଦରୀ ଭୂମିକାରେ ଅଭିନୟ କରିବେ ବୋଲି କୁହାଯାଉଥିଲା। ହେଲେ ଏବେ କାଜଲଙ୍କୁ ଏହି ଭୂମିକା ମିଳିଛି। ଇତିମଧ୍ୟରେ କାଜଲ୍ ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏନେଇ ପ୍ରଡକ୍ସନ୍ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି- 'ରାମାୟଣରେ ମନ୍ଦୋଦରୀଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ଏଥିରେ ଯଶ୍ ରାବଣ ଭୂମିକାରେ ଅଭିନୟ କରୁଥିବାରୁ ତାଙ୍କର ପତ୍ନୀ ଭାବେ ଜଣେ ସୁନ୍ଦରୀ ଅଭିନେତ୍ରୀଙ୍କୁ ଖୋଜା ଚାଲିଥିଲା। ସବୁଠୁ ବଡ଼ କଥା ହେଉଛି, ଏପରି ଜଣେ ଅଭିନେତ୍ରୀ ଖୋଜା ଯାଉଥିଲା ଯିଏ ଏକାଧିକ ଭାଷା ଜାଣିଥିବେ। କାଜଲ ଉଭୟ ବଲିଉଡ୍ ଓ ସାଉଥ୍‌ରେ କାମ କରିଛନ୍ତି। ଶେଷରେ କାଜଲଙ୍କ ନାମ ଫାଇନାଲ କରାଯାଇଥିଲା।' 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରା ଓ ଯଶ୍ ଅଛନ୍ତି। ଏଥିରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ନଜର ଆସିବେ। ସେହିଭଳି ଜଟାୟୁ ଭୂମିକାରେ ଅମିତାଭ ବଚ୍ଚନ, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, କୈକେୟୀ ଭୂମିକାରେ ଲାରା ଦତ୍ତା, ସୂପର୍ଣ୍ଣଖା ଭୂମିକାରେ ରକୁଲ ପ୍ରୀତ ସିଂହ, ରାଜା ଦଶରଥଙ୍କ ଭୂମିକାରେ ଅରୁଣ ଗୋଭିଲ, ହନୁମାନ ଭୂମିକାରେ ସନ୍ନି ଦେଓଲ, ବିଭୀଷଣ ଭୂମିକାରେ ହରମନ୍ ବାବେଜା ନଜର ଆସିବେ। ୨୦୨୬ ଦୀପାବଳିରେ ଏହାର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଦ୍ୱିତୀୟ ପାର୍ଟ ଆସିବ।

## ହୃଦୟ ପାଇଁ ଭଲ ଶିଢ଼ି ଚଢ଼ିବା



ଶିଢ଼ି ଚଢ଼ିବା ଓ ଓହ୍ଲାଇବା ହେଉଛି ଏକପ୍ରକାର କାର୍ଡିଓ ଏକ୍ସରସାଇଜ୍। ଏଣୁ ଘର, ଅଫିସ୍ ହେଉ କି ସପିଂ ମଲ୍, ଲିଫ୍ଟ ବଦଳରେ ଶିଢ଼ି ଚଢ଼ି ଯିବା ଭଲ। ସେହିପରି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଶିଢ଼ି ଚଢ଼ିବା ଦ୍ୱାରା ଜଣେ ଲୋକ କେବଳ ଫିଟ୍ ରହିବ ତାହା ନୁହେଁ ବରଂ ଏହା ଆୟୁ ବୃଦ୍ଧିରେ ସାହାଯ୍ୟ କରେ। ଅଧ୍ୟୟନରେ ୫,୦୦,୦୦୦ ଲୋକଙ୍କ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା। ଏହି ଅଧ୍ୟୟନ ଅନୁସାରେ, ନିୟମିତ ଶିଢ଼ି ଚଢୁଥିବା ଲୋକଙ୍କଠାରେ ମୃତ୍ୟୁ ଆଶଙ୍କା ୨୪ ପ୍ରତିଶତ କମ୍ ଥିଲା। ସେହିଭଳି ହୃଦ୍ ରୋଗ ଯୋଗୁଁ ମୃତ୍ୟୁ ହେବା ଆଶଙ୍କା ୩୯ ପ୍ରତିଶତ କମ୍ ଥିଲା। ଆଜିକାଲି ମୃତ୍ୟୁର ପ୍ରମୁଖ କାରଣ ହୃଦ୍‌ରୋଗ ପାଲଟି ଯାଇଛି। ବିଶେଷଜ୍ଞଙ୍କ ଅନୁସାରେ, ଶିଢ଼ି ଚଢ଼ିବା ସମୟରେ ଶରୀର ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ ଗତି କରେ। ଖାସ୍ ଏହି କାରଣରୁ ଶିଢ଼ି ଚଢ଼ିବା ଅନ୍ୟ ଶାରୀରିକ ବ୍ୟାୟାମ ତୁଳନାରେ କଷ୍ଟକର ହୋଇଥାଏ। ଶିଢ଼ି ଚଢ଼ିବା ଦ୍ୱାରା କାର୍ଡିଓରେସପରେଟରି ଫିଟ୍‌ନେସ୍‌ରେ ସୁଧାର ଆସିଥାଏ ଏବଂ ମାଂସପେଶୀ ମଜଭୁତ ହୋଇଥାଏ। ସେହିପରି କେତେ ଶିଢ଼ି ଚଢ଼ିବା ଲାଭଦାୟକ ତାହାର ସଠିକ୍ ଉତ୍ତର ଏଯାଏଁ ଆସିନାହିଁ। ତେବେ ନିତିଦିନ ୫୦ ଶିଢ଼ି ଚଢ଼ିବା ଦ୍ୱାରା ଏଥେରୋସ୍କ୍ଲେରୋସିସ୍ (ଧମନୀରେ ଫ୍ୟାଟ୍, କୋଲେଷ୍ଟ୍ରଲ ଆଦି ଜମାହେବା) ଆଶଙ୍କା ୨୦ ପ୍ରତିଶତ କମ୍ ହୋଇଥାଏ।

# ସମ୍ଭାବନା



## ଅଫିସ୍‌ରେ ଏଆଇର ବ୍ୟବହାର




**ସମ୍ପ୍ରତି ଅଫିସ୍‌ଗୁଡ଼ିକରେ ଚାଟ୍‌ଜିପିଟି, ଜେମିନି ଭଳି ଏଆଇ ଟୁଲ୍‌କୁ ବ୍ୟବହାର କରାଯାଉଛି। ତେବେ ଏହାର ବ୍ୟବହାର କର୍ମଚାରୀଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରୁଥିବା ନିକଟରେ ଆମେରିକାର ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।**

ଏବେ ଅଫିସ୍ କାମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ବହୁଳ ଭାବେ କରାଯାଉଛି। ତେଣୁ ଏହାକୁ ଉପଯୋଗ କରୁଥିଲେ ସତର୍କ ରହିବା ଜରୁରି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହାକୁ ଉପଯୋଗ କରୁଥିବା କର୍ମଚାରୀଙ୍କ ସହକର୍ମୀ ଭାବନ୍ତି ସେମାନେ ପରିଶ୍ରମୀ ନୁହଁନ୍ତି, ବରଂ ଅଳସୁଆ ଏବଂ ଅଣକୁଶଳୀ। ଆମେରିକାର ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଏହି ଗବେଷଣା କରିଛି। ଯଦିଓ ଏଆଇ କାମର ବେଗ ଓ ପ୍ରଡକସନ ବୃଦ୍ଧିରେ ସାହାଯ୍ୟ କରେ, ତଥାପି ଅଫିସ୍‌ରେ ଏହାର ସାମାଜିକ କ୍ଷତି ରହିଛି। ଯାହାକି ଲୋକଙ୍କ ନଜରରେ ଜଣକ ବ୍ୟକ୍ତିତ୍ୱକୁ ଖରାପ କରିଥାଏ। ସେହିପରି ଏକଥା ଜାଣିବା ପାଇଁ ୪,୪୦୦ ଜଣଙ୍କ ଉପରେ ଚାରୋଟି ଅଲଗା ଅଲଗା ଅନଲାଇନ୍ ଗବେଷଣା କରାଯାଇଥିଲା। ଏଥିରୁ ଦେଖାଯାଇଥିଲା ଯେ, ଏଆଇ ବ୍ୟବହାର କରୁଥିବା ଲୋକଙ୍କୁ ଅନ୍ୟମାନେ କାମଚୋର, କମ୍ ପରିଶ୍ରମୀ, କମ୍ ଦକ୍ଷତା ସମ୍ପନ୍ନ ଭାବିଥାନ୍ତି। ସେହିପରି ଏଭଳି କର୍ମଚାରୀଙ୍କ ବଦଳି ସହଜରେ ହୋଇଥାଏ ବୋଲି ଆଉ କିଛି କର୍ମଚାରୀ ମତପୋଷଣ କରିଛନ୍ତି। ତେବେ ଅଫିସ୍‌ରେ ଏଆଇ କାମକୁ ସହଜ କରିଲେ ବି ଅନ୍ୟମାନେ ଏହାକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି ଓ କ୍ୟାରିୟର ଉପରେ ଏହା କିଭଳି ପ୍ରଭାବ ପକାଏ, ସେ କଥା ଏକପ୍ରକାର ସାମ୍ନାକୁ ଆସିଛି।

ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ, ଏହା କ୍ୟାରିୟରକୁ ପ୍ରଭାବିତ କରୁଛି। ତେଣୁ ସମାଜର ଚିନ୍ତାଧାରା ନ ବଦଳିଥିଲେ, ଏଭଳି ସ୍ଥିତିରେ ଏଆଇର ପ୍ରୟୋଗ ବିପଦପୂର୍ଣ୍ଣ ହୋଇପାରେ। ଅବଶ୍ୟ ଏବେ ବଦଳୁଥିବା ସମୟକୁ ଦେଖିଲେ ଏଆଇର ବ୍ୟବହାର ଲୋକଙ୍କ ଆବଶ୍ୟକତା ହୋଇଛି। ଏଣୁ ସତର୍କତାର ସହ ଏହାକୁ ବ୍ୟବହାର କରିବା ଦରକାର। ଅନ୍ୟପକ୍ଷରେ ଏହି ଅଧ୍ୟୟନ ପ୍ରୋସେଡିଂସ୍ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶିତ।

## କିଭଳି ରହିବ ଚାକିରି ସୁରକ୍ଷିତ



**କମ୍ପାନି ସବୁବେଳେ ଭଲ କାମ କରୁଥିବା କର୍ମଚାରୀଙ୍କୁ ପ୍ରାଥମିକତା ପ୍ରଦାନ କରିଥାଏ। ସେହିପରି ଅଫିସ୍ କାମ ଠିକ୍‌ରେ ନ କରିବା, ସମୟ ପୂର୍ବରୁ କାମ ନ ସାରିବା, ନିୟମିତ ଅନୁପସ୍ଥିତି ରହିବା ଦ୍ୱାରା ଚାକିରି ଯିବାର ଆଶଙ୍କା ଯଥେଷ୍ଟ ଥାଏ। ସେହିପରି କିଛି କମ୍ପାନି ମାନ୍ଦାବସ୍ଥା ଦେଇ ଗତି କଲେ କର୍ମଚାରୀଙ୍କୁ ଛଟେଇ କରିଥାନ୍ତି। ତେଣୁ ଏଭଳି ସ୍ଥିତିରେ କମ୍ପାନିରେ ନିଜ ଚାକିରିକୁ ସୁରକ୍ଷିତ ରଖିବା ପାଇଁ କିଛି ଦିଗ ଉପରେ ଗୁରୁତ୍ୱ ଦେବା ଜରୁରି।**

- କମ୍ପାନିରେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ଉଚିତ ଓ ଠିକ୍ ସମୟରେ କାମ ପୂରା କରିବା ଉପରେ ଗୁରୁତ୍ୱ ଦେବା ଦରକାର।
- ଅଲଗା ଅଲଗା କାମ କରିବାର କ୍ଷମତା ବା ଦକ୍ଷତା ଥିଲେ, ଆପଣଙ୍କ ଗୁରୁତ୍ୱ କମ୍ପାନିରେ ବଢ଼ିଥାଏ। ଏଣୁ ନୂଆ ଟେକ୍ନୋଲୋଜି ଏବଂ କଳା କୌଶଳ ଶିଖିବାର ଆବଶ୍ୟକତା ଅଛି।
- କମ୍ପାନି ପାଇଁ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା କାମକୁ ପ୍ରାଥମିକତା ଦିଅନ୍ତୁ। ତା'ସହ ଯେଉଁ କାମକୁ ଅନ୍ୟ କୌଣସି କର୍ମଚାରୀ ଯେଭଳି କରିପାରୁ ନ ଥିବେ, ତାହା ଉପରେ ଗୁରୁତ୍ୱ ଦେବା ଉଚିତ।
- ଟିମ୍ ସହିତ ଭଲ ସମ୍ବନ୍ଧ ଏବଂ ସହଯୋଗ ରକ୍ଷା କରନ୍ତୁ।
- କଠିନ ପରିସ୍ଥିତିରେ ସକାରାତ୍ମକ ଚିନ୍ତାଧାରାରେ ରୁହନ୍ତୁ। ଏହା ଦ୍ୱାରା ସହକର୍ମୀ ଓ ମ୍ୟାନେଜମେଣ୍ଟ ଉପରେ ଭଲ ପ୍ରଭାବ ପଡ଼େ।
- ଯଦି କାମର ମୂଲ୍ୟକୁ ଗୁରୁତ୍ୱ ଦିଆଯାଉ ନାହିଁ, ତେବେ ମ୍ୟାନେଜରଙ୍କ ସହିତ ଆଲୋଚନା କରନ୍ତୁ।
- ନିଜର ଉପଲବ୍ଧି ସମ୍ପର୍କରେ ନିଜ ମାଲିକଙ୍କୁ ଅବଗତ କରାନ୍ତୁ।

## କ୍ଲାସ୍ ନୋଟ୍



ପାଠପଢ଼ାରେ କ୍ଲାସ୍ ନୋଟ୍ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ। ତେଣୁ ଶିକ୍ଷକ କ୍ଲାସ୍‌ରେ ପଢ଼ାଇବା ସମୟରେ ସେମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଜରୁରି ପଏଣ୍ଟକୁ ଖାତାରେ ଲେଖନ୍ତୁ। ଶିକ୍ଷକ ପଢ଼ାଉଥିବା ପୂରା କାହାଣୀକୁ ନ ଲେଖି, ଗୁରୁତ୍ୱପୂର୍ଣ୍ଣ ପଏଣ୍ଟକୁ ଲେଖନ୍ତୁ। ଏସବୁକୁ ସହଜ ଭାଷାରେ ଲେଖନ୍ତୁ। ଏହା ଦ୍ୱାରା ସେହି ବିଷୟ ସହଜରେ ମନେ ରହେ। ସେହିପରି କ୍ଲାସ୍ ନୋଟ୍‌କୁ ଅଧିକ ଲମ୍ବା ବାକ୍ୟରେ ଲେଖନ୍ତୁ ନାହିଁ। ବାକ୍ୟ ଛୋଟେ ହେଲେ ବିଷୟ ବୁଝିବା ସହଜ ହୁଏ।

କ୍ଲାସ୍‌ରେ ନୋଟ୍ କରୁଥିବା ଜରୁରି ପଏଣ୍ଟକୁ ହାଇଲାଇଟ୍ କରନ୍ତୁ। ଏହା ଦ୍ୱାରା ନୋଟ୍ ଭଲ ଦେଖାଯାଏ। ତା'ସହ ପ୍ରମୁଖ ପଏଣ୍ଟ ଉପରେ ଶୀଘ୍ର ଦୃଷ୍ଟି ପଡ଼େ। ପ୍ରତି ନୋଟ୍ ଉପରେ ବିଷୟର ନାଁ ଓ ତାରିଖ ଲେଖନ୍ତୁ। ବିଜ୍ଞାନ ବିଷୟକ ନୋଟ୍‌ରେ ଚାହିଁଲେ ଚିତ୍ର କରିପାରିବେ। ସେହିପରି ନୋଟ୍ ଲେଖିବା ବେଳେ କିଛି ସ୍ଥାନକୁ ଖାଲି ଛାଡ଼ନ୍ତୁ। ସେହି ବିଷୟ ସମ୍ବନ୍ଧିତ କିଛି ନୂଆ ତଥ୍ୟ ପରେ ପରେ ଜାଣିଲେ, ସେହି ସ୍ଥାନରେ ଲେଖି ହୁଏ। ଯେଉଁ ନୋଟ୍ ତିଆରି କରୁଛନ୍ତି, ତାହାକୁ ପ୍ରତିଦିନ ପଢ଼ନ୍ତୁ। ଏହା ଦ୍ୱାରା ସେହି ପାଠ ଶୀଘ୍ର ମନେ ରହିଥାଏ।

## ଫେଲର ଅର୍ଥ ନୁହେଁ, ବିଫଳତା

**ଅନେକ ପିଲା ପରୀକ୍ଷାରେ କମ୍ ମାର୍କ ରଖିଥାନ୍ତି। ପୁଣି କେହି କେହି ଫେଲ୍ ମଧ୍ୟ ହୋଇଥାନ୍ତି। ଏହାକୁ ନେଇ ଅଭିଭାବକମାନେ ସେମାନଙ୍କୁ ତାଗିଦ୍ କରି ପାଟି କରନ୍ତି। ହେଲେ ଏଭଳି ବ୍ୟବହାର ନ ଦେଖାଇ, ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏହା ହିଁ ସେମାନଙ୍କୁ ଆଗକୁ ଯିବାରେ ସାହାଯ୍ୟ କରିବ।**

- ବାପାମାଆ ପ୍ରଥମେ ନିଜକୁ ଶାନ୍ତ ରଖିବା ଉଚିତ। ଫେଲ୍ ତଥା କମ୍ ମାର୍କକୁ ନେଇ କ୍ରୋଧ ପ୍ରକଟ କରିବା ସ୍ୱାଭାବିକ କଥା। ହେଲେ ଏଭଳି ସ୍ଥିତିରେ ପିଲା ସ୍ନେହ ଶ୍ରଦ୍ଧା ଲୋଡ଼ନ୍ତି। ପିଲାଙ୍କ ସହିତ ଶ୍ରଦ୍ଧାରେ କଥାବାର୍ତ୍ତା କରନ୍ତୁ।
- ପଢ଼ାରେ କ'ଣ ସମସ୍ୟା ଥିଲା ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ। ବିଫଳତାକୁ ନେଇ ପିଲାଙ୍କୁ ଦୋଷ ଦିଅନ୍ତୁ ନାହିଁ। ଏହା ଦ୍ୱାରା ସେମାନେ ଅଧିକ ନିରାଶ ହୋଇଥାନ୍ତି।
- ଫେଲ୍ ପଛର ଅସଲି କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସ୍କୁଲର ପରିବେଶ ଠିକ୍ ଅଛି କି ନାହିଁ ପଚାରି ବୁଝନ୍ତୁ। ସେହିପରି ପିଲାଙ୍କ ଶିକ୍ଷକଙ୍କ ମତ ନିଅନ୍ତୁ। ପିଲାଙ୍କଠାରେ କ'ଣ ଦୁର୍ବଳତା ବା ସମସ୍ୟା ଅଛି ଜାଣନ୍ତୁ।
- ପିଲାଙ୍କ ସହିତ ମିଶି ଆଗାମୀ ପଢ଼ାର ଯୋଜନା କରନ୍ତୁ। ପିଲାଙ୍କୁ ପ୍ରୋତ୍ସାହିତ କରିବା ସହିତ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ।
- ପରୀକ୍ଷାରେ ଫେଲ୍ ହେବାର ଅର୍ଥ ବିଫଳତାକୁ ସୂଚାଇ ନ ଥାଏ। ତେଣୁ ପୂର୍ବ ସଫଳତାକୁ ମନେ ପକାଇ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାନ୍ତୁ।

ଆଇପିଏଲ୍-୧୮
ପ୍ଲେ ଅଫ୍ ଖେଳସୂଚୀ

# ଅହମ୍ମଦାବାଦରେ ଫାଇନାଲ, ମୁଲାନପୁରରେ ୨ଟି ମ୍ୟାଚ୍



## ଦିଗବେଶ ରାଠୀ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ

ଅଭିଷେକ ଶର୍ମାଙ୍କ ସହ ଯୁକ୍ତିତର୍କ ଓ ସିଗ୍ନେଚର ଷ୍ଟାଇଲରେ ବିଦାୟ ଦେବା ଘଟଣା ଲକ୍ଷ୍ନୌ ସୁପର ଜାଏଣ୍ଟସର ସ୍ପିନ ବୋଲର ଦିଗବେଶ ସିଂ ରାଠୀଙ୍କୁ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ଘଟଣା ଫଳରେ ଆଇପିଏଲ୍ ଆଚରଣ ସଂହିତା ଲେଭଲ-୧ ଭଙ୍ଗ କରିବା ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ କରାଯାଇଛି। ଏହା ସହ ତାଙ୍କ ମ୍ୟାଚ୍ ଫି'ର ୫୦ ଭାଗ ଅର୍ଥ କାଟିନିଆଯାଇଛି। ଏହା ସହ ଏଭଳି ଆଚରଣ ପୁନରାବୃତ୍ତି ନ କରିବାକୁ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତକାଲି ସ୍ଥାନୀୟ ଏକନ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ବନାମ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରୁଥିବା ହାଇଦରାବାଦ୍‌ର ଅଭିଷେକ ଶର୍ମା ତାଙ୍କ ବୋଲିଂରେ ଆଉଟ ହୋଇଥିଲେ। ଚଳିତ ସିଜନରେ ଆଇପିଏଲ୍ ଡେବ୍ୟୁ କରିଥିବା ଘରୋଇ କ୍ରିକେଟ ଟିମ୍ ଦିଲ୍ଲୀର ଏହି ସ୍ପିନର ସିଗ୍ନେଚର ଷ୍ଟାଇଲ୍‌ରେ ବ୍ୟାଟରଙ୍କୁ ବିଦାୟ ରାସ୍ତା ଦେଖାଇଥିଲେ। ଏହାକୁ ବିରୋଧ କରିଥିଲେ ଅଭିଷେକ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅମ୍ପାୟାରଙ୍କ ହସ୍ତକ୍ଷେପ ବଳରେ ଉଭୟ ଖେଳାଳି ଶାନ୍ତ ହୋଇଥିଲେ। କିନ୍ତୁ ରାଠୀଙ୍କ ବ୍ୟବହାର ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲା। ଏହା ଆଚରଣ ସଂହିତାର ଲେଭଲ-୧ ଅପରାଧ ଓ ତାଙ୍କୁ ୨ଟି ଡିମେରିଟ୍ ପଏଣ୍ଟ ମିଳିଥିଲା। ପୂର୍ବରୁ ସେ ଏଭଳି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦୁଇଥର ଦଣ୍ଡିତ ହୋଇଥିଲେ। ଏଥିଯୋଗୁ ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ଓ ୩୦ ଭାଗ ମ୍ୟାଚ୍ ଫି କାଟିନିଆଯାଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୫ ହେବାରୁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ ହେବାକୁ ପଡ଼ିଛି। ସେ ଗୁରୁବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିପାରିବେ ନାହିଁ।

ନୂଆଦିଲ୍ଲୀ,୨୦।୫ (ଏଜେନ୍ସି)

ଭାରତରେ ଚାଲିଥିବା ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ୧୮ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏଠାରେ ମଧ୍ୟ କ୍ୱାଲିଫାୟର-୨ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ନୂଆ ଚଣ୍ଡିଗଡସ୍ଥିତ ମୁଲାନପୁରରେ ପ୍ଲେ ଅଫ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଖେଳାଯିବ। ମେ ୨୯ରେ କ୍ୱାଲିଫାୟର-୧ ଓ ମେ ୩୦ରେ ଏଲିମିନେଟର ମୁକାବିଲା ଅନୁଷ୍ଠିତ ହେବ। ବିସିସିଆଇ ସୂତ୍ରରୁ ମଙ୍ଗଳବାର ଏହା ଜଣାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଘୋଷଣା କରାଯାଇନାହିଁ। ଆଇପିଏଲ୍ ସ୍ଥଗିତ ହେବା ପୂର୍ବରୁ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଏହି ମ୍ୟାଚ୍ ଦୁଇଟି ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ସେହିପରି ହାଇଦରାବାଦ୍‌ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଆଇପିଏଲ୍ ଏକ ସପ୍ତାହ ସ୍ଥଗିତ ରହିବା ପରେ ଖେଳସୂଚୀରେ ପରିବର୍ତ୍ତନ କରିବାକୁ ବିସିସିଆଇ ବାଧ୍ୟ ହୋଇଛି। ଏହା ମଧ୍ୟରେ ଭାରତରେ ମୌସୁମୀ ବାୟୁ ପ୍ରବେଶ କରିସାରିଛି। କ୍ୱାଲିଫାୟର-୨ ଓ ଫାଇନାଲ ଆୟୋଜନ ବେଳକୁ କୋଲକାତାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନାକୁ ଆଖି ଆଗରେ ରଖି ପ୍ଲେ ଅଫ୍ ମ୍ୟାଚ୍ ଗୁଡିକୁ ସ୍ଥାନାନ୍ତର କରାଯାଇଛି। ଆସନ୍ତା ୧୫ ଦିନରେ ଅହମ୍ମଦାବାଦ୍ ଓ ମୁଲାନପୁରରେ ବର୍ଷା ହେବାର ଖୁବ୍ କମ୍ ସମ୍ଭାବନା ଥିବାରୁ ଏହି ଦୁଇଟି ଭେନ୍ୟୁରେ ପ୍ଲେ ଅଫ୍ ମ୍ୟାଚ୍ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ମଙ୍ଗଳବାର ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ବୈଠକରେ ଏହା ସ୍ଥିର ହୋଇଛି। ସ୍ଥଗିତ ପରେ ଆଇପିଏଲ୍‌ର ବାକିଥିବା ୧୩ଟି ଲିଗ୍ ମ୍ୟାଚ୍‌ର ଖେଳସୂଚୀ ଘୋଷଣା କରାଯାଇଥିଲେ ମଧ୍ୟ ପ୍ଲେ ଅଫ୍ ମ୍ୟାଚ୍ ଭେନ୍ୟୁ ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିଲା।

### ■ ଲକ୍ଷ୍ନୌରେ ବେଙ୍ଗାଲୁରୁ-ହାଇଦରାବାଦ୍ ମୁକାବିଲା

ବେଙ୍ଗାଲୁରୁରେ ଗୁରୁବାର ବେଳକୁ ଭୀଷଣ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଏଠାରେ ମେ ୨୩ରେ ରୟାଲ ଚ୍ୟାଲେଞ୍ଜର୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଇଛି। ଏବେ ବେଙ୍ଗାଲୁରୁ ତାହାର ଶେଷ ଦୁଇଟି ମ୍ୟାଚ୍ ଲକ୍ଷ୍ନୌର ଏକନ ଷ୍ଟାଡିୟମ୍‌ରେ ଖେଳିବ। ମେ ୨୩ ପରେ ୨୭ରେ ବେଙ୍ଗାଲୁରୁ ତାହାର ଶେଷ ଲିଗ୍ ମ୍ୟାଚ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ଏଠାରେ ଖେଳିବ ବୋଲି ଜଣାଯାଇଛି। ବେଙ୍ଗାଲୁରୁ-ଲକ୍ଷ୍ନୌ ମୁକାବିଲା ଚଳିତ ଆଇପିଏଲ୍‌ର ମଧ୍ୟ ଶେଷ ଲିଗ୍ ମ୍ୟାଚ୍ ହେବ। ପୂର୍ବରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବର୍ଷା ଯୋଗୁଁ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମେ ୧୭ ତାରିଖ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ କରିବାକୁ ପଡ଼ିଥିଲା। ଗତକାଲି ଲକ୍ଷ୍ନୌକୁ ହରାଇବା ପରେ ଆଜି ଅର୍ଥାତ୍ ମଙ୍ଗଳବାର ହାଇଦରାବାଦ୍ ଟିମ୍ ଏଠାରୁ ଯିବାର ଥିଲା। କିନ୍ତୁ ସେଠାରେ ରହିବାକୁ ବିସିସିଆଇ ଟିମ୍‌କୁ ନିର୍ଦ୍ଦେଶ ଦେଇଛି।

### ■ ଏକ ଘଣ୍ଟା ବଢ଼ିଲା ଅତିରିକ୍ତ ସମୟ

କ୍ରମାଗତ ବର୍ଷା ଯୋଗୁ ଆଇପିଏଲ୍ ଖେଳ ବାରମ୍ବାର ବାଧାପ୍ରାପ୍ତ ହେବା ଓ ୩ଟି ମ୍ୟାଚ୍ ବାତିଲ ହେବା ପରେ ବିସିସିଆଇ ଅତିରିକ୍ତ ଖେଳ ସମୟ ବୃଦ୍ଧି କରିଛି। ଏବେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ କର୍ମକର୍ତ୍ତାମାନେ ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ୧ ଘଣ୍ଟା ପରିବର୍ତ୍ତେ ଏବେ ୨ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ। ମ୍ୟାଚ୍ ବାତିଲ ହେବା ଯୋଗୁଁ ଦର୍ଶକ ନିରାଶ ହେବା ସହ ପ୍ରସାରଣକାର ସଂସ୍ଥା କ୍ଷୁବ୍ଧ ହୋଇଥିଲା। ଏହାକୁ ଆଖି ଆଗରେ ରଖି ଆଇପିଏଲ୍ ପ୍ଲେଇଂ କଣ୍ଡିସନ ଧାରା ୧୩.୭.୩ ଅନୁଯାୟୀ କେବଳ ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍ ଲାଗି ଏହି ନିୟମ ଧାର୍ଯ୍ୟ କରାଯାଇଛି।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

**ଆଇପିଏଲ୍‌ରେ ଆଜି**
ଦିଲ୍ଲୀ ବନାମ ମୁମ୍ବାଇ
ମୁମ୍ବାଇ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ବିଜୟ ସହ ରାଜସ୍ଥାନର ଅଭିଯାନ ଶେଷ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୨ତମ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ଏହାର ଶେଷ ଲିଗ୍ ମୁକାବିଲାରେ ବିଜୟ ହାସଲ କରି ଅଭିଯାନ ଶେଷ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ ରାଜସ୍ଥାନ ୬ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଫଳରେ ରାଜସ୍ଥାନ ୧୪ତମ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ୮ ପଏଣ୍ଟ ସହ ୯ମ ସ୍ଥାନରେ ରହି ସିଜନ ଶେଷ କରିଛି। ଦଳ ପୂର୍ବରୁ ପ୍ଲେ-ଅଫ୍ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ୧୦ମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ରହିଛି। ଚେନ୍ନାଇ ଶେଷ ଲିଗ୍‌ରେ ମେ ୨୫ରେ ଗୁଜରାଟ ଟାଇଟନ୍ସକୁ ଭେଟିବ। ମଙ୍ଗଳବାର ଅନୁଷ୍ଠିତ ଏହି ଅନୌପଚାରିକ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ୭୮ ରନ ମଧ୍ୟରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସଙ୍କଟକୁ ଚାଲିଯାଇଥିଲା। ତେବେ ଅନ୍ୟତମ ଓପନର୍ ଆୟୁଷ ମହାତ୍ରେ ୪୩, ଡେୱାଲ୍ଡ ବ୍ରେଭିସ ୪୨ ଓ ଶିଭମ ଦୁବେ ୩୯ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ରାଜସ୍ଥାନ ପକ୍ଷରୁ ଯୁଦ୍ଧବୀର ସିଂ ଚରକ ଓ ଆକାଶ ମାଧୱାଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ରାଜସ୍ଥାନ ୧୪ ବର୍ଷୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଅର୍ଦ୍ଧଶତକ (୫୭ ରନ, ୩୩ ବଲ) ବଳରେ ୧୭.୧ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଞ୍ଜୁ ସାମସନ ୪୧, ଯଶସ୍ୱୀ ଜୟସ୍ୱାଲ ୩୬, ଧ୍ରୁବ ଜୁରେଲ ଅପରାଜିତ ୩୧ ରନ କରିଥିଲେ। ଚେନ୍ନାଇର ରବିଚନ୍ଦ୍ରନ ଅଶ୍ୱିନ ସଫଳ ବୋଲର ଭାବେ ୨ଟି ୱିକେଟ୍ ନେଇଥିଲେ।

## ଏଥର ସିନିଅରବର୍ଗରେ ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍




ଭୁବନେଶ୍ୱର, ୨୦।୫ (ସମିସ): ସ୍ଥାନୀୟ ବିଜେବି ନଗରସ୍ଥିତ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଚଳିତ ମାସ ୨୫ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଉଭୟ କଟକ ଓ ଭୁବନେଶ୍ୱରର ୮ ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ମ୍ୟାଚ୍ ୪୦ ଓଭରବିଶିଷ୍ଟ ଏବଂ ରେଡ୍ ବଲରେ ଖେଳାଯିବ। ସେହିଭଳି ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ରନର୍ସଅପ୍ ହୋଇଥିବା ଦଳ ୩୦ ହଜାର ଟଙ୍କା ଦିଆଯିବ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାରାମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ ଜେନା କହିଛନ୍ତି। ତେବେ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଜୁନିଅରବର୍ଗରେ ଖେଳାଯାଉଥିବାବେଳେ ଏଥର କିନ୍ତୁ ସିନିଅରବର୍ଗରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା, ବି. ଦେବୀଦତ୍ତ ବାବୁ, ସୁଧୀର ପରିଡ଼ା ଓ ପ୍ରସନ୍ନ ନରେନ୍ଦ୍ର ଉପସ୍ଥିତ ରହିଥିଲେ।

## ୬୯ କୋଟି ଟଙ୍କାରେ ଘର କିଣିଲେ ଧାୱନ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ବର୍ତ୍ତମାନ ତାଙ୍କର ଭିନ୍ନ ଜୀବନଶୈଳୀକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଧାୱନ ଗୁରୁଗ୍ରାମରେ ଏକ ବିଶାଳ ଆପାର୍ଟମେଣ୍ଟ କ୍ରୟ କରିଛନ୍ତି। ରିଅଲ୍ ଇଷ୍ଟେଟ୍ ଡାଟା ଆନାଲାଟିକ୍ ଫାର୍ମ 'କ୍ରେ ମାଟ୍ରିକ୍ସ' ରିପୋର୍ଟ ମୁତାବକ ୬,୦୪୦ ସ୍କୋୟର ଫୁଟ୍‌ର ଏହି ଆପାର୍ଟମେଣ୍ଟର ମୂଲ୍ୟ ୬୯ କୋଟି ଟଙ୍କା ହେବ। ସମ୍ପତିର ମୂଲ୍ୟ ୬୫.୬୧ କୋଟି ହୋଇଥିବାବେଳେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୩.୨୮ କୋଟି ଟଙ୍କା ଦେବାକୁ ପଡ଼ିଛି।

## ରୀନା ଓ ବାଲମତି ଏଆଇଏଫ୍ଏଫ୍ ରେଫରୀ




କଟକ,୨୦।୫(ସମିସ): ୯ ବର୍ଷ ବ୍ୟବଧାନ ପରେ ରାଜ୍ୟ ଫୁଟବଲର ଦୁଇ ଜଣ ମହିଳା ଜାତୀୟ ରେଫରୀ କାର୍ଯ୍ୟକ୍ରମରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରାକ୍ଟିକାଲ, ଭାଇଭା, ଥିଓରୀ ଏବଂ ଫିଜିକାଲ ଫିଟନେସ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରି ଉଭୟ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଏଆଇଏଫଏଫ ରେଫରୀ ଭାବେ ଯୋଗ୍ୟତା ହାସଲ କରିଥିବା ଏହି ଦୁଇଜଣ ହେଲେ ରୀନା ତିର୍କୀ ଏବଂ ବାଲମତି ଓରାମ। ଉଭୟଙ୍କ ଘର ସୁନ୍ଦରଗଡ଼ ଜିଲ୍ଲାରେ। ଗତ ମାର୍ଚ୍ଚ ୨୨ରୁ ୨୪ ପର୍ଯ୍ୟନ୍ତ ଗ୍ୱାଲିୟରରେ ଫିଜିକାଲ ଫିଟନେସ ଏବଂ ଥିଓରୀ ପରୀକ୍ଷା ହୋଇଥିଲା। ପରେ ମେ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ବିହାରରେ ପ୍ରାକ୍ଟିକାଲ ଏବଂ ଭାଇଭା ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମସ୍ତ କର୍ମକର୍ତ୍ତା ଉଭୟ ଏଆଇଏଫଏଫ ରେଫରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାନୁଆରୀ ୫ରୁ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ଆଗାମୀ ୨୦୨୬ ସଂସ୍କରଣ ଜାନୁଆରୀ ୫ ତାରିଖରୁ ଆରମ୍ଭ ହେବ। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ଦୀର୍ଘ ୭ ବର୍ଷ ଏଚ୍‌ଆଇଏଲ୍ ଆୟୋଜନ ବନ୍ଦ ରହିବା ପରେ ଗତବର୍ଷ ପୁଣିଥରେ ଆରମ୍ଭ ହୋଇଥିଲା। ପୂର୍ବପରି ପୁରୁଷ ଏଚ୍‌ଆଇଏଲ୍ ୮ଟି ଦଳକୁ ନେଇ ଆୟୋଜନ ହେବ। କିନ୍ତୁ ମହିଳା ଏଚ୍‌ଆଇଏଲ୍‌ରେ ଏଥର ୬ଟି ଦଳ ଅଂଶଗ୍ରହଣ କରିବେ। ଗତବର୍ଷ ମହିଳା ଏଚ୍‌ଆଇଏଲ୍‌ରେ ୪ଟି ଦଳ ଭାଗ ନେଇଥିଲେ।

## ଏସୀୟ ଜୁ ଜିତସୁରେ ଭାଗ ନେବେ ୪ ଓଡ଼ିଆ




ଭୁବନେଶ୍ୱର,୨୦।୫(ସମିସ): ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନରେ ଆସନ୍ତା ୨୩ରୁ ୨୫ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୯ମ ଏସୀୟ ବରିଷ୍ଠ ଜି ଜିତସୁ ପ୍ରତିଯୋଗିତାରେ ତାରକା ମହିଳା ଖେଳାଳି ଅନୁପମା ସ୍ୱାଇଁଙ୍କ ସମେତ ମୋଟ୍ ୪ ଜଣ ଓଡ଼ିଆ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଜୁ ଜିତସୁ ସଂଘ ତରଫରୁ ପ୍ରତିନିଧିତ୍ୱ କରି ଏହି ଖେଳାଳିମାନେ ଗତ ବରିଷ୍ଠ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକରି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଗତ ୪ଟି ଏସୀୟ ଜୁ ଜିତସୁ ପ୍ରତିଯୋଗତାରେ କ୍ରମାଗତ ଭାବେ ପଦକ ହାସଲ କରିଥିବା ତଥା ଗତ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ଦେଶର ୧ ନଂ ଜୁ ଜିତସୁ ଖେଳାଳି ଅନୁପମା ସ୍ୱାଇଁ ମହିଳା ୫୨ କେଜି ନି-ୱାଜା, କଣ୍ଟାକ୍ଟ ଓ ଫାଇଟ୍‌ରେ ଭାଗ ନେବେ। ସେହିପରି ସ୍ୱରାଜ ଜାନୀ ନି- ୱାଜ ଓ କଣ୍ଟାକ୍ଟରେ, ଦେବାଶିଷ ସାମନ୍ତରାୟ ନି- ୱାଜା ଓ କଣ୍ଟାକ୍ଟ ଏବଂ ସନ୍ତୋଷ ସିଂ ନି- ୱାଜା ଓ ଫାଇଟିଂ ବିଭାଗରେ ଭାଗ ନେବେ। ଖେଳାଳିମାନେ ଜୋର୍ଡାନ ଅଭିମୁଖେ ଯାତ୍ରା କରିଛନ୍ତି।

୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ଦିବ୍ୟଜ୍ୟୋତି ଓ ସ୍ୱୟଂମ୍ଭୁଙ୍କ ଶତକ




କଟକ,୨୦।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଭଦ୍ରକର ସ୍ୱୟଂମ୍ଭୁ ପଲାଇ ଏବଂ ନୟାଗଡ଼ର ଦିବ୍ୟଜ୍ୟୋତି ପଟ୍ଟନାୟକ ଶତକ ସଂଗ୍ରହ କରିଛନ୍ତି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ରାୟଗଡ଼ା ବିପକ୍ଷ ମ୍ୟାଚ୍‌ରେ ଭଦ୍ରକ ୮ ୱିକେଟ ବିନିମୟରେ ୩୪୪ ରନ କରିଥିଲା। ସ୍ୱୟମ୍ଭୁ ୧୦୯ ବଲରୁ ୧୪୧ ରନ କରିଥିଲେ। ଅମିତାଂଶୁ ମଲ୍ଲିକ ୨୮ ବଲରୁ ଦ୍ରୁତ ୪୫ରନ କରିଥିଲେ। ରାୟଗଡାର ହରିଶ ବାଗ ଏବଂ ପୂର୍ଣ୍ଣ ଭାସ୍କର ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ତେବେ ୩୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ରାୟଗଡ଼ା ମାତ୍ର ୯୭ ରନରେ ଅଲଆଉଟ ହେବା ସହ ବୃହତ୍ ବ୍ୟବଧାନରେ ପରାଜୟ ବରଣ କରିଥିଲା। ଭଦ୍ରକର ଆଶିଷ ମହାପାତ୍ର ଏବଂ ଅମିତାଂଶୁ ମଲ୍ଲିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ସ୍ୱୟଂମ୍ଭୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ଡ୍ରିମସ କ୍ରିକେଟ ଷ୍ଟାଡିୟମରେ ନୟାଗଡ଼ ଏବଂ ନବରଙ୍ଗପୁର ଦଳ ମୁହାଁମୁହିଁ ହୋଇଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ ୧୭୦ ରନରେ ଅଲଆଉଟ ହୋଇଥିଲା। ଦଳର ଲଗାତର ୱିକେଟ ପତନ ସତ୍ତ୍ୱେ ଦିବ୍ୟଜ୍ୟୋତି ପଟ୍ଟନାୟକ ୧୧୧ ରନର ସଂଘର୍ଷପୂର୍ଣ୍ଣ ଶତକୀୟ ପାଳି ଖେଳିଥିଲେ। ନବରଙ୍ଗପୁରର ଶୁଭମ ନାୟକ ଏବଂ ଦିଲ୍ଲୀପ ବିଶୋୟୀ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ ନବରଙ୍ଗପୁର ୧୦୪ ରନରେ ଅଲଆଉଟ ହୋଇଥିବା ବେଳେ ଦିବ୍ୟଜ୍ୟୋତି ୩ଟି ୱିକେଟ ହାସଲ କରି ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜି ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୧୮୭ ରନରେ ବୌଦ୍ଧକୁ ପରାସ୍ତ କରିଛି। ୩ରନ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିବା ଭୁବନେଶ୍ୱର ଦଳର ଶୁଭକାନ୍ତ ପରିଡ଼ା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ସମ୍ବଲପୁର-ବି ୫ ୱିକେଟରେ ଯାଜପୁରକୁ, ଝାରସୁଗୁଡା ୬ ୱିକେଟରେ ସୋନପୁରକୁ, ଖୋର୍ଦ୍ଧା ୧୨୪ରନରେ କିଟକୁ ହରାଇଛି।

## ଓଡ଼ିଶା ଏଫ୍‌ସି- କ୍ରୀଡ଼ା ବିଭାଗ ମଧ୍ୟରେ ଅଚଳାବସ୍ଥା ଜାରି

ଭୁବନେଶ୍ୱର,୨୦।୫(ସମିସ)

କ୍ରୀଡ଼ା ଓ ଯୁବସେବା ବିଭାଗ ଓ ରାଜ୍ୟର ଏକମାତ୍ର ପେସାଦାର ଫୁଟବଲ କ୍ଲବ ଓଡ଼ିଶା ଏଫ୍‌ସି ମଧ୍ୟରେ ସୃଷ୍ଟି ହୋଇଥିବା ଅଘୋଷିତ ଶୀତଳ ଯୁଦ୍ଧ ଏବେ ପଦାରେ ପଡିଛି। ରାଜ୍ୟ ଫୁଟବଲ ତଥା କ୍ରୀଡ଼ା ପ୍ରଶଂସକଙ୍କ ମଧ୍ୟରେ ଓଡ଼ିଶା ଏଫ୍‌ସିର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି। ସରକାରଙ୍କ କ୍ରୀଡ଼ା ବିଭାଗ ଓ କ୍ଲବ୍ ମଧ୍ୟରେ 'ଅଲ ଇଜ୍ ନଟ୍ ୱେଲ' ଅର୍ଥାତ ସବୁକିଛି ଠିକ୍‌ଠାକ ଚାଲିନାହିଁ ଏକଥା ଫୁଟବଲର ସବୁ ଅଂଶଧାରକ ଏବେ ହୃଦୟଙ୍ଗମ କଲେଣି। ରାଜ୍ୟ ଫୁଟବଲର ବୃହତ୍ତର ସ୍ୱାର୍ଥ ପାଇଁ ଏହି ଭୁଲ୍ ବୁଝାମଣା ଓ ଅଚଳାବସ୍ଥା ଦୂର ହେବାର ଆବଶ୍ୟକତା ରହିଛି। କିନ୍ତୁ ଦୁଇପକ୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ବିରୋଧାଭାସ ସ୍ଥିତିକୁ ଆହୁରି ଜଟିଳ କରିଛି। ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି ବୋଲି କ୍ଲବ ତରଫରୁ କୁହାଯାଇଛି। କିନ୍ତୁ ସମାଧାନ ପାଇଁ କ୍ଲବ ଆଲୋଚନାକୁ ଆସୁନାହିଁ। ବରଂ କ୍ଲବ ବାହାରେ ଅମୂଳକ ଅଭିଯୋଗ ଆଣୁଛି ବୋଲି କ୍ରୀଡ଼ା ବିଭାଗ ତରଫରୁ କୁହାଯାଇଛି। ତେଣୁ ରାଜ୍ୟରେ ଫୁଟବଲର ବିକାଶ ପାଇଁ ଗତ ବିଜେଡି ସରକାର ୨୦୧୯ରେ ଦିଲ୍ଲୀ ଡାଇନାମୋସ ଦଳକୁ ଓଡ଼ିଶାର ଏଫ୍‌ସିର ନାମ ଦେଇ ଯେଉଁ ଅଭିଯାନ ଆରମ୍ଭ କରିଥିଲେ, ଏବେ ତାହା ଅନିଶ୍ଚିତତା ଆଡକୁ ଗତି କରୁଛି।

### ● ଚର୍ଚ୍ଚା ସୃଷ୍ଟି କରିଥିଲା ରୋହନଙ୍କ ପୋଷ୍ଟ

ସର୍ବଭାରତୀୟ ଫୁଟବଲ ଫେଡେରେସନର କ୍ଲବ ଲାଇସେନ୍ସିଂ କମିଟି ଶନିବାର ଓଡ଼ିଶା ଏଫ୍‌ସିର ଲାଇସେନ୍ସ ରଦ୍ଦ କରିବା ଓ ଓଡ଼ିଶା ଏଫ୍‌ସି ମାଲିକ ରୋହନ ଶର୍ମା ସାମାଜିକ ଗଣମାଧ୍ୟମ ଏକ୍ସ'ରେ ନିଜର ଅସନ୍ତୋଷ ଖୋଲାଖୋଲି ଭାବେ ଜାହିର କରିବା ପରେ ଖବର ଲୋକଲୋଚନକୁ ଆସିଥିଲା। ରୋହନ କ୍ରୀଡ଼ା ବିଭାଗର ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଥିଲେ ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ମଧ୍ୟ କ୍ରୀଡ଼ାବିଭାଗ ମଧ୍ୟ ଆନୁଷ୍ଠାନିକ ଭାବେ ଏ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନ ଥିଲା। ଫଳରେ ଦୁଇ ପକ୍ଷ ମଧ୍ୟରେ ସମ୍ପର୍କ ଚରମସୀମାରେ ପହଞ୍ଚିଛି ବୋଲି ଆଶଙ୍କା ପ୍ରକାଶ ପାଇଥିଲା।

### ● ଆଭିମୁଖ୍ୟ ସ୍ପଷ୍ଟ କରୁ କ୍ରୀଡ଼ା ବିଭାଗ

ମିଳିଥିବା ସୂଚନା ଅନୁଯାୟୀ ଖେଳାଳିଙ୍କ ଜର୍ସିରେ ଓଡ଼ିଶା ଲେଖାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ପୁରୁଣା ବୁଝାମଣାକୁ କ୍ଲବ ଆଗକୁ ବଢ଼ାଇବାକୁ ଚାହୁଁନାହିଁ। ଅର୍ଥାତ୍ ଜର୍ସିର ଆଗପଟେ ବା ଖେଳାଳିଙ୍କ ଛାତିରେ ଓଡ଼ିଶା ଲେଖାକୁ କ୍ଲବ ବଜାୟ ରଖିବାକୁ ଚାହୁଁନାହିଁ। ଏହା ଜର୍ସିର ପଛପଟେ ରହିବାକୁ କ୍ଲବ ତରଫରୁ କୁହାଯାଇଛି। କିନ୍ତୁ କ୍ରୀଡ଼ା ବିଭାଗ ଏହାକୁ ଗ୍ରହଣ କରିବାକୁ ନାରାଜ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି। ଏ ସଂକ୍ରାନ୍ତରେ କ୍ରୀଡ଼ା ବିଭାଗ ଖୋଲାଖୋଲି ଭାବେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି। ଏବେ ଆଗକୁ କ'ଣ ହେବ ତାହା ଦେଖିବାକୁ ବାକି ରହିଲା।

### ● କାହିଁକି କଟିଲା ଲାଇସେନ୍ସ

ଏଆଇଏଫ୍ଏଫ୍ ଦ୍ୱାରା ଓଡ଼ିଶା ଏଫ୍‌ସିର ଲାଇସେନ୍ସ କଟିବା ନିହାତି ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ। ଏ ଓ ବି ମାନଦଣ୍ଡକୁ ବଜାୟ ରଖିବାରେ ବିଫଳ ହେବା କାରଣରୁ ଓଡ଼ିଶା ଏଫ୍‌ସିର ମାନ୍ୟତାକୁ କାଟି ଦିଆଯାଇଛି ବୋଲି ଏଆଇଏଫ୍ଏଫ୍ ତରଫରୁ କୁହାଯାଇଛି। ବିଭିନ୍ନ ବୟସ ବର୍ଗ ଓ ଯୁବ ବିଭାଗର ମୁଖ୍ୟ ଉପଲବ୍ଧତାକୁ ନେଇ ଓଡ଼ିଶା ଏଫ୍‌ସି ବିଫଳ ହେବା କାରଣରୁ ଏଆଇଏଫ୍ଏଫ୍ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି। ୨୦୧୯ ଅଗଷ୍ଟ ୩୧ରେ ଓଡ଼ିଶା ଏଫ୍‌ସି ସୃଷ୍ଟି ହୋଇଥିଲା। ଦିଲ୍ଲୀ ଡାଇନାମୋସ ଦଳ ଓଡ଼ିଶା ଏଫ୍‌ସିକୁ ରୂପାନ୍ତରିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS